

ଦାଦା ଭଗବାନ କଥିତ

# କର୍ମର ବିଜ୍ଞାନ





Oriya

ଦାଦା ଭଗବାନ କଥିତ

# କର୍ମର ବିଜ୍ଞାନ

ମୂଳ ଗୁଜରାଟୀ ସଙ୍କଳନ : ଡା. ନୀରୂବେନ ଅମୀନ
ଅନୁବାଦ : ମହାତ୍ମାଗଣ

**ପ୍ରକାଶକ :** ଅଜିତ୍ ସି. ପଟେଲ
ଦାଦା ଭଗବାନ ବିଜ୍ଞାନ ଫାଉଣ୍ଡେସନ୍
1, ବରୁଣ ଆପାର୍ଟମେଣ୍ଟ, 37, ଶ୍ରୀମାଳି ସୋସାଇଟୀ,
ନବରଙ୍ଗପୁରା ପୋଲିସ ଷ୍ଟେସନ୍ ପାଖ, ନବରଙ୍ଗପୁରା,
ଅହମଦାବାଦ - 380009,
Gujarat, India.
ଫୋନ୍ - +91 7935002100

© : Dada Bhagwan Foundation,
5, Mamata Park Society, B/h. Navgujarat College,
Usmanpura, Ahmedabad-380014, Gujarat, India.
**Email :** info@dadabhagwan.org
**Tel.:** +91 79 3500 2100

**All Rights Reserved. No part of this publication may be shared, copied, translated or reproduced in any form (including electronic storage or audio recording) without written permission from the holder of the copyrights. This publication is licensed for your personal use only.**

**ପ୍ରଥମ ସଂସ୍କରଣ :** 500 ଖଣ୍ଡ, ଜୁନ 2021

**ଭାବ ମୂଲ୍ୟ :** 'ପରମ ବିନୟ' ଏବଂ
'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !

**ଦ୍ରବ୍ୟ ମୂଲ୍ୟ :** 40 ଟଙ୍କା

**ମୁଦ୍ରକ :** ଅମ୍ବା ମଲ୍ଟିପ୍ରିଣ୍ଟ
B-99, ଇଲେକ୍ଟ୍ରୋନିକ୍ସ GIDC,
K-6 ରୋଡ଼, ସେକ୍ଟର-25,
ଗାନ୍ଧୀନଗର-382044
Gujarat, India.
ଫୋନ୍ : +91 7935002142

# ତ୍ରିମନ୍ତ୍ର








ନମୋ ଅରିହନ୍ତାଣଂ
ନମୋ ସିଦ୍ଧାଣଂ
ନମୋ ଆୟରିୟାଣଂ
ନମୋ ଉବଜ୍ଝାୟାଣଂ
ନମୋ ଲୋଏ ସବ୍ୱସାହୁଣଂ
ଏସୋ ପଞ୍ଚ ନମୁକ୍କାରୋ,
ସବ୍ୱ ପାବପ୍ପଣାସଣୋ
ମଙ୍ଗଲାଣଂ ଚ ସବ୍ୱେସିଂ,
ପଢମଂ ହବଇ ମଙ୍ଗଲମ୍ ।।୧ ।।
ଓଁ ନମୋ ଭଗବତେ ବାସୁଦେବାୟ ।।୨।।
ଓଁ ନମଃ ଶିବାୟ ।। ୩ ।।
।। ଜୟ ସଚ୍ଚିଦାନନ୍ଦ ।।



## 'ଦାଦା ଭଗବାନ' କିଏ ?

ଜୁନ୍ ୧୯୫୮ର ଏକ ସନ୍ଧ୍ୟା, ସମୟ ପାଖାପାଖି ଛ'ଟା, ଭିଡ଼ରେ ଭରା ସୁରଟ ସହରର ରେଲୱେ ଷ୍ଟେସନ୍, ପ୍ଲାଟ୍‌ଫର୍ମ ନମ୍ବର ୩ର ବେଞ୍ଚ୍ ଉପରେ ବସିଥିବା ଶ୍ରୀ ଅମ୍ବାଲାଲ୍ ମୁଲ୍‌ଜୀଭାଇ ପଟେଲ ରୂପୀ ଦେହମନ୍ଦିରରେ ପ୍ରାକୃତିକ ରୀତିରେ, ଅକ୍ରମ ରୂପରେ, କେତେ ଜନ୍ମରୁ ବ୍ୟକ୍ତ ହେବାପାଇଁ ଆତୁର 'ଦାଦା ଭଗବାନ' ପୂର୍ଣ୍ଣ ରୂପରେ ପ୍ରକଟ ହେଲେ । ଏବଂ ପ୍ରକୃତି ସର୍ଜିତ କଲା ଅଧ୍ୟାତ୍ମର ଅଦ୍ଭୁତ ଆଶ୍ଚର୍ଯ୍ୟ । ଏକ ଘଣ୍ଟାରେ ତାଙ୍କୁ ବିଶ୍ୱ ଦର୍ଶନ ହେଲା । 'ମୁଁ କିଏ ? ଭଗବାନ କିଏ ? ଜଗତ କିଏ ଚଲାଉଛି ? କର୍ମ କ'ଣ ? ମୁକ୍ତି କ'ଣ ?' ଇତ୍ୟାଦି ଜଗତର ସମସ୍ତ ଆଧ୍ୟାତ୍ମିକ ପ୍ରଶ୍ନର ସମ୍ପୂର୍ଣ୍ଣ ରହସ୍ୟ ପ୍ରକଟ ହେଲା । ଏହିପରି ପ୍ରକୃତି, ବିଶ୍ୱ ସମ୍ମୁଖରେ ଏକ ଅଦ୍ୱିତୀୟ ପୂର୍ଣ୍ଣ ଦର୍ଶନ ପ୍ରସ୍ତୁତ କଲା ଏବଂ ତାହାର ମାଧ୍ୟମ ହେଲେ ଶ୍ରୀ ଅମ୍ବାଲାଲ୍ ମୂଳ୍‌ଜୀଭାଇ ପଟେଲ, ଯିଏ ଗୁଜରାଟର ଚରୋତର କ୍ଷେତ୍ରର ଭାଦରଣ ଗାଁ'ର ପାଟୀଦାର, କଣ୍ଟ୍ରାକ୍ଟ ବ୍ୟବସାୟ କରିବାବାଲା, ତଥାପି ପୂର୍ଣ୍ଣ ରୂପରେ ବୀତରାଗ ପୁରୁଷ !

'ବ୍ୟାପାରରେ ଧର୍ମ ରହିବା ଉଚିତ, ଧର୍ମରେ ବ୍ୟାପାର ନୁହେଁ', ଏହି ସିଦ୍ଧାନ୍ତ ସହ ସେ ସାରା ଜୀବନ ବିତାଇଲେ । ଜୀବନରେ କେବେ ମଧ୍ୟ ସେ କାହାରିଠାରୁ ପଇସା ନେଇ ନାହାନ୍ତି, ବରଂ ନିଜ ରୋଜଗାରରୁ ଭକ୍ତମାନଙ୍କୁ ଯାତ୍ରା କରାଉଥିଲେ ।

ତାଙ୍କୁ ଯେପରି ପ୍ରାପ୍ତ ହେଲା, ସେହିପରି କେବଳ ଦୁଇ ଘଣ୍ଟାରେ ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ ସେ ଆତ୍ମଜ୍ଞାନର ପ୍ରାପ୍ତି କରାଉଥିଲେ, ତାଙ୍କର ଅଦ୍ଭୁତ ସିଦ୍ଧ ହୋଇଥିବା ଜ୍ଞାନପ୍ରୟୋଗ ଦ୍ୱାରା । ତାହାକୁ ଅକ୍ରମ ମାର୍ଗ କହିଲେ । ଅକ୍ରମ, ଅର୍ଥାତ୍ ବିନା କ୍ରମରେ ଏବଂ କ୍ରମ ଅର୍ଥାତ୍ ସିଢ଼ି ପରେ ସିଢ଼ି, କ୍ରମାନୁସାରେ ଉପରକୁ ଚଢ଼ିବା । ଅକ୍ରମ ଅର୍ଥାତ୍ ଲିଫ୍ଟ ମାର୍ଗ, ସର୍ଟ କଟ୍ ।

ସେ ନିଜେ ପ୍ରତ୍ୟେକଙ୍କୁ 'ଦାଦା ଭଗବାନ କିଏ ?'ର ରହସ୍ୟ ବତାଇବାକୁ ଯାଇ କହୁଥିଲେ ଯେ, "ଏ ଯିଏ ଆପଣଙ୍କୁ ଦେଖାଯାଉଛନ୍ତି ସେ ଦାଦା ଭଗବାନ ନୁହଁନ୍ତି, ସେ ତ 'ଏ.ଏମ୍. ପଟେଲ' ଅଟେ । ମୁଁ ଜ୍ଞାନୀପୁରୁଷ ଅଟେ ଏବଂ ଭିତରେ ଯିଏ ପ୍ରକଟ ହୋଇଛନ୍ତି, ସେ 'ଦାଦା ଭଗବାନ' ଅଟନ୍ତି । ଦାଦା ଭଗବାନ ତ' ଚଉଦ ଲୋକର ନାଥ ଅଟନ୍ତି । ସେ ତୁମ ଭିତରେ ମଧ୍ୟ ଅଛନ୍ତି, ସମସ୍ତଙ୍କ ଭିତରେ ଅଛନ୍ତି । ତୁମ ଭିତରେ ଅବ୍ୟକ୍ତ ରୂପରେ ଅଛନ୍ତି ଏବଂ 'ଏଠାରେ' ମୋ ଭିତରେ ସମ୍ପୂର୍ଣ୍ଣ ରୂପରେ ବ୍ୟକ୍ତ ହୋଇଛନ୍ତି । ଦାଦା ଭଗବାନଙ୍କୁ ମୁଁ ମଧ୍ୟ ନମସ୍କାର କରେ ।"

# ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ ଲିଙ୍କ୍

"ମୁଁ ତ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବି । ପରେ ଅନୁଗାମୀ ଦରକାର କି ନାହିଁ ? ପରେ ଲୋକଙ୍କୁ ମାର୍ଗ ତ ଦରକାର ନା ?"

**- ଦାଦାଶ୍ରୀ**

ପରମ ପୂଜ୍ୟ ଦାଦାଶ୍ରୀ ଗାଁ'-ଗାଁ', ଦେଶ-ବିଦେଶ ପରିଭ୍ରମଣ କରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି କରାଉ ଥିଲେ । ସେ ନିଜର ଜୀବନକାଳ ମଧ୍ୟରେ ପୂଜ୍ୟ ଡା. ନୀରୁବେନ ଅମୀନ(ନୀରୁମାଁ)ଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଇବାର ଜ୍ଞାନସିଦ୍ଧି ପ୍ରଦାନ କରିଥିଲେ । ଦାଦାଶ୍ରୀଙ୍କ ଦେହବିଲୟ ପରେ ନୀରୁମା ସେହିପରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି, ନିମିତ୍ତ ଭାବରେ କରାଉ ଥିଲେ । ପୂଜ୍ୟ ଦୀପକଭାଇ ଦେଶାଇଙ୍କୁ ଦାଦାଶ୍ରୀ ସତ୍‌ସଙ୍ଗ କରିବା ପାଇଁ ସିଦ୍ଧି ପ୍ରଦାନ କରିଥିଲେ । ନୀରୁମାଁଙ୍କ ଉପସ୍ଥିତିରେ ହିଁ ତାଙ୍କର ଆଶୀର୍ବାଦ ଦ୍ୱାରା ପୂଜ୍ୟ ଦୀପକଭାଇ ଦେଶ-ବିଦେଶରେ ଅନେକ ଜାଗାକୁ ଯାଇ ମୁମୁକ୍ଷୁମାନଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ଯାହା ନୀରୁମାଁଙ୍କ ଦେହବିଲୟ ପରେ ଆଜି ମଧ୍ୟ ଚାଲୁଅଛି । ଏହି ଆତ୍ମଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମୁମୁକ୍ଷୁ ସଂସାରରେ ରହି, ନିଜର ସାଂସାରିକ ଦାୟିତ୍ୱ ବହନ କରି ମଧ୍ୟ ମୁକ୍ତ ରହି ଆତ୍ମରମଣତାର ଅନୁଭବ କରୁଛନ୍ତି ।

ଗ୍ରନ୍ଥରେ ମୁଦ୍ରିତ ବାଣୀ ମୋକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ, କିନ୍ତୁ ମୋକ୍ଷପ୍ରାପ୍ତି ପାଇଁ ଆତ୍ମଜ୍ଞାନ ପ୍ରାପ୍ତ କରିବା ଆବଶ୍ୟକ ଅଟେ । ଅକ୍ରମ ମାର୍ଗ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତିର ମାର୍ଗ ଆଜି ମଧ୍ୟ ଖୋଲା ଅଛି । ଯେପରି ପ୍ରଜ୍ୱଳିତ ଦୀପ ହିଁ ଅନ୍ୟ ଦୀପକୁ ପ୍ରଜ୍ୱଳିତ କରିପାରିବ, ସେହିପରି ପ୍ରତ୍ୟକ୍ଷ ଆତ୍ମଜ୍ଞାନୀଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତ କରି ହିଁ ସ୍ୱୟଂର ଆତ୍ମା ଜାଗୃତ ହୋଇପାରିବ ।

# ନିବେଦନ

ଜ୍ଞାନୀପୁରୁଷ ସଂପୂଜ୍ୟ ଦାଦା ଭଗବାନଙ୍କ ଶ୍ରୀମୁଖରୁ ଅଧ୍ୟାତ୍ମ ତଥା ବ୍ୟବହାର ଜ୍ଞାନ ସମ୍ବନ୍ଧୀୟ ଯେଉଁ ବାଣୀ ବାହାରିଛି, ସେସବୁକୁ ରେକର୍ଡ଼ କରି, ସଙ୍କଳନ ତଥା ସମ୍ପାଦନ କରି ପୁସ୍ତକ ରୂପରେ ପ୍ରକାଶିତ କରାଯାଉଛି । ବିଭିନ୍ନ ବିଷୟ ଉପରେ ବାହାରିଥିବା ସରସ୍ୱତୀର ଅଦ୍‌ଭୁତ ସଙ୍କଳନ ଏହି ପୁସ୍ତକରେ ହୋଇଛି, ଯାହା ନୂଆ ପାଠକଙ୍କ ପାଇଁ ବରଦାନରୂପ ସାବ୍ୟସ୍ତ ହେବ ।

ପ୍ରସ୍ତୁତ ଅନୁବାଦରେ ଏହା ବିଶେଷ ଧ୍ୟାନ ରଖାଯାଇଛି ଯେ ପାଠକଙ୍କୁ ଦାଦାଜୀଙ୍କର ହିଁ ବାଣୀ ଶୁଣା ଯାଉଛି, ଏପରି ଅନୁଭବ ହେଉ, ଯେଉଁ କାରଣରୁ ହୁଏତ କିଛି ଜାଗାରେ ଅନୁବାଦର ବାକ୍ୟ ରଚନା ଓଡ଼ିଆ ବ୍ୟାକରଣ ଅନୁସାରେ ତ୍ରୁଟିପୂର୍ଣ୍ଣ ଲାଗିପାରେ, କିନ୍ତୁ ଏଠାରେ ଯଦି ଆଶୟକୁ ବୁଝି ପଢ଼ାଯାଏ ତେବେ ଅଧିକ ଲାଭକାରୀ ହେବ ।

ପ୍ରସ୍ତୁତ ପୁସ୍ତକରେ ଅନେକ ଜାଗାରେ ବନ୍ଧନୀରେ ଦର୍ଶା ଯାଇଥିବା ଶବ୍ଦ ବା ବାକ୍ୟ ପରମ ପୂଜ୍ୟ ଦାଦାଶ୍ରୀଙ୍କ ଦ୍ୱାରା କୁହା ଯାଇଥିବା ବାକ୍ୟକୁ ଅଧିକ ସ୍ପଷ୍ଟତାପୂର୍ବକ ବୁଝାଇବା ପାଇଁ ଲେଖାଯାଇଛି । ଯେବେକି କିଛି ଜାଗାରେ ଇଂରାଜୀ ଶବ୍ଦର ଓଡ଼ିଆ ଅର୍ଥ ରୂପରେ ରଖାଯାଇଛି । ଦାଦାଶ୍ରୀଙ୍କ ଶ୍ରୀମୁଖରୁ ବାହାରିଥିବା କିଛି ଗୁଜରାଟୀ ଶବ୍ଦ ଯେମିତିକୁ ସେମିତି *ଇଟାଲିକ୍ସରେ* ରଖାଯାଇଛି, କାରଣ ସେହି ଶବ୍ଦଗୁଡ଼ିକ ପାଇଁ ଓଡ଼ିଆରେ ଏପରି କୌଣସି ଶବ୍ଦ ନାହିଁ, ଯାହା ତାହାର ପୂର୍ଣ୍ଣ ଅର୍ଥ ଦେଇ ପାରିବ । ପରନ୍ତୁ ସେହି ଶବ୍ଦର ସମାର୍ଥକ ଶବ୍ଦ, ବନ୍ଧନୀରେ ଏବଂ ପୁସ୍ତକର ଶେଷରେ ମଧ୍ୟ ଦିଆଯାଇଛି ।

ଜ୍ଞାନୀଙ୍କ ବାଣୀକୁ ଓଡ଼ିଆ ଭାଷାରେ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରୟାସ କରାଯାଇଛି ତଥାପି ଦାଦାଶ୍ରୀଙ୍କ ଆତ୍ମଜ୍ଞାନର ପ୍ରକୃତ ଆଶୟ, ଯେମିତିକୁ ସେମିତି, ଆପଣଙ୍କୁ ମୂଳ ଗୁଜରାଟୀ ଭାଷାରେ ହିଁ ଅବଗତ ହେବ । ଯେଉଁମାନଙ୍କୁ ଜ୍ଞାନର ଗଭୀରତାକୁ ଯିବାର ଥିବ, ଜ୍ଞାନର ପ୍ରକୃତ ମର୍ମ ବୁଝିବାର ଥିବ, ସେମାନେ ଏଥିପାଇଁ ଗୁଜରାଟୀ ଭାଷା ଶିଖନ୍ତୁ, ଏହା ଆମର ଅନୁରୋଧ ।

ଅନୁବାଦଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥୀ ଅଟୁ ।

# ସମ୍ପାଦକୀୟ

ଅକସ୍ମିତ, ଅନିର୍ଦ୍ଧାରିତ ଘଟଣା ସବୁ ପ୍ରାୟତଃ ଟି.ଭି. ଅଥବା ଖବରକାଗଜରୁ ଜାଣିବାକୁ ମିଳେ । ଯେପରିକି ପ୍ଲେନ୍ କ୍ରାସ୍ ହେଲା ଏବଂ ୪୦୦ ଲୋକ ମରିଗଲେ, ବଡ଼ ବମ୍ ବ୍ଲାଷ୍ଟ ହେଲା, ନିଆଁ ଲାଗିଲା, ଭୂକମ୍ପ, ତୋଫାନ ଆସିଲା, ହଜାର-ହଜାର ଲୋକ ମରିଗଲେ ! କେତେ ଲୋକ ଆକ୍ସିଡେଣ୍ଟରେ ମରିଗଲେ, କିଛି ରୋଗରେ ମଲେ, ଆଉ କିଛି ଜନ୍ମ ହେଉ ହେଉ ମରିଗଲେ ! କିଛି ଲୋକ ଅନାହାର କାରଣରୁ ଆତ୍ମହତ୍ୟା କରିଦେଲେ ! ଧର୍ମାତ୍ମା କଳା କାରନାମା କରୁଥିବା ବେଳେ ଧରା ପଡ଼ିଲେ, କେତେ ଭିକାରୀ ଖାଇବାକୁ ନପାଇ ମରିଗଲେ ! ଯେବେକି ସନ୍ଥ, ଭକ୍ତ, ଜ୍ଞାନୀ ପରି ଉଚ୍ଚ ମହାତ୍ମା ନିଜାନନ୍ଦରେ ଜୀବନ ବ୍ୟତୀତ କରୁଛନ୍ତି ! ପ୍ରତ୍ୟେକ ଦିନ ଦିଲ୍ଲୀର କାଣ୍ଡ ଲୋକଲୋଚନକୁ ଆସେ, ଏପରି ସବୁ ସମାଚାରରୁ ପ୍ରତ୍ୟେକ ମନୁଷ୍ୟର ହୃଦୟରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି ହୋଇଯାଏ, ଯେ ଏହାର ରହସ୍ୟ କ'ଣ ? କ'ଣ ଏହା ପଛରେ କିଛି ଗୁପ୍ତ କାରଣ ଲୁଚି ରହିଛି ? ନିର୍ଦ୍ଦୋଷ ବାଳକ ଜନ୍ମ ହେଉ ହେଉ କାହିଁକି ଅପଙ୍ଗ ହେଲା ? ହୃଦୟ ତରଳି ଯାଏ, ଅନେକ ମନ୍ଥନ କରିବା ସତ୍ତ୍ୱେ ସମାଧାନ ମିଳିପାରେ ନାହିଁ ଏବଂ ଶେଷରେ ନିଜ-ନିଜର କର୍ମ ଅଟେ, ଏପରି ମାନିନେଇ, ଅସମାଧାନ ପ୍ରାପ୍ତ ଭାରୀ ମନ ସହ ଚୁପ ହୋଇଯାନ୍ତି ! କର୍ମ ଅଟେ ଏପରି କୁହନ୍ତି, ତଥାପି କର୍ମ କ'ଣ ହୋଇଥିବ ? କିପରି ବାନ୍ଧି ହେଉଥିବ ? ତା'ର ଆରମ୍ଭ କେଉଁଠୁ ? ପ୍ରଥମ କର୍ମ କେଉଁଠୁ ଆରମ୍ଭ ହେଲା ? କ'ଣ କର୍ମରୁ ମୁକ୍ତି ମିଳି ପାରିବ ? କ'ଣ କର୍ମର *ଭୋଗବଟା* (ସୁଖ-ଦୁଃଖର ପ୍ରଭାବ)କୁ ଟାଳି ହେବ ? ଏସବୁ ଭଗବାନ କରୁଛନ୍ତି ନା କର୍ମ କରାଉଛି ? ମୃତ୍ୟୁ ପରେ କ'ଣ ? କର୍ମ କିଏ ବାନ୍ଧୁଛି ! ଭୋଗୁଛି କିଏ ? ଆତ୍ମା ନା ଦେହ ?

ଆମ ଲୋକେ କର୍ମ କାହାକୁ କୁହନ୍ତି ? କାମ-ଧନ୍ଦା କରନ୍ତି, ସତ୍‌କାର୍ଯ୍ୟ କରନ୍ତି, ଦାନ-ଧର୍ମ କରନ୍ତି, ସେସବୁକୁ 'କର୍ମ କଲୁ' କୁହନ୍ତି, ଜ୍ଞାନୀ ତାହାକୁ କର୍ମ କୁହନ୍ତି ନାହିଁ ବରଂ କର୍ମଫଳ କୁହନ୍ତି । ଯାହା ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଦେଖି ହୁଏ, ଅନୁଭବ କରି ହୁଏ, ସେ ସବୁ ସ୍ଥୁଳ ଅଟେ ତାହାକୁ କର୍ମଫଳ ଅର୍ଥାତ ଡିସ୍‌ଚାର୍ଜ କର୍ମ କୁହାଯାଏ । ପୂର୍ବ ଜନ୍ମରେ ଯାହା ଚାର୍ଜ କରିଥିଲେ, ତାହା ଆଜି ଡିସ୍‌ଚାର୍ଜରେ ଆସିଲା, ରୂପକରେ ଆସିଲା ଆଉ ଏବେ ଯେଉଁ ନୂଆ କର୍ମ ଚାର୍ଜ କରୁଛେ, ତାହା ତ ସୂକ୍ଷ୍ମରେ ହେଉଛି, ସେହି ଚାର୍ଜିଙ୍ଗ ପଏଣ୍ଟ୍ କାହାକୁ ବି ଜଣା ପଡ଼ି ପାରେ ନାହିଁ ।

ଜଣେ ସେଠ୍‌ଙ୍କୁ ଏକ ସଂସ୍ଥାବାଲା ଟ୍ରଷ୍ଟି ଧର୍ମାର୍ଥେ ଦାନ ଦେବା ପାଇଁ ଚାପ ପକାନ୍ତି, ସେଥିପାଇଁ ସେଠ୍ ପାଞ୍ଚଲକ୍ଷ ଟଙ୍କା ଦାନରେ ଦେଇ ଦିଅନ୍ତି । ପରେ ସେହି

ସେଠ୍‌ଙ୍କ ମିତ୍ର ସେଠ୍‌ଙ୍କୁ ପଚାରନ୍ତି 'ଆରେ, ତୁ ଏମାନଙ୍କୁ କାହିଁକି ଦେଲୁ ? ଏମାନେ ସବୁ ଚୋର ଅଟନ୍ତି, ଖାଇଯିବେ ତୋ ପଇସା ।' ତେବେ ସେଠ୍ କୁହନ୍ତି, 'ସେ ସମସ୍ତଙ୍କୁ, ଜଣ-ଜଣଙ୍କୁ ମୁଁ ଭଲ ଭାବେ ଚିହ୍ନିଛି, କିନ୍ତୁ କ'ଣ କରିବି ? ସେହି ସଂସ୍ଥାର ଚେୟାରମ୍ୟାନ୍ ମୋ ସମୁଦି ଅଟନ୍ତି, ସେଥିପାଇଁ ତାଙ୍କ ଚାପରେ ଦେବାକୁ ପଡ଼ିଲା, ନହେଲେ ତ ମୁଁ ପାଞ୍ଚଟଙ୍କା ବି ଦେବି ଏପରି ନୁହେଁ!' ଏବେ ପାଞ୍ଚଲକ୍ଷ ଟଙ୍କା ଦାନରେ ଦେଲେ ତାହାଦ୍ୱାରା ବାହାରେ ତ ଲୋକଙ୍କୁ ସେଠ୍‌ଙ୍କ ପ୍ରତି 'ଧନ୍ୟ-ଧନ୍ୟ' ହୋଇଗଲା, କିନ୍ତୁ ତାହା ତାଙ୍କର ଡିସ୍‌ଚାର୍ଜ କର୍ମ ଥିଲା ଆଉ ଚାର୍ଜ କ'ଣ କଲା ସେଠ୍? ପାଞ୍ଚଟଙ୍କା ବି ଦେବି ନାହିଁ! ସେପରି ଭିତରେ ସୂକ୍ଷ୍ମରେ ଓଲଟା ଚାର୍ଜ କରେ । ତାହାଦ୍ୱାରା ଆସନ୍ତା ଜନ୍ମରେ ପାଞ୍ଚଟଙ୍କା ମଧ୍ୟ ଦେଇ ପାରିବ ନାହିଁ କାହାକୁ! ଆଉ ଅଲଗା ଜଣେ ଗରିବ ବ୍ୟକ୍ତି ସେହି ସଂସ୍ଥାର ଲୋକଙ୍କୁ କେବଳ ପାଞ୍ଚଟଙ୍କା ହିଁ ଦିଏ ଏବଂ କୁହେ ଯେ 'ମୋ ପାଖରେ ଯଦି ପାଞ୍ଚଲକ୍ଷ ଥାଆନ୍ତା ତେବେ ସେସବୁ ଦେଇ ଦେଇଥାନ୍ତି!' ଯିଏ ହୃଦୟର ସହ ଦିଏ, ସେ ଆସନ୍ତା ଜନ୍ମରେ ପାଞ୍ଚଲକ୍ଷ ଦେଇ ପାରିବ । ଏହିପରି ଏହି ବାହାରେ ଯାହା ଦେଖାଯାଏ, ତାହା ତ ଫଳ ଅଟେ ଆଉ ଭିତରେ ସୂକ୍ଷ୍ମରେ ବୀଜ ପଡ଼ିଯାଏ, ତାହା କାହାକୁ ବି ଜଣା ପଡ଼ି ପାରେ ନାହିଁ । ତାହା ତ ଯେବେ ଦୃଷ୍ଟି ଅନ୍ତର୍ମୁଖ ହୋଇଯାଏ, ସେତେବେଳ ଦେଖାଯାଏ । ଏବେ ଏହା ଯଦି ବୁଝା ପଡ଼ିଯାଏ ତେବେ ଭାବ ବିଗିଡ଼ିବ କି ?

ପୂର୍ବଜନ୍ମରେ, 'ଖାଇ-ପିଇ ମଜା କରିବାର ଅଛି', ଏପରି କର୍ମ ବାନ୍ଧିକି ଆଣିଲା, ତାହା ସଞ୍ଚିତ କର୍ମ । ତାହା ସୂକ୍ଷ୍ମରେ ଷ୍ଟକ୍‌ରେ ଥାଏ ତାହା ଯେବେ ଫଳ ଦେବା ପାଇଁ ସମ୍ମୁଖ ହୁଏ ସେତେବେଳେ ଜଙ୍କ୍‌ଫୁଡ୍ ଖାଇବା ପାଇଁ ପ୍ରେରିତ ହୁଏ ଏବଂ ଖାଇ ନିଏ, ତାହା ପ୍ରାରବ୍ଧ କର୍ମ ଏବଂ ତାହାର ପୁଣି ଫଳ ଆସେ ଅର୍ଥାତ ଇଫେକ୍ଟର ଇଫେକ୍ଟ ଆସେ ଯାହା ଫଳରେ ତା'ର ନାଳଝାଡ଼ା ହୋଇଯାଏ, ଦେହ ଖରାପ ହୋଇଯାଏ, ତାହା କ୍ରିୟମାଣ କର୍ମ ।

ପରମ ପୂଜ୍ୟ ଦାଦାଶ୍ରୀ କର୍ମର ସିଦ୍ଧାନ୍ତ ଠାରୁ ବି ଆଗକୁ 'ବ୍ୟବସ୍ଥିତ' ଶକ୍ତିକୁ 'ଜଗତ ନିୟନ୍ତା' କହିଛନ୍ତି, ଯାହାର ମାତ୍ର ଏକ ଅଂଶ ହେଉଛି କର୍ମ । 'ବ୍ୟବସ୍ଥିତ'ରେ କର୍ମ ସମାହିତ ହୋଇଯାଏ, କିନ୍ତୁ କର୍ମରେ 'ବ୍ୟବସ୍ଥିତ' ସମାଏ ନାହିଁ । କର୍ମ ତ ତାହା ଅଟେ ଯାହା ବୀଜ ରୂପରେ ଆମେ ପୂର୍ବଜନ୍ମରୁ ସୂକ୍ଷ୍ମରେ ବାନ୍ଧି ଆଣିଛେ । ଏବେ ଏତିକିରେ କିଛି ସରେ ନାହିଁ । ଯେବେ ସେହି କର୍ମର ଫଳ ଆସେ ଅର୍ଥାତ ବୀଜରୁ ବୃକ୍ଷ ହୁଏ ଏବଂ ଫଳ ଆସେ, ସେପର୍ଯ୍ୟନ୍ତ ଅଲଗା କେତେ ସଂଯୋଗର ସେଥିରେ ଆବଶ୍ୟକତା ପଡ଼େ । ବୀଜ ପାଇଁ ମାଟି, ପାଣି, ଖତ, ଥଣ୍ଡା, ସୂର୍ଯ୍ୟକିରଣ, ସମୟ, ସବୁ ସଂଯୋଗ

ଏକାଠି ହେବା ପରେ ଯାଇ ଆମ୍ବ ଗଛ ହୁଏ ଏବଂ ଆମ୍ବ ମିଳେ । ଦାଦାଶ୍ରୀ ବହୁତ ସୁନ୍ଦର ରୂପେ ସ୍ପଷ୍ଟ କରିଛନ୍ତି ଯେ ଏସବୁ ତ ଫଳ ଅଟେ । କର୍ମବୀଜ ତ ଭିତରେ ସୂକ୍ଷ୍ମରେ କାମ କରେ ।

ବହୁତ ଲୋକଙ୍କୁ ଏହି ପ୍ରଶ୍ନ ହୁଏ ଯେ ପ୍ରଥମ କର୍ମ କିପରି ବନ୍ଧା ହେଲା ? ପ୍ରଥମେ ଦେହ ନା ପ୍ରଥମେ କର୍ମ ? ଏହା ତ ଏପରି କଥା ହେଲା ଯେପରି ପ୍ରଥମେ ଅଣ୍ଡା ନା ପ୍ରଥମେ କୁକୁଡ଼ା ? ପ୍ରକୃତ ବାସ୍ତବିକତାରେ 'ପ୍ରଥମ କର୍ମ' ପରି କିଛି ଜିନିଷ ହିଁ ନାହିଁ ୱର୍ଲଡ଼୍(ଜଗତ)ରେ ! କର୍ମ ଏବଂ ଆତ୍ମା ସବୁ ଅନାଦି କାଳରୁ ଅଛନ୍ତି । ଯାହାକୁ ଆମେ କର୍ମ କହୁଛେ, ତାହା ଜଡ଼ ତତ୍ତ୍ୱ ଅଟେ ଏବଂ ଆତ୍ମା ଚେତନ ତତ୍ତ୍ୱ ଅଟେ । ଉଭୟ ତତ୍ତ୍ୱ ଅଲଗା ହିଁ ଅଟନ୍ତି ଏବଂ ତତ୍ତ୍ୱ ଅର୍ଥାତ ସନାତନ ବସ୍ତୁ ଅଟେ । ଯିଏ ସନାତନ ଅଟେ, ତା'ର ଆଦି କେଉଁଠୁ? ଏହା ତ ଆତ୍ମା ଏବଂ ଜଡ଼ ତତ୍ତ୍ୱର ସଂଯୋଗ ହେଲା ଏବଂ ସେଥିରେ ଆରୋପିତ ଭାବର ଆରୋପଣ ହୋଇ ଚାଲିଲା । ତାହାର ଏହି ଫଳ ଆସି ପହଞ୍ଚିଲା । ସଂଯୋଗ ବିୟୋଗୀ ସ୍ୱଭାବର ଅଟେ । ସେଥିପାଇଁ ସଂଯୋଗ ଆସେ ଏବଂ ଯାଏ । ନାନା ପ୍ରକାର ଅବସ୍ଥା ସବୁ ଉତ୍ପନ୍ନ ହୋଇଯାଏ ଏବଂ ଚାଲିଯାଏ । ସେଥିରେ ରଙ୍ଗ୍ ବିଲିଫ୍ ଉତ୍ପନ୍ନ ହୋଇଯାଏ ଯେ 'ଏହା ମୁଁ ଅଟେ ଏବଂ ଏହା ମୋର ଅଟେ ।' ତାହାଦ୍ୱାରା ଏହି ରୂପୀ ଜଗତ(ଭୌତିକ ଜଗତ) ଭାସ୍ୟମାନ ହୁଏ । ଏହି ରହସ୍ୟ ଯଦି ବୁଝାପଡ଼େ, ତେବେ ଶୁଦ୍ଧାତ୍ମା ଏବଂ ସଂଯୋଗ କେବଳ ଏହି ଦୁଇଟି ଜିନିଷ ଅଛି ଜଗତରେ । ଏତିକି ନବୁଝିବା କାରଣରୁ ଭିନ୍ନ-ଭିନ୍ନ ସ୍ଥୂଳ ଭାଷାରେ କର୍ମ, ଭାଗ୍ୟ, ପ୍ରାରବ୍ଧ ସବୁ କହିବାକୁ ପଡ଼ିଛି । କିନ୍ତୁ ବିଜ୍ଞାନ ଏତିକି ହିଁ କୁହେ, ଯଦି କେବଳ ସବୁ ସଂଯୋଗରୁ ଅଲଗା ହୋଇଯାଏ ତେବେ ଆତ୍ମାରେ ହିଁ ରହିପାରିବ ! ତେବେ ପୁଣି କର୍ମ ପରି କିଛି ରହିବ ହିଁ ନାହିଁ ।

କର୍ମବନ୍ଧନ କିପରି ହୁଏ ?

କର୍ତ୍ତାଭାବରୁ କର୍ମବନ୍ଧନ ହୁଏ ।

କର୍ତ୍ତାଭାବ କାହାକୁ କୁହନ୍ତି ?

କରେ ଅନ୍ୟ କେହି, ଏବଂ ମାନେ ଯେ 'ମୁଁ କରୁଛି', ତାହା କର୍ତ୍ତାଭାବ ।

କର୍ତ୍ତାଭାବ କାହାଦ୍ୱାରା ହୁଏ ?

ଅହଙ୍କାର ଦ୍ୱାରା ।

ଅହଙ୍କାର କାହାକୁ କୁହନ୍ତି ?

ଯାହା ନିଜେ ନୁହେଁ, ସେଠି 'ମୁଁ' ବୋଲି ଆରୋପଣ କରେ, ତାହାକୁ ଅହଙ୍କାର କୁହାଯାଏ । ଆରୋପିତ ଭାବ, ତାହାକୁ ଅହଙ୍କାର କୁହାଯାଏ । 'ମୁଁ ଚନ୍ଦୁଲାଲ ଅଟେ' ଏପରି ମାନେ, ତାହା ହିଁ ଅହଙ୍କାର । ବାସ୍ତବରେ ନିଜେ ଚନ୍ଦୁଲାଲ ଅଟେ ? କି ଚନ୍ଦୁଲାଲ ନାମ ଅଟେ ? ନାମକୁ 'ମୁଁ' ମାନେ, ଶରୀରକୁ 'ମୁଁ' ମାନେ, ମୁଁ ସ୍ୱାମୀ ଅଟେ, ଏସବୁ ରଙ୍ଗ୍ ବିଲିଫ୍ ଅଟେ । ବାସ୍ତବରେ ତ ନିଜେ ଆତ୍ମା ହିଁ ଅଟେ, ଶୁଦ୍ଧାତ୍ମା ହିଁ ଅଟେ, କିନ୍ତୁ ତାହାର *ଭାନ୍*(ହୋସ୍) ନାହିଁ, ଜ୍ଞାନ ନାହିଁ, ସେଥିପାଇଁ ମୁଁ ଚନ୍ଦୁଲାଲ, ମୁଁ ହିଁ ଦେହ ଅଟେ ଏପରି ମାନେ । ଏହା ହିଁ ଅଜ୍ଞାନତା ! ଏବଂ ଏହାଦ୍ୱାରା ହିଁ କର୍ମବନ୍ଧନ ହୁଏ ।

*ଛୁଟେ ଦେହାଧ୍ୟାସ ତୋ ନେହିଁ କର୍ତ୍ତା ତୁ କର୍ମ,*
*ନେହିଁ ଭୋକ୍ତା ତୁ ତେହନୋ ଏ ଛେ ଧର୍ମନୋ ମର୍ମ ।*

– ଶ୍ରୀମଦ ରାଜଚନ୍ଦ୍ର ।

*ଜୋ ତୁ ଜୀବ ତୋ କର୍ତ୍ତା ହରି,*
*ଜୋ ତୁ ଶିବ ତୋ ବସ୍ତୁ ଖରୀ ।*

– ଅଖା ଭଗତ ।

'ମୁଁ ଚନ୍ଦୁଲାଲ ଅଟେ' ଏପରି *ଭାନ୍* (ମାନ୍ୟତା) ଅଛି, ତାହାକୁ ଜୀବଦଶା କହିଛନ୍ତି ଆଉ 'ମୁଁ ଚନ୍ଦୁଲାଲ ନୁହେଁ କିନ୍ତୁ ବାସ୍ତବରେ ମୁଁ ତ ଶୁଦ୍ଧାତ୍ମା ଅଟେ', ତାହାର *ଭାନ୍*, ଜ୍ଞାନ ନିରନ୍ତର ରହେ ତାହାକୁ ଶିବପଦ କହିଛନ୍ତି । ନିଜେ ହିଁ ଶିବ ଅଟେ, ଆତ୍ମା ହିଁ ପରମାତ୍ମା ଅଟେ ଏବଂ କୌଣସି ବି ସଂସାରୀ ଜିନିଷ କରିବାର ତା'ର ସ୍ୱଭାବ ନୁହେଁ । ସ୍ୱଭାବରୁ ହିଁ ଆତ୍ମା ଅକ୍ରିୟ ଅଟେ, ଅସଙ୍ଗ ଅଟେ । ଯାହାଙ୍କୁ ନିରନ୍ତର ଏପରି ଧ୍ୟାନରେ ରହେ ଯେ 'ମୁଁ ଆତ୍ମା ଅଟେ ଏବଂ ମୁଁ କିଛି ବି କରୁ ନାହିଁ', ତାଙ୍କୁ ଜ୍ଞାନୀ କହିଛନ୍ତି ଏବଂ ତାହା ପରେ ପୁଣି ଗୋଟିଏ ବି ନୂଆ କର୍ମବନ୍ଧନ ହୁଏ ନାହିଁ । ପୁରୁଣା ଡିସ୍‌ଚାର୍ଜ କର୍ମ ଫଳ ଦେଇ ସମାପ୍ତ ହୋଇଚାଲେ ।

ଯେଉଁ କର୍ମବୀଜ ପୂର୍ବ ଜନ୍ମରେ ବୁଣନ୍ତି, ସେହି କର୍ମର ଫଳ ଏହି ଜନ୍ମରେ ଆସେ । ସେତେବେଳେ ଏହି ଫଳ କିଏ ଦିଏ ? ଭଗବାନ ? ନା । ତାହା ପ୍ରକୃତି ଦିଏ । ଯାହାକୁ ପରମ ପୂଜ୍ୟ ଦାଦାଶ୍ରୀ ସାଇଣ୍ଟିଫିକ୍ ସରକମ୍‌ଷ୍ଟେନ୍ସିୟଲ୍ ଏଭିଡେନ୍ସ – 'ବ୍ୟବସ୍ଥିତ ଶକ୍ତି' କୁହନ୍ତି । ଯେଉଁ ଚାର୍ଜର ଡିସଚାର୍ଜ ନେଚୁରାଲୀ ଏବଂ ଅଟୋମେଟିକାଲୀ ହୁଏ । ସେହି ଫଳକୁ ଭୋଗିବା ସମୟରେ ଅଜ୍ଞାନତା କାରଣରୁ ପୁଣି ପସନ୍ଦ-ନାପସନ୍ଦ, ରାଗ୍-

ଦ୍ୱେଷ କରିବା ବିନା ରହେ ନାହିଁ । ଯାହାଦ୍ୱାରା ନୂଆ ବୀଜ ପକାଏ । ଯାହାର ଫଳ ଆସନ୍ତା ଜନ୍ମରେ ଭୋଗିବାକୁ ପଡ଼େ । ଜ୍ଞାନୀ ନୂଆ ବୀଜ ପଡ଼ିବାରୁ ଅଟକାନ୍ତି, ଯାହାଦ୍ୱାରା ପୂର୍ବ ଫଳ ପୂରା ହୋଇ ମୋକ୍ଷପଦର ପ୍ରାପ୍ତି ହୁଏ !

କେହି ଆମର ଅପମାନ କରେ, କ୍ଷତି କରେ, ସେ ତ ନିମିତ୍ତ(ମାଧ୍ୟମ) ଅଟେ, ନିର୍ଦ୍ଦୋଷ ଅଟେ । ବିନା କାରଣରେ କାର୍ଯ୍ୟ କିପରି ହେବ ? ନିଜେ ଅପମାନିତ ହେବାର କାରଣ ବାନ୍ଧିକି ଆଣିଛି ତାହାର ଫଳ, ତାହାର ଇଫେକ୍ଟ ଯେବେ ଆସି ସାମ୍ନାରେ ପହଞ୍ଚେ, ସେତେବେଳେ ଅଲଗା ଅନେକ ଦୃଶ୍ୟମାନ ନିମିତ୍ତ ସେଥିରେ ଏକାଠି ହେବା ଦରକାର । କେବଳ ବୀଜରୁ ହିଁ ଫଳ ହୁଏ ନାହିଁ, କିନ୍ତୁ ଯଦି ସବୁ ନିମିତ୍ତ ଏକାଠି ହୁଅନ୍ତି, ତେବେ ଯାଇ ବୀଜରୁ ବୃକ୍ଷ ହୁଏ ଏବଂ ଫଳ ଚାଖିବାକୁ ମିଳେ । ଏଣୁ ଏ ଯେଉଁ ଫଳ ଆସେ, ସେଥିରେ ଅନ୍ୟ ନିମିତ୍ତଙ୍କ ବିନା ଫଳ କିପରି ଆସିବ ? ଅପମାନ ଖାଇବାର ବୀଜ ଆମେ ହିଁ ବୁଣିଛେ, ତାହାର ଫଳ ଆସେ, ଅପମାନ ମିଳିବା ପାଇଁ ଅନ୍ୟ ନିମିତ୍ତ ମିଳିବା ହିଁ ଦରକାର । ଏବେ ଅଜ୍ଞାନତା କାରଣରୁ ସେହି ନିମିତ୍ତମାନଙ୍କୁ ଦୋଷୀ ଦେଖି କଷାୟ(କ୍ରୋଧ-ମାନ-ମାୟା-ଲୋଭ, ରାଗ୍-ଦ୍ୱେଷ) କରି ମନୁଷ୍ୟ ନୂଆ କର୍ମ ବାନ୍ଧେ । ଯଦି ଏହି ଜ୍ଞାନ ଉପସ୍ଥିତ ରହେ ଯେ ସାମ୍ନାବାଲା ନିମିତ୍ତ ଅଟେ, ନିର୍ଦ୍ଦୋଷ ଅଟେ ଏବଂ ଏହି ଯେଉଁ ଅପମାନ ମିଳୁଛି ତାହା ମୋ କର୍ମର ହିଁ ଫଳ ଅଟେ, ତେବେ ନୂଆ କର୍ମବନ୍ଧନ ହେବ ନାହିଁ ଏବଂ ସେତିକି ମୁକ୍ତ ରହି ହେବ । ଆଉ ଯଦି ସାମ୍ନାବାଲା ଦୋଷୀ ଦେଖାଯାଏ ତେବେ ତୁରନ୍ତ ତା'କୁ ନିର୍ଦ୍ଦୋଷ ଦେଖିବା ଏବଂ (ଯେଉଁ) ଦୋଷୀ ଦେଖିଲେ ତାହା ପାଇଁ ଶୁଟ୍ ଏଟ୍ ଶାଇଟ୍ (ଦେଖିବା ମାତ୍ରେ ଗୁଳି ମାରିବା) ପ୍ରତିକ୍ରମଣ କରିଦେବା, ଯାହାଦ୍ୱାରା ବୀଜ ଭାଜି ହୋଇଯିବ ଏବଂ ଅଙ୍କୁରିତ ହେବ ହିଁ ନାହିଁ ।

ଅନ୍ୟ ସବୁ ନିମିତ୍ତ ଏକାଠି ହୋଇ ନିଜଦ୍ୱାରା ବୁଣା ଯାଇଥିବା ବୀଜର ଫଳ ଆସିବା ଏବଂ ନିଜକୁ ଭୋଗିବାକୁ ପଡ଼େ, ସେ ପୁରା ପ୍ରୋସେସ୍ ଓନ୍‌ଲୀ ସାଇଣ୍ଟିଫିକ୍ ସରକମସ୍ଟେନ୍ସିୟଲ୍ ଏଭିଡେନ୍ସ (ବୈଜ୍ଞାନିକ ସଂଯୋଗଯୁକ୍ତ ପ୍ରମାଣ) ଅଟେ ଏବଂ ତାହାକୁ ହିଁ ଦାଦାଶ୍ରୀ କହିଛନ୍ତି ଯେ 'ବ୍ୟବସ୍ଥିତ ଶକ୍ତି' ଫଳ ଦିଏ ।

'ଜ୍ଞାନୀପୁରୁଷ' ପରମ ପୂଜ୍ୟ ଶ୍ରୀ ଦାଦା ଭଗବାନ ନିଜ ଜ୍ଞାନରେ ଅବଲୋକନ କରି ଦୁନିଆକୁ 'କର୍ମର ବିଜ୍ଞାନ' ଦେଇଛନ୍ତି, ଯାହା ଦାଦାଶ୍ରୀଙ୍କ ବାଣୀରେ ଏଠାରେ ସଂକ୍ଷେପରେ ପୁସ୍ତକ ରୂପରେ ରଖାଯାଇଛି, ଯାହା ପାଠକଙ୍କୁ ଜୀବନରେ ବିଭ୍ରାନ୍ତିକର ସମସ୍ୟାରେ ସମାଧାନକାରୀ ଉପାୟ ଦେବ !

**-ଡା. ନୀରୂବେନ ଅମୀନଙ୍କ**

**ଜୟ ସଚ୍ଚିଦାନନ୍ଦ**

# କର୍ମର ବିଜ୍ଞାନ

## କରୁଛେ ନା କରିବାକୁ ପଡୁଛି ?

**ଦାଦାଶ୍ରୀ :** କ'ଣ ତୁମ ସହିତ କେବେ ଏପରି ହେଉଛି ଯେ ତୁମର ଇଚ୍ଛା ନଥିବ ତଥାପି ତୁମକୁ ସେପରି କିଛି କରିବାକୁ ପଡ଼େ ? ଏପରି କିଛି ହେଉଛି ତୁମ ସହିତ କେବେ ? ଏପରି ହୁଏ କି ନାହିଁ ?

**ପ୍ରଶ୍ନକର୍ତ୍ତା :** ହଁ । ଏପରି ହୁଏ ।

**ଦାଦାଶ୍ରୀ :** ଲୋକଙ୍କୁ ବି ହେଉଥିବ କି ନାହିଁ ? ତାହାର କ'ଣ କାରଣ ଯେ ଇଚ୍ଛା ନଥିବ ଆଉ କରିବାକୁ ପଡୁଛି ? ଯାହା ପୂର୍ବକର୍ମ କରାଯାଇଛି, ଏହା ତାହାର ଇଫେକ୍ଟ(ପରିଣାମ) ଆସିଛି । ବାଧ୍ୟତାପୂର୍ବକ କରନ୍ତି, ତାହାର କାରଣ କ'ଣ ?

ଜଗତର ଲୋକେ ଏହି ଇଫେକ୍ଟକୁ ହିଁ କଜ୍(କାରଣ) କୁହନ୍ତି ଏବଂ ସେହି ଇଫେକ୍ଟକୁ ତ ବୁଝନ୍ତି ହିଁ ନାହିଁ! ଏହି ଜଗତର ଲୋକେ ଏହାକୁ କଜ୍ କୁହନ୍ତି, ତେବେ କ'ଣ ଆମକୁ କହିବା ଉଚିତ ନୁହେଁ ଯେ ଯଦି ମୋର ଇଚ୍ଛା ନାହିଁ ତେବେ ମୁଁ ଏହି କାର୍ଯ୍ୟ କିପରି କଲି ? ଏବେ ଯେଉଁ କର୍ମର ଇଚ୍ଛା ନାହିଁ ସେହି କର୍ମ 'ମୁଁ କଲି', ଏହା କିପରି କହୁଛ ? ଜଗତ ଏପରି କାହିଁକି କୁହେ ଯେ, 'ତୁମେ କର୍ମ କଲ' ? କାରଣ ଦେଖା ଯାଉଥିବା କ୍ରିୟାକୁ ହିଁ ଜଗତର ଲୋକେ, 'କର୍ମ କଲା' କୁହନ୍ତି । ଲୋକ କହିବେ ଯେ, 'ଏହା ସେ ହିଁ କର୍ମ ବାନ୍ଧିଲା ।' ଯେବେକି ଜ୍ଞାନୀ ବୁଝିଯାନ୍ତି ଯେ ଏହା ତ ପରିଣାମ ଆସିଲା ।

## କିଏ ପଠାଇଲା ପୃଥିବୀକୁ ?

**ପ୍ରଶ୍ନକର୍ତ୍ତା :** ଆମେ ଆପେ ଆପେ ଜନ୍ମ ନେଇଛୁ ନା ଆମକୁ ପଠେଇବାବାଲା କିଏ ଅଛି ?

**ଦାଦାଶ୍ରୀ :** କେହି ପଠେଇବାବାଲା ହିଁ ନାହିଁ । ତୁମ କର୍ମ ହିଁ ତୁମକୁ ନେଇଯାଏ ଏବଂ ତୁରନ୍ତ ସେଠାରେ ଜନ୍ମ ମିଳେ । ଭଲ କର୍ମ ଯଦି ଥିବ ତେବେ ଭଲ ଜାଗାରେ ଜନ୍ମ ହୁଏ, ଖରାପ କର୍ମ ଥିବ ତେବେ ଖରାପ ଜାଗାରେ ହୁଏ ।

## କର୍ମର ସିଦ୍ଧାନ୍ତ କ'ଣ ?

**ପ୍ରଶ୍ନକର୍ତ୍ତା :** କର୍ମର ବ୍ୟାଖ୍ୟା କ'ଣ ?

**ଦାଦାଶ୍ରୀ :** କୌଣସି ବି କାର୍ଯ୍ୟ କର, ତାହାକୁ 'ମୁଁ କରୁଛି' ଏପରି ଯଦି ଆଧାର ଦିଅ, ତାହା କର୍ମର ବ୍ୟାଖ୍ୟା । 'ମୁଁ କରୁଛି' ଏପରି ଆଧାର ଦେବା, ତାହାକୁ 'କର୍ମ ବାନ୍ଧିବା' କୁହାଯାଏ । 'ମୁଁ କରୁ ନାହିଁ' ଏବଂ 'କିଏ କରୁଛି' ତାହା ଜାଣି ନେଲ ଅର୍ଥାତ ଏହାକୁ ନିରାଧାର କରି ଦେଉଛ, ତେବେ କର୍ମ ପଡ଼ିଯାଏ(ବନ୍ଧନ ହୁଏ ନାହିଁ) ।

**ପ୍ରଶ୍ନକର୍ତ୍ତା :** କର୍ମର ସିଦ୍ଧାନ୍ତ କ'ଣ ?

**ଦାଦାଶ୍ରୀ :** ତୁ କୂଅ ଭିତରେ ଯାଇ ଯଦି କହିବୁ 'ତୁ ଚୋର' ତେବେ କୂଅ କ'ଣ କହିବ ?

**ପ୍ରଶ୍ନକର୍ତ୍ତା :** 'ତୁ ଚୋର ।' ଏପରି ଆମ କହିଥିବା ଶବ୍ଦର ପ୍ରତିଧ୍ୱନି ଆସେ ।

**ଦାଦାଶ୍ରୀ :** ବାସ୍, ବାସ୍ । ଯଦି ଏହା ତୋତେ ପସନ୍ଦ ନୁହେଁ, ତେବେ ତୁ କହ ଯେ 'ତୁ ବାଦ୍‌ଶାହ ।' ତେବେ ସେ ତୋତେ 'ବାଦ୍‌ଶାହ' କହିବ । ତୋତେ ଯେପରି ପସନ୍ଦ, ସେପରି କହିବା, ଏହା ହେଉଛି କର୍ମର ସିଦ୍ଧାନ୍ତ ! ତୋତେ ଓକିଲାତି ପସନ୍ଦ ତେବେ ଓକିଲାତି କର । ଡାକ୍ତରୀ ପସନ୍ଦ ତେବେ ଡାକ୍ତରୀ କର । କର୍ମ ଅର୍ଥାତ୍ ଆକ୍ସନ୍ । ରିଆକ୍ସନ୍ ଅର୍ଥାତ କ'ଣ ? ତାହା ପ୍ରତିଧ୍ୱନି ଅଟେ । ରିଆକ୍ସନ୍ ପ୍ରତିଧ୍ୱନିବାଲା ଅଟେ । ତାହାର ଫଳ ନ ଆସି ରହେ ନାହିଁ ।

ସେ କୂଅ କ'ଣ କହେ ? ଯେ ଏହି ପୁରା ଜଗତ ନିଜର ହିଁ ପ୍ରୋଜେକ୍ଟ(ଯୋଜନା) ଅଟେ । ଯାହାକୁ ତୁମେ କର୍ମ କହୁଥିଲ ନା, ତାହା ପ୍ରୋଜେକ୍ଟ ଅଟେ ।

**ପ୍ରଶ୍ନକର୍ତ୍ତା :** କର୍ମର ସିଦ୍ଧାନ୍ତ ଅଛି ନା ନାହିଁ ?

**ଦାଦାଶ୍ରୀ :** ପୁରା ଜଗତ କର୍ମର ସିଦ୍ଧାନ୍ତ ହିଁ ଅଟେ, ଅନ୍ୟ କିଛି ନୁହେଁ ଏବଂ

ତୁମର ଅସାବଧାନତାରୁ ହିଁ ବନ୍ଧନ ହୁଏ । ଏ ସବୁ ପ୍ରୋଜେକ୍ସନ୍ ତୁମର ହିଁ ଅଟେ । ଏହି ଦେହ ବି ତୁମେ ହିଁ ଗଢ଼ିଛ । ତୁମକୁ ଯାହା-ଯାହା ମିଳୁଛି, ସେସବୁ ତୁମଦ୍ୱାରା ହିଁ ଗଢ଼ା ହୋଇଛି । ଏଥିରେ ଅନ୍ୟ କାହାର ହାତ ହିଁ ନାହିଁ । ହୋଲ୍ ଏଣ୍ଡ୍ ସୋଲ୍ ରେସ୍ପନ୍ସିବିଲିଟୀ ତୁମର ହିଁ ଅଟେ ସବୁ, ଅନନ୍ତ ଜନ୍ମରୁ ।

## ନିଜର ହିଁ 'ପ୍ରୋଜେକ୍ସନ୍'

କୂଅରେ ଯାଇ ପ୍ରୋଜେକ୍ଟ କରିବା, ତାହା ଶୁଣି ଲୋକେ ଏପରି କହିବେ ଯେ ବାସ୍, କେବଳ ପ୍ରୋଜେକ୍ଟ କରିବାର ଆବଶ୍ୟକତା ଅଛି । ଆମେ ଯଦି ପଚାରିବା ଯେ କାହିଁକି ଏପରି କହୁଛ ? ତେବେ କହିବେ କୂଅରେ ଯାଇ ମୁଁ ପ୍ରଥମେ କହିଥିଲି ଯେ, 'ତୁ ଚୋର ।' ତେଣୁ କୂଅ ମୋତେ ଏପରି କହିଲା ଯେ, 'ତୁ ଚୋର ।' ପୁଣି ମୁଁ ପ୍ରୋଜେକ୍ଟ ବଦଳାଇଲି ଯେ, 'ତୁ ରାଜା' ତେବେ ସେ ମଧ୍ୟ 'ରାଜା' କହିଲା । ତେବେ ଭାଇ, ସେହି ପ୍ରୋଜେକ୍ଟ ପୁଣି ତୋ ହାତରେ କେଉଁଠି ଅଛି ? ପ୍ରୋଜେକ୍ଟ ବଦଳାଇବା, ସେହି କଥା ତ ଠିକ, କିନ୍ତୁ ତାହା ପୁଣି ତୋ ହାତରେ ନାହିଁ । ହଁ, ସ୍ୱତନ୍ତ୍ର ଅଟେ ମଧ୍ୟ ଏବଂ ନୁହେଁ ମଧ୍ୟ । 'ନୁହେଁ' ଅଧିକ ଏବଂ 'ଅଟେ' କମ । ଏପରି ଏହା ପରସତ୍ତାବାଲା ଜଗତ ଅଟେ । ପ୍ରକୃତ ଜ୍ଞାନ ଜାଣିବା ପରେ ସ୍ୱତନ୍ତ୍ର କୁହାଯିବ, ନହେଲେ ସେପର୍ଯ୍ୟନ୍ତ ସ୍ୱତନ୍ତ୍ର ନୁହେଁ ।

କିନ୍ତୁ ଏବେ ପ୍ରୋଜେକ୍ଟ କିପରି ବନ୍ଦ ହେବ ? ଯେପର୍ଯ୍ୟନ୍ତ ଏଥିରୁ ନିଜର ସ୍ୱରୂପ ମିଳେ ନାହିଁ ଯେ, 'ମୁଁ ଏହା ଅଟେ କି ତାହା ଅଟେ ?' ସେପର୍ଯ୍ୟନ୍ତ ଭଟକିବାର ଅଛି । ମୁଁ ଏହି ଦେହ ନୁହେଁ । ଏହି ଆଖି ମଧ୍ୟ ମୁଁ ନୁହେଁ । ଭିତରେ ଅଲଗା ବହୁତ ସାରା ସ୍ପେୟର୍ ପାର୍ଟସ୍ ଅଛି, ସେ ସବୁଥିରେ ଏପର୍ଯ୍ୟନ୍ତ ଏପରି *ଭାନ୍* (ଧାରଣା) ଅଛି ଯେ 'ମୁଁ ଚନ୍ଦୁଭାଇ ଅଟେ' । ଏହି ସାର(ହିସାବ) ବାହାର କରିପାରେ ନାହିଁ, ସେଥିପାଇଁ ସେ କ'ଣ ମାନେ ? ଯିଏ ଏହି ତ୍ୟାଗ କରୁଛି, ସେ ହିଁ ମୁଁ । ଅର୍ଥାତ୍ 'ମୁଁ' ତ କେଉଁଠି ବି ଠିକଣାରେ ରହିଲା ନାହିଁ ତା'କୁ । ସେ ମାନେ ଯେ (ଯିଏ) ଏହି ତପ କରୁଛି, ସେ ହିଁ 'ମୁଁ' । ଏହି ସାମାୟିକ କରୁଛି, ସେ ହିଁ 'ମୁଁ' । ଏହି ବକ୍ତୃତା ଦେଉଛି, ସେ ହିଁ 'ମୁଁ' । ଯେପର୍ଯ୍ୟନ୍ତ ଏପରି *ଭାନ୍* ଅଛି ଯେ 'ମୁଁ କରୁଛି' ସେପର୍ଯ୍ୟନ୍ତ ନୂଆ ପ୍ରୋଜେକ୍ଟ କରି ଚାଲିଥାଏ । ପୁରୁଣା ପ୍ରୋଜେକ୍ଟ ଅନୁସାରେ ଭୋଗି ଚାଲିଥାଏ । କର୍ମର ସିଦ୍ଧାନ୍ତ ଯଦି ବୁଝିଯିବ, ତେବେ ମୋକ୍ଷର ସିଦ୍ଧାନ୍ତ ଜାଣିଯିବ ।

## ରଙ୍ଗ୍ ବିଲିଫ୍‌ରୁ କର୍ମବନ୍ଧନ

ତୁମ ନାମ କ'ଣ ?

**ପ୍ରଶ୍ନକର୍ତ୍ତା :** ଚନ୍ଦୁଭାଇ ।

**ଦାଦାଶ୍ରୀ :** ବାସ୍ତବରେ ଚନ୍ଦୁଭାଇ ଅଟ ?

**ପ୍ରଶ୍ନକର୍ତ୍ତା :** ଏହା କିପରି କୁହାଯାଇ ପାରିବ ? ସମସ୍ତଙ୍କୁ ଯାହା ଲାଗୁଛି, ତାହା ହିଁ ସତ ।

**ଦାଦାଶ୍ରୀ :** ତେବେ ପୁଣି ବାସ୍ତବରେ ତ ଚନ୍ଦୁଭାଇ ଅଟ, ନୁହେଁ? ତୁମକୁ ବିଶ୍ୱାସ ନାହିଁ? ତୁମେ ତ 'ମାଇ ନେମ୍ ଇଜ୍ ଚନ୍ଦୁଭାଇ' କହୁଛ ?

**ପ୍ରଶ୍ନକର୍ତ୍ତା :** ମୋତେ ତ ବିଶ୍ୱାସ ଅଛି ।

**ଦାଦାଶ୍ରୀ :** ମାଇ ନେମ୍ ଇଜ୍ ଚନ୍ଦୁଭାଇ, ନଟ୍ ଆଇ । ତେବେ ତୁମେ ବାସ୍ତବରେ ଚନ୍ଦୁଭାଇ ଅଟ ନା ଅଲଗା କେହି ଅଟ ?

**ପ୍ରଶ୍ନକର୍ତ୍ତା :** ଏହା ଠିକ କଥା, କିଛି ଅଲଗା ହିଁ ଅଟେ । ଏହା ତ ବାସ୍ତବିକତା ଅଟେ ।

**ଦାଦାଶ୍ରୀ :** ନା, ଏ ଚନ୍ଦୁଭାଇ ତ ଚିହ୍ନିବାର ସାଧନ ଅଟେ, ଯେ ଭାଇ, ଏ ଦେହଧାରୀ, ଏ ଭାଇ, ସେ ଚନ୍ଦୁଭାଇ ଅଟନ୍ତି । ତୁମେ ବି ଏପରି ମାନୁଛ ଯେ ଏହି ଦେହର ନାମ ଚନ୍ଦୁଭାଇ ଅଟେ । କିନ୍ତୁ 'ତୁମେ କିଏ ?' ତାହା ଜାଣିବାର ନାହିଁ?

**ପ୍ରଶ୍ନକର୍ତ୍ତା :** ତାହା ଜାଣିବା ଉଚିତ । ଜାଣିବା ପାଇଁ ପ୍ରୟାସ କରିବା ଉଚିତ ।

**ଦାଦାଶ୍ରୀ :** ଅର୍ଥାତ ଏହା କାହାପରି ହେଲା ଯେ ତୁମେ ଚନ୍ଦୁଭାଇ ନୁହଁ, ତଥାପି ତୁମେ ଆରୋପଣ କରୁଛ, ଚନ୍ଦୁଭାଇ ନାମରେ ସବୁ ଲାଭ ଉଠାଇ ନେଉଛ । 'ଏହି ସ୍ତ୍ରୀର ସ୍ୱାମୀ ଅଟେ, ତା'ର ମାମୁଁ ଅଟେ, ତା'ର ଦାଦା ଅଟେ', ଏପରି ଲାଭ ଉଠାଉଛ ଏବଂ ଏହାଦ୍ୱାରା ନିରନ୍ତର କର୍ମବନ୍ଧନ ହୋଇ ଚାଲିଛି । ଯେପର୍ଯ୍ୟନ୍ତ ତୁମେ ଆରୋପିତ ଭାବରେ ଅଛ, ସେପର୍ଯ୍ୟନ୍ତ କର୍ମବନ୍ଧନ ହୋଇ ଚାଲିଥାଏ । ଯେବେ 'ମୁଁ କିଏ ?' ଏହା ସ୍ଥିର ହୋଇଯାଏ, ତା' ପରେ ତୁମକୁ କର୍ମବନ୍ଧନ ହୁଏ ନାହିଁ ।

ଅର୍ଥାତ ଏବେ ବି କର୍ମବନ୍ଧନ ହେଉଛି ଏବଂ ରାତିରେ ନିଦରେ ମଧ୍ୟ କର୍ମବନ୍ଧନ

ହୁଏ । କାରଣ 'ମୁଁ ଚନ୍ଦୁଭାଇ ଅଟେ' ଏପରି ମାନି ଶୋଇ ଯାଉଛ । 'ମୁଁ ଚନ୍ଦୁଭାଇ ଅଟେ', ତାହା ତୁମର ରଙ୍ଗ୍ ବିଲିଫ୍(ଭ୍ରାନ୍ତ ମାନ୍ୟତା) ଅଟେ, ତାହାଦ୍ୱାରା କର୍ମବନ୍ଧନ ହୁଏ ।

ଭଗବାନ ସବୁଠୁ ବଡ଼ କର୍ମ କାହାକୁ କହିଲେ ? ରାତିରେ 'ମୁଁ ଚନ୍ଦୁଭାଇ ଅଟେ' କହି ଶୋଇଗଲେ ଆଉ ପୁଣି ଆତ୍ମାକୁ ଅଖାରେ ପୁରାଇ ଦେଲେ, ତାହା ସବୁଠୁ ବଡ଼ କର୍ମ !

## କର୍ତ୍ତାପଦରୁ କର୍ମବନ୍ଧନ

**ପ୍ରଶ୍ନକର୍ତ୍ତା :** କର୍ମବନ୍ଧନ କାହାଦ୍ୱାରା ହୁଏ ? ଏହାକୁ ଟିକିଏ ବିସ୍ତାରରେ ବୁଝାନ୍ତୁ ।

**ଦାଦାଶ୍ରୀ :** କର୍ମବନ୍ଧନ କାହାଦ୍ୱାରା ହୁଏ, ତାହା ତୁମକୁ କହୁଛି । କର୍ମ ତୁମେ କରୁ ନାହଁ, ତଥାପି ତୁମେ ମାନୁଛ ଯେ 'ମୁଁ କରୁଛି' ସେଥିପାଇଁ ତୁମର ବନ୍ଧନ ଯାଉ ନାହିଁ । ଭଗବାନ ବି କର୍ତ୍ତା ନୁହଁନ୍ତି । ଭଗବାନ ଯଦି କର୍ତ୍ତା ହୋଇଥାନ୍ତେ ତେବେ ତାଙ୍କୁ ବନ୍ଧନ ହୋଇଥାନ୍ତା । ଅର୍ଥାତ ଭଗବାନ କର୍ତ୍ତା ନୁହଁନ୍ତି ଏବଂ ତୁମେ ମଧ୍ୟ କର୍ତ୍ତା ନୁହଁ । କିନ୍ତୁ ତୁମେ ମାନୁଛ 'ମୁଁ କରୁଛି', ସେଥିପାଇଁ କର୍ମବନ୍ଧନ ହୁଏ ।

କଲେଜ୍‌ରେ ପାସ୍ ହେଲ, ତାହା ଅନ୍ୟ ଶକ୍ତିର ଆଧାରରେ ହୁଏ ଏବଂ ତୁମେ କୁହ ଯେ ମୁଁ ପାସ୍ ହେଲି । ତାହା ଆରୋପିତ ଭାବ ଅଟେ । ତାହାଦ୍ୱାରା କର୍ମବନ୍ଧନ ହୁଏ ।

## ବେଦାନ୍ତ ମଧ୍ୟ ସ୍ୱୀକାର କଲା ନିରୀଶ୍ୱରବାଦ

**ପ୍ରଶ୍ନକର୍ତ୍ତା :** ତେବେ ପୁଣି କୌଣସି ଶକ୍ତିଦ୍ୱାରା ଯଦି ହେଉଥିବ, ତାହେଲେ କେହି ଚୋରି କରେ ତେବେ ତାହା ଦୋଷ ନୁହେଁ ଏବଂ କେହି ଦାନ ଦିଏ ତେବେ ତାହା ମଧ୍ୟ, ସବୁ ସମାନ ହିଁ କୁହାଯିବ ନା !

**ଦାଦାଶ୍ରୀ :** ହଁ । ସମାନ ହିଁ କୁହାଯିବ କିନ୍ତୁ ସେମାନେ ପୁଣି ସମାନ ରଖନ୍ତି ନାହିଁ । ଦାନ ଦେବାବାଲା ଏମିତି ଛାତି ଫୁଲାଇ ବୁଲେ, ସେଥିପାଇଁ ତ ସେ ବନ୍ଧନରେ ଆସିଲା ଆଉ ଚୋରି କରିବାବାଲା କୁହେ, 'ମୋତେ କେହି ଧରି ପାରିବେ ହିଁ ନାହିଁ, ଆଚ୍ଛା-ଆଚ୍ଛା ଲୋକଙ୍କଠାରୁ ଚୋରି କରିନେବି ।' ସେଥିପାଇଁ ସେ ମୂର୍ଖ ବନ୍ଧନରେ ଆସିଲା । 'ମୁଁ କଲି' ଏପରି ଯଦି ନ କୁହେ, ତେବେ କିଛି ବି ସ୍ପର୍ଶ କରିବ ନାହିଁ ।

**ପ୍ରଶ୍ନକର୍ତ୍ତା :** ଏକ ମାନ୍ୟତା ଏପରି ଅଛି ଯେ ପ୍ରାଥମିକ ସ୍ତରରେ ଆମେ ଏପରି ମାନୁ ଯେ ଈଶ୍ୱର କର୍ତ୍ତା ଅଟନ୍ତି । ଆଗକୁ ଯାଇ ବେଦରେ ମଧ୍ୟ ନିରୀଶ୍ୱରବାଦ ବ୍ୟତୀତ କିଛି ନାହିଁ । ଉପନିଷଦରେ ମଧ୍ୟ ନିରୀଶ୍ୱରବାଦ ହିଁ ଅଛି । ଈଶ୍ୱର କର୍ତ୍ତା ନୁହଁନ୍ତି, କର୍ମର ଫଳ ପ୍ରତ୍ୟେକଙ୍କୁ ଭୋଗିବାକୁ ପଡ଼େ । ଏବେ ଏହି କର୍ମର ଫଳ ଜନ୍ମ-ଜନ୍ମ ଧରି ଚାଲିଥାଏ ?

**ଦାଦାଶ୍ରୀ :** ହଁ, ନିଶ୍ଚିତ, କର୍ମ ଏପରି ଅଟେ ଯେ ଏହି ଆମ୍ବରୁ ଗଛ ଏବଂ ଗଛରୁ ଆମ୍ବ, ଆମ୍ବରୁ ଗଛ ଏବଂ ଗଛରୁ ଆମ୍ବ !

**ପ୍ରଶ୍ନକର୍ତ୍ତା :** ଏହା ତ ବିବର୍ତ୍ତନର ନିୟମ ହେଲା, ଏହା ତ ହୋଇଚାଲିଥିବ ।

**ଦାଦାଶ୍ରୀ :** ନା, ଏହା ହିଁ କର୍ମଫଳ । ଏହି ଆମ୍ବ ଫଳ ରୂପରେ ଆସିଲା, ସେହି ଫଳରୁ ବୀଜ ପଡ଼େ ଏବଂ ପୁଣି ଗଛ ହୁଏ ଏବଂ ଗଛରୁ ପୁଣି ଫଳ ହୁଏ ନା ! ତାହା ଚାଲୁ ହିଁ ରହିବ, କର୍ମରୁ କର୍ମବୀଜ ପଡ଼ି ଚାଲିଥାଏ ।

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ଏହି ଶୁଭ-ଅଶୁଭ କର୍ମର ବନ୍ଧନ ହୋଇ ଚାଲିଥାଏ, କେବେ ଅଟକେ ନାହିଁ ?

**ଦାଦାଶ୍ରୀ :** ହଁ, ଶସ ଖାଇ ଦିଅନ୍ତି ଏବଂ ଟାକୁଆ ପୁଣି (ବୀଜରୂପେ) ପଡ଼େ ।

**ପ୍ରଶ୍ନକର୍ତ୍ତା :** ତାହାଦ୍ୱାରା ତ ସେଠି ପୁଣି ଆମ୍ବ ଗଛ ହେବ ।

**ଦାଦାଶ୍ରୀ :** ଅଟକିବ ହିଁ ନାହିଁ ନା !

ଯଦି ତୁମେ ଈଶ୍ୱରଙ୍କୁ କର୍ତ୍ତା ମାନୁଛ ତେବେ ତୁମେ ନିଜକୁ ନିଜେ କର୍ତ୍ତା କାହିଁକି ମାନୁଛ ? ଏହା ତ ପୁଣି ନିଜେ ମଧ୍ୟ କର୍ତ୍ତା ହୋଇଯାଏ ! କେବଳ ମନୁଷ୍ୟ ହିଁ ଏପରି ଅଟେ ଯେ ଯାହାକୁ ଏପରି *ଭାନ୍* (ମାନ୍ୟତା) ଅଛି ଯେ 'ମୁଁ କର୍ତ୍ତା ଅଟେ', ଆଉ ଯେଉଁଠି କର୍ତ୍ତା ହେଲା ସେଠି ଆଶ୍ରିତତା ନଷ୍ଟ ହୋଇଯାଏ । ତା'କୁ ଭଗବାନ କୁହନ୍ତି ଯେ, 'ଭାଇ, ତୁ ଯଦି କରି ନେଉଛୁ ତେବେ ତୁ ଅଲଗା ଆଉ ମୁଁ ଅଲଗା ।' ପୁଣି ଭଗବାନଙ୍କର ଏବଂ ତୁମର କ'ଣ ନେବା-ଦେବା ?

ନିଜକୁ କର୍ତ୍ତା ମାନେ, ସେଥିପାଇଁ କର୍ମବନ୍ଧନ ହୁଏ । ନିଜକୁ ଯଦି ସେହି କର୍ମର କର୍ତ୍ତା ନ ମାନେ ତେବେ କର୍ମ ବିଲୟ ହୋଇଯାଏ ।

## ଏହା ଅଟେ ମହାଭଜନର ମର୍ମ

ସେଥିପାଇଁ ଅଖା ଭଗତ କହିଲେ ଯେ,

*'ଜୋ ତୁ ଜୀବ ତୋ କର୍ତ୍ତା ହରି,*

*ଜୋ ତୁ ଶିବ ତୋ ବସ୍ତୁ ଖରୀ!'*

ଅର୍ଥାତ୍ ଯଦି 'ତୁ ଶୁଦ୍ଧାତ୍ମା' ତେବେ ଠିକ କଥା । ଆଉ ଯଦି 'ଜୀବ ଅଟୁ' ତେବେ ଉପରେ କର୍ତ୍ତା ହରି । ଆଉ ଯଦି 'ତୁ ଶିବ ଅଟୁ' ତେବେ ବସ୍ତୁ *ଖରୀ* (ତାହା ଠିକ) ଅଟେ । ଉପରେ ହରି ନାମରେ କେହି ବି ନାହାନ୍ତି । ତେବେ ପୁଣି ଜୀବ-ଶିବର ଭେଦ ଚାଲିଯାଏ । ଯାହାଦ୍ୱାରା ପରମାତ୍ମା ହେବାର ପ୍ରସ୍ତୁତି ହୋଇଯାଏ । ଏ ସମସ୍ତେ ଭଗବାନଙ୍କର ଭକ୍ତି କରନ୍ତି, ତାହା ଜୀବ-ଶିବର ଭେଦ ଅଟେ ଆଉ ଆମର ଏଠି ଏହି ଜ୍ଞାନ ମିଳିବା ପରେ ଜୀବ-ଶିବର ଭେଦ ଚାଲିଯାଏ ।

*'କର୍ତ୍ତା ଛୁଟେ ତୋ ଛୁଟେ କର୍ମ,*

*ଏ ଛେ ମହାଭଜନନୋ ମର୍ମ!'*

ଚାର୍ଜ କେବେ ହୁଏ ଯେ, 'ମୁଁ ଚନ୍ଦୁଭାଇ ଅଟେ ଏବଂ ଏହା ମୁଁ କଲି ।' ଅର୍ଥାତ ଯେଉଁ ଓଲଟା ମାନ୍ୟତା ଅଛି ତାହାଦ୍ୱାରା କର୍ମବନ୍ଧନ ହେଲା । ଏବେ ଆତ୍ମାର ଜ୍ଞାନ ମିଳିବା ପରେ 'ତୁମେ' ଚନ୍ଦୁଭାଇ ନୁହଁ । ଚନ୍ଦୁଭାଇ ତ ବ୍ୟବହାରରୁ, *ନିଶ୍ଚୟ* ରୁ ବାସ୍ତବରେ ଚନ୍ଦୁଭାଇ ନୁହଁ ଆଉ ଏହି 'ମୁଁ କଲି' ତାହା ବ୍ୟବହାରରୁ ଅଟେ । ଏଣୁ କର୍ତ୍ତାପଣ ଯଦି ଚାଲିଯାଏ ତେବେ ପୁଣି କର୍ମ ହୁଏ ନାହିଁ, କର୍ମବନ୍ଧନ ହୁଏ ନାହିଁ ।

'ମୁଁ କର୍ତ୍ତା ନୁହେଁ' ଯେବେଠୁ ସେହି *ଭାନ୍* ହେଲା, ସେହି ଶ୍ରଦ୍ଧା ବସିଲା, ସେବେଠାରୁ କର୍ମ ହୁଏ ନାହିଁ, କର୍ମବନ୍ଧନ ଅଟକି ଯାଏ । ଅର୍ଥାତ ଚାର୍ଜ ହେବା ବନ୍ଦ ହୋଇଯାଏ । ଏହା ଅଟେ ମହାଭଜନର ମର୍ମ । ମହାଭଜନ କାହାକୁ କୁହାଯାଏ ? ସର୍ବ ଶାସ୍ତ୍ରର ସାର(ମର୍ମ)କୁ ମହାଭଜନ କୁହାଯାଏ । ଏହା ତ ମହାଭଜନର ମଧ୍ୟ ସାର ଅଟେ ।

## ଯିଏ କରେ ସେ ଭୋଗେ

**ପ୍ରଶ୍ନକର୍ତ୍ତା :** ଆମ ଶାସ୍ତ୍ର ଏପରି କୁହେ ଯେ ପ୍ରତ୍ୟେକଙ୍କୁ କର୍ମ ଅନୁସାରେ ଫଳ ମିଳେ!

**ଦାଦାଶ୍ରୀ :** ସେ ନିଜେ ହିଁ ନିଜ ପାଇଁ ଉତ୍ତରଦାୟୀ ଅଟେ । ଭଗବାନ ଏଥିରେ ହାତ ମାରି ହିଁ ନାହାନ୍ତି । ବାକି, ଏହି ଜଗତରେ ତୁମେ ସ୍ୱତନ୍ତ୍ର ହିଁ ଅଟ । *ଉପରୀ* (ବରିଷ୍ଠ ମାଲିକ, ବୋସ୍) କିଏ ? ତୁମକୁ ଅଣ୍ଡରହ୍ୟାଣ୍ଡ(ନିଜ ତଳେ କାମ କରୁଥିବା ବ୍ୟକ୍ତି)ର ଅଭ୍ୟାସ ଅଛି ସେଥିପାଇଁ ତୁମକୁ *ଉପରୀ* ମିଳୁଛନ୍ତି, ନହେଲେ କେହି ତୁମର *ଉପରୀ* ନାହାନ୍ତି ଏବଂ କେହି ଅଣ୍ଡରହ୍ୟାଣ୍ଡ୍ ବି ନାହାନ୍ତି, ଏପରି ଏହି ୱର୍ଲଡ୍(ଜଗତ) ଅଟେ ! ଏହାକୁ ତ କେବଳ ବୁଝିବାର ଆବଶ୍ୟକତା ଅଛି, ଆଉ କିଛି ନୁହେଁ ।

ପୁରା ୱର୍ଲଡ୍‌ରେ ସବୁ ଜାଗା ବୁଲି ଆସିଛି, ଏପରି କୌଣସି ଜାଗା ନାହିଁ ଯେ ଯେଉଁଠି *ଉପରୀ* ପଣିଆ ଥିବ । ଭଗବାନ ନାମରେ କେହି ତୁମର *ଉପରୀ* ନାହିଁ । ତୁମର ଉତ୍ତରଦାୟୀ ତୁମେ ନିଜେ ହିଁ ଅଟ । ପୁରା ୱର୍ଲଡ୍‌ର ଲୋକେ ମାନନ୍ତି ଯେ ଜଗତ ଭଗବାନ ତିଆରି କରିଛନ୍ତି । କିନ୍ତୁ ଯେଉଁମାନେ ପୁନର୍ଜନ୍ମର ସିଦ୍ଧାନ୍ତ ବୁଝନ୍ତି ସେମାନେ ଏପରି ମାନି ପାରିବେ ନାହିଁ ଯେ ଭଗବାନ ତିଆରି କରିଛନ୍ତି । ପୁନର୍ଜନ୍ମ ଅର୍ଥାତ କ'ଣ ଯେ 'ମୁଁ କରୁଛି ଏବଂ ମୁଁ ହିଁ ଭୋଗୁଛି । ଆଉ ମୋ ନିଜ କର୍ମର ଫଳ ହିଁ ଭୋଗୁଛି । ଏଥିରେ ଭଗବାନଙ୍କର ହସ୍ତକ୍ଷେପ ବିଲକୁଲ ବି ନାହିଁ ।' ନିଜେ ଯାହା କିଛି କରୁଛି, ସେସବୁ ନିଜ ଉତ୍ତରଦାୟିତ୍ୱରେ ହିଁ କରୁଛି, କାହା ଉତ୍ତରଦାୟିତ୍ୱରେ ଅଟେ ଏହା ? ବୁଝି ପାରିଲ ନା ?

**ପ୍ରଶ୍ନକର୍ତ୍ତା :** ଆଜି ପର୍ଯ୍ୟନ୍ତ ଏପରି ବୁଝୁଥିଲି ଯେ ଭଗବାନଙ୍କ ଉତ୍ତରଦାୟିତ୍ୱ ଅଟେ ।

**ଦାଦାଶ୍ରୀ :** ନା, ଉତ୍ତରଦାୟିତ୍ୱ ନିଜର ହିଁ ଅଟେ ! ହୋଲ୍ ଏଣ୍ଡ୍ ସୋଲ୍ ରେସ୍ପନ୍ସିବିଲିଟୀ ନିଜର ହିଁ ଅଟେ, କିନ୍ତୁ ସେହି ବ୍ୟକ୍ତିକୁ ଗୁଳି କାହିଁକି ମାରିଲେ ? ସେ ରେସ୍ପନ୍ସିବଲ୍ ଥିଲା, ତାହାର ଏହା ଫଳ ମିଳିଲା ଆଉ ଯେବେ ସେ ମାରିବାବାଲାର ରେସ୍ପନ୍ସିବିଲିଟୀ ଆସିବ, ସେତେବେଳେ ତା'କୁ ତାହାର ଫଳ ମିଳିବ । ତାହାର ଯେତେବେଳେ ଟାଇମ୍ ହେବ ସେତେବେଳେ ଫଳ ମିଳିବ ।

ଯେପରି ଆଜି ଗଛରେ ଆମ୍ବ କଷି ହେଲା, ତେବେ ଆଜିକୁ ଆଜି ହିଁ ଆମ୍ବ ଆଣି ତାହାର ରସ ବାହାର କରିପାରିବା ନାହିଁ । ତାହା ତ ଯେବେ ଟାଇମ୍ ହୋଇଯାଏ, ବଡ଼ ହୋଇଯାଏ, ପାଚିଯାଏ, ତେବେଯାଇ ରସ ବାହାରେ । ସେହିପରି ଏହି ଯେଉଁ ଗୁଳି ବାଜେ ନା, ତାହା ପୂର୍ବରୁ ପାଚିକି ପ୍ରସ୍ତୁତ ହୁଏ, ତେବେଯାଇ ବାଜେ । ଖାଲି ଏମିତି ବାଜିଯାଏ ନାହିଁ । ଆଉ ମାରିବାବାଲା ଗୁଳି ମାରିଲା, ତେବେ ତା'ର ଆଜି ଏତିକି ଛୋଟ

ଆମ୍ବ ହୋଇଛି, ତାହା ବଡ଼ ହେବା ପରେ ପାଚିବ, ତା'ପରେ ତାହାର ରସ ବାହାରିବ(ଫଳ ମିଳିବ) ।

## କର୍ମବନ୍ଧନ, ଆତ୍ମାକୁ ନା ଦେହକୁ ?

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ଏବେ କର୍ମବନ୍ଧନ କାହାକୁ ହୁଏ, ଆତ୍ମାକୁ ନା ଦେହକୁ ?

**ଦାଦାଶ୍ରୀ :** ଦେହ ତ ନିଜେ ହିଁ କର୍ମ ଅଟେ । ପୁଣି ଅଲଗା ବନ୍ଧନ ତା'କୁ କେଉଁଠୁ ହେବ? ଏ ତ ଯାହାକୁ ବନ୍ଧନ ଲାଗୁଛି, ଯିଏ ଜେଲ୍‌ରେ ବସିଛି, ତା'କୁ ବନ୍ଧନ । ଜେଲ୍‌କୁ ବନ୍ଧନ ଅଛି ନା ଯିଏ ଜେଲ୍‌ରେ ବସିଛି ତା'କୁ ବନ୍ଧନ ? ଅର୍ଥାତ ଏହି ଦେହ ତ ଜେଲ୍ ଅଟେ ଏବଂ ତାହା ଭିତରେ ଯିଏ ବସିଛି ତା'କୁ ବନ୍ଧନ ଅଛି । ଯିଏ ଏପରି ମାନୁଛି ଯେ 'ମୁଁ ବନ୍ଧା ହୋଇଛି, ମୁଁ ଦେହ ଅଟେ, ମୁଁ ଚନ୍ଦୁଭାଇ ଅଟେ', ତା'କୁ ବନ୍ଧନ ଅଛି ।

**ପ୍ରଶ୍ନକର୍ତ୍ତା :** ତେବେ ଆପଣ ଏପରି କହିବାକୁ ଚାହୁଁଛନ୍ତି ଯେ ଆତ୍ମା ଦେହ ମାଧ୍ୟମରେ କର୍ମ ବାନ୍ଧେ ଏବଂ ଦେହ ମାଧ୍ୟମରେ କର୍ମ ଭୋଗେ ?

**ଦାଦାଶ୍ରୀ :** ନା, ଏପରି ନୁହେଁ । ଆତ୍ମା ତ ଏଥିରେ ହାତ ମାରେ ହିଁ ନାହିଁ । ବାସ୍ତବରେ ତ ଆତ୍ମା ଅଲଗା ହିଁ ଅଟେ, ସ୍ୱତନ୍ତ୍ର ଅଟେ । ବିଶେଷଭାବରୁ ହିଁ ଏହି ଅହଙ୍କାର ଉତ୍ପନ୍ନ ହୁଏ, ସେ(ଅହଙ୍କାର) କର୍ମ ବାନ୍ଧେ ଏବଂ ସେ ହିଁ କର୍ମ ଭୋଗେ । 'ତୁମେ ଅଟ ଶୁଦ୍ଧାତ୍ମା' କିନ୍ତୁ କହୁଛ ଯେ 'ମୁଁ ଚନ୍ଦୁଭାଇ ।' ଯେଉଁଠି ନିଜେ ନାହିଁ, ସେଠି ଏପରି ଆରୋପଣ କରିବା ଯେ 'ଏହା ମୁଁ', ତାହାକୁ ଅହଙ୍କାର କୁହାଯାଏ । ପର ସ୍ଥାନକୁ ନିଜ ସ୍ଥାନ ମାନେ, ତାହା ଇଗୋଇଜମ୍(ଅହଙ୍କାର) ଅଟେ । ଏହି ଅହଙ୍କାର ଯଦି ଚାଲିଯାଏ ତେବେ ନିଜ ସ୍ଥାନକୁ ଆସି ହେବ । ସେଠାରେ ବନ୍ଧନ ହିଁ ନାହିଁ ।

## କର୍ମ ଅନାଦିରୁ ଆତ୍ମା ସଙ୍ଗେ

**ପ୍ରଶ୍ନକର୍ତ୍ତା :** ତେବେ ଆତ୍ମାର କର୍ମ ରହିତ ସ୍ଥିତି ହେଉଥିବ ନା ? ତାହା କେବେ ହୁଏ ?

**ଦାଦାଶ୍ରୀ :** ଯାହାକୁ ଗୋଟିଏ ବି ସଂଯୋଗର *ବଳଗଣା* (ଫାଶ, ବନ୍ଧନ) ହୁଏ ନାହିଁ, ତା'କୁ କେବେ କର୍ମ ସ୍ପର୍ଶ କରେ ହିଁ ନାହିଁ । ଯାହାକୁ କୌଣସି ବି ପ୍ରକାରର

*ବନ୍ଧଗଣା* ନାହିଁ, ତା'କୁ ଏପରି କୌଣସି ବି ପ୍ରକାରର କର୍ମର ହିସାବ ନାହିଁ ଯେ ତା'କୁ କର୍ମ ସ୍ପର୍ଶ କରି ପାରିବ । ଏବେ ସିଦ୍ଧଗତିରେ ଯେଉଁ ସିଦ୍ଧ ଭଗବନ୍ତ ଅଛନ୍ତି, ତାଙ୍କୁ କୌଣସି ପ୍ରକାରର କର୍ମ ସ୍ପର୍ଶ କରି ପାରିବ ନାହିଁ । *ବନ୍ଧଗଣା* ସମାପ୍ତ ହୋଇଯିବା ପରେ ସ୍ପର୍ଶ କରେ ନାହିଁ ।

ଏହା ତ ସଂସାରରେ *ବନ୍ଧଗଣା* ଉତ୍ପନ୍ନ ହୋଇଯାଇଛି ଏବଂ ସେହି କର୍ମର *ବନ୍ଧଗଣା* ଅନାଦି କାଳରୁ ଅଛି । ଏବଂ ତାହା ସାଇଣ୍ଟିଫିକ୍ ସରକମ୍‌ସ୍ଟେନ୍ସିୟଲ୍ ଏଭିଡ଼େନ୍ସ(ବୈଜ୍ଞାନିକ ସଂଯୋଗଯୁକ୍ତ ପ୍ରମାଣ) ଅନୁସାରେ ଅଟେ ସେସବୁ । ସମସ୍ତ ତତ୍ତ୍ୱ ଗତିଶୀଳ ହୋଇ ଚାଲିଥାନ୍ତି ଏବଂ ତତ୍ତ୍ୱସବୁ ଗତିଶୀଳ ହେବା କାରଣରୁ ହିଁ ଏସବୁ ଉତ୍ପନ୍ନ ହୋଇଛି । ଏସବୁ ଭ୍ରାନ୍ତି ଉତ୍ପନ୍ନ ହୋଇଛି । ତାହାଦ୍ୱାରା ଏସବୁ ବିଶେଷଭାବ ଉତ୍ପନ୍ନ ହୋଇଛି । ଭ୍ରାନ୍ତିର ଅର୍ଥ ହିଁ ବିଶେଷଭାବ । ତା'ର ଯେଉଁ ମୂଳ ସ୍ୱଭାବ ଥିଲା, ତାହା ବଦଳରେ ବିଶେଷଭାବ ଉତ୍ପନ୍ନ ହୋଇଗଲା ଏବଂ ସେହି କାରଣରୁ ଏସବୁ ପରିବର୍ତ୍ତନ ହୋଇଛି । ଅର୍ଥାତ ଏପରି କେବେ ବି ହୋଇ ନାହିଁ ଯେ ପୂର୍ବେ ଆତ୍ମା କର୍ମ ରହିତ ଥିଲା । ଅର୍ଥାତ ଯେବେ ସେ ଜ୍ଞାନୀପୁରୁଷଙ୍କ ପାଖକୁ ଆସେ, ସେପର୍ଯ୍ୟନ୍ତ ଅଧିକାଂଶ କର୍ମର ବୋଝ ହାଲୁକା ହୋଇ ସାରିଥାଏ ଏବଂ ହାଲୁକା କର୍ମବାଲା ହୋଇ ସାରିଥାଏ । ହାଲୁକା କର୍ମବାଲା ଅଟେ ସେଥିପାଇଁ ତ ଜ୍ଞାନୀପୁରୁଷ ମିଳନ୍ତି । ମିଳନ୍ତି, ତାହା ମଧ୍ୟ ସାଇଣ୍ଟିଫିକ୍ ସରକମ୍‌ସ୍ଟେନ୍ସିୟଲ୍ ଏଭିଡେନ୍ସ ଅଟେ । ଯଦି ନିଜ ପ୍ରୟାସ ଦ୍ୱାରା କରିବାକୁ ଯାଏ ତେବେ ଏପରି ହେବ ହିଁ ନାହିଁ । ସହଜ ପ୍ରୟାସ, ସହଜରୂପେ ଯଦି ମିଳିଯାନ୍ତି, ତେବେ କାମ ହୋଇଯାଏ ।

କର୍ମ ଏହା ସଂଯୋଗ ଅଟେ, ଏବଂ ବିୟୋଗୀ ତାହାର ସ୍ୱଭାବ ଅଟେ ।

## ସମ୍ବନ୍ଧ, ଆତ୍ମା ଏବଂ କର୍ମର...

**ପ୍ରଶ୍ନକର୍ତ୍ତା :** ତେବେ ଆତ୍ମା ଏବଂ କର୍ମ ମଧ୍ୟରେ କି ସମ୍ବନ୍ଧ ଅଛି ?

**ଦାଦାଶ୍ରୀ :** ଉଭୟଙ୍କ ମଧ୍ୟରେ କର୍ତ୍ତାରୂପୀ କଡ଼ି ଯଦି ନ ରହିବ ତେବେ ଉଭୟ ଅଲଗା ହୋଇଯିବେ । ଆତ୍ମା, ଆତ୍ମା ଜାଗାରେ ଏବଂ କର୍ମ, କର୍ମ ଜାଗାରେ ଅଲଗା ହୋଇଯିବେ ।

**ପ୍ରଶ୍ନକର୍ତ୍ତା :** ଠିକ୍‌ରେ ବୁଝି ହେଲା ନାହିଁ ।

**ଦାଦାଶ୍ରୀ :** ଯଦି କର୍ତ୍ତା ନ ହୁଏ ତେବେ କର୍ମ ହିଁ ନାହିଁ । କର୍ତ୍ତା ଅଛି, ତେବେ କର୍ମ ଅଛି । ଯଦି କର୍ତ୍ତା ନ ହେବ, ଆଉ ତୁମେ ଏହି କାର୍ଯ୍ୟ କରୁଥିବ ତେବେ ମଧ୍ୟ ତୁମକୁ କର୍ମବନ୍ଧନ ହେବ ନାହିଁ । ଏହା ତ ତୁମର କର୍ତ୍ତାପଦ ଅଛି ଯେ 'ମୁଁ କଲି ।' ସେଥିପାଇଁ ବନ୍ଧନ ହେଲା ।

**ପ୍ରଶ୍ନକର୍ତ୍ତା :** ତେବେ କର୍ମ ହିଁ କର୍ତ୍ତା ଅଟେ ?

**ଦାଦାଶ୍ରୀ :** 'କର୍ତ୍ତା' ସେ କର୍ତ୍ତା ଅଟେ । 'କର୍ମ' କର୍ତ୍ତା ନୁହେଁ । ତୁମେ କ'ଣ କହୁଛ ? 'ମୁଁ କଲି' କହୁଛ ନା 'କର୍ମ କଲା' ?

**ପ୍ରଶ୍ନକର୍ତ୍ତା :** 'ମୁଁ କରୁଛି', ଏପରି ତ ଭିତରେ ସବୁବେଳେ ଥାଏ ! 'ମୁଁ କଲି' ଏପରି ହିଁ କହୁ ।

**ଦାଦାଶ୍ରୀ :** ହଁ, ସେ 'କର୍ତ୍ତା', 'ମୁଁ କରୁଛି' ଏପରି କହୁଛ, ସେଥିପାଇଁ ତୁମେ କର୍ତ୍ତା ହେଉଛ । ନହେଲେ 'କର୍ମ' କର୍ତ୍ତା ନୁହେଁ । 'ଆତ୍ମା' ମଧ୍ୟ କର୍ତ୍ତା ନୁହେଁ ।

**ପ୍ରଶ୍ନକର୍ତ୍ତା :** ଗୋଟିଏ ପଟେ କର୍ମ ଅଛି ଏବଂ ଗୋଟିଏ ପଟେ ଆତ୍ମା ଅଛି । ତେବେ ଉଭୟଙ୍କୁ ଅଲଗା କିପରି କରିବୁ ?

**ଦାଦାଶ୍ରୀ :** ଅଲଗା ହିଁ ଅଛନ୍ତି । ଏହି କଡ଼ି ଯଦି ଖୋଲିଯିବ ତେବେ, କିନ୍ତୁ ଏହା ତ କେବଳ କର୍ତ୍ତାପଦର କଡ଼ି ଅଛି । ଏହି କଡ଼ି କାରଣରୁ ବନ୍ଧା ହୋଇଥିବା ପରି ଲାଗେ । ଯଦି କର୍ତ୍ତାପଦ ଗଲା, କର୍ତ୍ତାପଦ କରିବାବାଲା ଗଲା, 'ମୁଁ କଲି', ଏପରି କହିବାବାଲା ଗଲା ତେବେ ହୋଇଗଲା, ସମାପ୍ତ ହୋଇଗଲା । ଉଭୟ ପୁଣି ଅଲଗା ହିଁ ଅଟନ୍ତି ।

## କର୍ମବନ୍ଧନ ହୁଏ, ତାହା ତ ଅନ୍ତଃକ୍ରିୟା

**ପ୍ରଶ୍ନକର୍ତ୍ତା :** ମନୁଷ୍ୟକୁ କର୍ମ ଲାଗୁ ହେଉଥିବ କି ନାହିଁ ?

**ଦାଦାଶ୍ରୀ :** ନିରନ୍ତର କର୍ମ ହିଁ ବାନ୍ଧୁଥାଏ । ଅନ୍ୟ କିଛି କରେ ହିଁ ନାହିଁ । ମନୁଷ୍ୟର ଅହଙ୍କାର ଏପରି ଅଟେ ଯେ ଖାଏ ନାହିଁ, ପିଏ ନାହିଁ, ସଂସାର ବସାଏ ନାହିଁ, ବ୍ୟାପାର କରେ ନାହିଁ, ତଥାପି କେବଳ ଅହଙ୍କାର ହିଁ କରେ ଯେ 'ମୁଁ କରୁଛି', ସେଥିପାଇଁ ସବୁ କର୍ମ ବାନ୍ଧୁଥାଏ । ତାହା ମଧ୍ୟ ଆଶ୍ଚର୍ଯ୍ୟ ଅଟେ ନା ? ଏହା ପ୍ରୁଭ୍(ପ୍ରମାଣିତ) ହୋଇ ପାରିବ ଏପରି ଅଟେ ! ଖାଏ ନାହିଁ, ପିଏ ନାହିଁ, ଏହା ପ୍ରୁଭ୍ ହୋଇ ପାରିବ ।

ତଥାପି କର୍ମ କରେ, ତାହା ମଧ୍ୟ ପ୍ରୁଭ୍ ହୋଇ ପାରିବ । ଆଉ କେବଳ ମନୁଷ୍ୟ ହିଁ କର୍ମ ବାନ୍ଧେ ।

**ପ୍ରଶ୍ନକର୍ତ୍ତା :** ଶରୀର ପାଇଁ ଖାଉଥିବ-ପିଉଥିବ, କିନ୍ତୁ ତଥାପି ନିଜେ କର୍ମ କରୁ ନଥାଇ ବି ପାରେ ?

**ଦାଦାଶ୍ରୀ :** ଏପରି ଅଟେ, କୌଣସି ବ୍ୟକ୍ତି ଯେବେ କର୍ମ କରୁଥିବ ତେବେ ଆଖିରେ ଦେଖାଯାଏ ନାହିଁ । ତୁମକୁ ଦେଖାଯାଏ ? ଏହା ଯେଉଁ ଆଖିକୁ ଦେଖାଯାଏ, ତାହାକୁ ଦୁନିଆର ଲୋକ କର୍ମ କୁହନ୍ତି । ସେ ଏହା କଲା, ସେ ଏହା କଲା, ସେ ତା'କୁ ମାରିଲା, ଏପରି କର୍ମ ବାନ୍ଧିଲା । ଏବେ ଜଗତର ଲୋକ ଏପରି ହିଁ କୁହନ୍ତି ନା ?

**ପ୍ରଶ୍ନକର୍ତ୍ତା :** ହଁ, ଯେପରି ଦେଖାଯାଏ ସେପରି କୁହନ୍ତି ।

**ଦାଦାଶ୍ରୀ :** କର୍ମ ଅର୍ଥାତ ତା'ର କାର୍ଯ୍ୟକଳାପ କ'ଣ ହେଲା । ସେ ଗାଳି ଦେଲା ତେବେ ମଧ୍ୟ କର୍ମ ବାନ୍ଧିଲା, ସେ ମାରିଲା ତେବେ ମଧ୍ୟ କର୍ମ ବାନ୍ଧିଲା । ଖାଇଲା ତେବେ ମଧ୍ୟ କର୍ମ ବାନ୍ଧିଲା, ଶୋଇଗଲା ତେବେ ମଧ୍ୟ କର୍ମ ବାନ୍ଧିଲା । ସେ ଯାହା ବି କାର୍ଯ୍ୟକଳାପ କରେ, ତାହାକୁ ଲୋକେ କର୍ମ କୁହନ୍ତି । କିନ୍ତୁ ବାସ୍ତବରେ ଯାହା ଦେଖାଯାଏ ତାହା କର୍ମଫଳ ଅଟେ, ତାହା କର୍ମ ନୁହେଁ ।

ଯେତେବେଳେ କର୍ମବନ୍ଧନ ହୁଏ, ସେତେବେଳେ ଅନ୍ତର୍ଦାହ ହୋଇ ଚାଲିଥାଏ । ଛୋଟ ଶିଶୁକୁ ଯଦି ପିତା ଔଷଧ ପିଆଇବା ତେବେ କ'ଣ କରେ ? ମୁହଁ ବିଗାଡ଼େ ନା ! ଆଉ ମିଠା ଜିନିଷ ଖୁଆଇବା ତେବେ ? ଖୁସି ହୁଏ । ଏହି ଜଗତରେ ପ୍ରତ୍ୟେକ ଜୀବ ରାଗ୍-ଦ୍ୱେଷ(ପସନ୍ଦ-ନାପସନ୍ଦ) କରନ୍ତି, ସେସବୁ କଜେଜ୍ ଅଟେ ଏବଂ ସେଥିରୁ ଏହି କର୍ମ ଉତ୍ପନ୍ନ ହୋଇଛି । ଯାହା ନିଜକୁ ପସନ୍ଦ ଅଟେ ତାହା ଏବଂ ଯାହା ପସନ୍ଦ ନୁହେଁ ତାହା, ଉଭୟ କର୍ମ ଆସେ । ନାପସନ୍ଦ କାମୁଡ଼ିକି ଯାଏ, ଅର୍ଥାତ ଦୁଃଖ ଦେଇ ଯାଏ ଏବଂ ପସନ୍ଦବାଲା ସୁଖ ଦେଇ ଯାଏ । ଅର୍ଥାତ କଜେଜ୍ ପୂର୍ବଜନ୍ମରେ ହୋଇଛି, ତାହା ଏହି ଜନ୍ମରେ ଫଳ ଦିଏ ।

## କର୍ମବୀଜର ନିୟମ

**ପ୍ରଶ୍ନକର୍ତ୍ତା :** କର୍ମବୀଜକୁ ଏପରି କିଛି ଜାଣି ହେବ କି ଯେ ଏହା ବୀଜ ପଡ଼ିବ ଏବଂ ଏହା ପଡ଼ିବ ନାହିଁ ?

**ଦାଦାଶ୍ରୀ :** ହଁ, ତୁମେ ଯଦି କୁହ ଯେ 'ଏହି ଜଳଖିଆ କେତେ ଭଲ ହୋଇଛି, ଏହା ମୁଁ ଖାଇଲି', ତେବେ ବୀଜ ପଡ଼ିଲା । 'ମୁଁ ଖାଇଲି' କହିବାରେ ଅସୁବିଧା ନାହିଁ । 'କିଏ ଖାଉଛି' ତାହା ତୁମକୁ ଜାଣିବା ଉଚିତ ଯେ 'ମୁଁ ଖାଉ ନାହିଁ, ଖାଇବାବାଲା ଖାଉଛି', କିନ୍ତୁ ଏହା ତ ନିଜେ କର୍ତ୍ତା ହୋଇଯାଏ ଏବଂ ଯଦି କର୍ତ୍ତା ହୁଏ ତେବେଯାଇ ବୀଜ ପଡ଼େ ।

ଗାଳିଦିଏ ତେବେ ତା'ଉପରେ ଦ୍ୱେଷ ନାହିଁ, ଫୁଲ ଚଢ଼ାଏ ଅଥବା କାନ୍ଧରେ କାନ୍ଧେଇକି ବୁଲେ ତେବେ ତା'ଉପରେ ରାଗ(ଆସକ୍ତି) ନାହିଁ, ତେବେ ତା'କୁ କର୍ମବନ୍ଧନ ହେବ ନାହିଁ ।

**ପ୍ରଶ୍ନକର୍ତ୍ତା :** ରାଗ୍-ଦ୍ୱେଷ ହୁଏ ଏବଂ ଜଣା ପଡ଼େ ନାହିଁ ତେବେ ତାହାର ଉପାୟ କ'ଣ ?

**ଦାଦାଶ୍ରୀ :** ତାହାର ଏହି ପୁରସ୍କାର ମିଳେ, ଆସନ୍ତା ଜନ୍ମରେ ତା'ର ଭଟକିବା ଚାଲୁ ହିଁ ରହେ ।

## ସମ୍ବନ୍ଧ, ଦେହ ଏବଂ ଆତ୍ମାର...

**ପ୍ରଶ୍ନକର୍ତ୍ତା :** ଦେହ ଏବଂ ଆତ୍ମା ମଧ୍ୟର ସମ୍ବନ୍ଧ ଅଧିକ ବିସ୍ତାରରେ ବୁଝାନ୍ତୁ ନା !

**ଦାଦାଶ୍ରୀ :** ଏହି ଦେହ ଯେଉଁ ଅଛି, ତାହା ଆତ୍ମାର ଅଜ୍ଞାନତାରୁ ଉତ୍ପନ୍ନ ହୋଇଥିବା ପରିଣାମ ଅଟେ । ଯେଉଁ-ଯେଉଁ 'କଜେଜ୍(କାରଣ)' କରିଥିଲେ, ତାହାର ଏହା 'ଇଫେକ୍ଟ(ପରିଣାମ)' ଅଟେ । କେହି ତୁମକୁ ଫୁଲ ଚଢ଼ାଏ ତେବେ ତୁମେ ଖୁସି ହୋଇଯାଅ, ଆଉ କେହି ଗାଳି ଦିଏ ତେବେ ତୁମେ ଚିଡ଼ିଯାଅ । ସେହି ଚିଡ଼ିବା ଏବଂ ଖୁସି ହେବାରେ ବାହ୍ୟ ଦର୍ଶନର ମୂଲ୍ୟ ନାହିଁ । ଅନ୍ତର-ଭାବ ଦ୍ୱାରା କର୍ମ ଚାର୍ଜ ହୁଏ, ଆସନ୍ତା ଜନ୍ମରେ ପୁଣି ତାହାର ଡିସ୍‌ଚାର୍ଜ ହୁଏ, ସେହି ସମୟରେ ତାହା 'ଇଫେକ୍ଟିଭ୍' ଅଟେ । ଏହି ମନ-ବଚନ-କାୟା ତିନିହେଁ ଇଫେକ୍ଟିଭ୍ ଅଟନ୍ତି । ଇଫେକ୍ଟ ଭୋଗିବା ସମୟରେ ଅଲଗା ନୂଆ କଜେଜ୍ ଉତ୍ପନ୍ନ ହୁଏ, ଯାହା ଆସନ୍ତା ଜନ୍ମରେ ପୁଣି ଇଫେକ୍ଟିଭ୍ ହୁଏ । ଏହିପରି କଜେଜ୍ ଏଣ୍ଡ୍ ଇଫେକ୍ଟ, ଇଫେକ୍ଟ ଏଣ୍ଡ୍ କଜେଜ୍, ଏହି ଚକ୍ର ନିରନ୍ତର ଚାଲୁ ରହିଥାଏ । ଏଥିପାଇଁ ଫରେନ୍‌ର ସାଇଣ୍ଟିଷ୍ଟମାନେ ମଧ୍ୟ ବୁଝିପାରନ୍ତି ଯେ ଭାଇ ଏହିପରି ପୁନର୍ଜନ୍ମ ଅଛି । ତେବେ ବହୁତ ଖୁସି ହୋଇଯାନ୍ତି ଯେ ଇଫେକ୍ଟ ଏଣ୍ଡ୍ କଜେଜ୍ ଅଟେ ଏହା !

ଅର୍ଥାତ ଏ ସବୁ ଇଫେକ୍ଟ ଅଟେ । ତୁମେ ଓକିଲାତି କରୁଛ, ସେ ସବୁ ଇଫେକ୍ଟ ଅଟେ । ଇଫେକ୍ଟରେ ଅହଙ୍କାର କରିବା ଉଚିତ ନୁହେଁ ଯେ 'ମୁଁ କଲି ।' ଇଫେକ୍ଟ ତ ଆପେ ଆପେ ଆସେ । ଏହି ପାଣି ତଳକୁ ଯାଏ, ସେ ଏପରି କୁହେ ନାହିଁ ଯେ, 'ମୁଁ ଯାଉଛି', ସେ ସମୁଦ୍ର ଆଡ଼କୁ, ଚାରି ଶହ ମାଇଲ୍ ଏପଟ-ସେପଟ ବୁଲି ବୁଲି ଯାଉଛି ନା! ଆଉ ମନୁଷ୍ୟ ତ ଯଦି କାହା କେସ୍(ମୁକଦ୍ଦମା) ଜିତାଇ ଦିଏ ତେବେ 'ମୁଁ କେସ୍ ଜିତାଇ ଦେଲି' କୁହେ । ଏବେ ସେ ତାହାର ଅହଙ୍କାର କଲା, ତାହାଦ୍ୱାରା କର୍ମବନ୍ଧନ ହେଲା, କଜ୍(cause) ହେଲା । ତାହାର ଫଳ ପୁଣି ଇଫେକ୍ଟରେ ଆସିବ ।

## କାରଣ-କାର୍ଯ୍ୟର ରହସ୍ୟ

ଇଫେକ୍ଟ(କାର୍ଯ୍ୟ) କ'ଣ, ତୁମେ ବୁଝିଗଲ ? ଯାହା ଆପେ ଆପେ ହୋଇଚାଲେ, ତାହା ଇଫେକ୍ଟ । ଆମେ ପରୀକ୍ଷା ଦେଉ, ତାହା କଜ୍(କାରଣ) କୁହାଯାଏ । ପରେ ଆମକୁ ପରିଣାମର ଚିନ୍ତା କରିବାକୁ ହୁଏ ନାହିଁ । ତାହା ତ ଇଫେକ୍ଟ ଅଟେ । ଏହି ସାରା ଜଗତ ଇଫେକ୍ଟର ଚିନ୍ତା କରୁଛି । ବାସ୍ତବରେ ତ କଜ୍ ପାଇଁ ଚିନ୍ତା କରିବା ଉଚିତ !

ଏହି ବିଜ୍ଞାନ ତୋତେ ବୁଝା ପଡ଼ିଲା ? ବିଜ୍ଞାନ ସୈଦ୍ଧାନ୍ତିକ ହୋଇଥାଏ । ଅବିରୋଧାଭାସୀ ହୋଇଥାଏ । ତୁ ବିଜ୍‌ନେସ୍ କଲୁ ଏବଂ ଦୁଇ ଲକ୍ଷ କମାଇଲୁ, ତାହା କଜ୍ ଅଟେ ନା ଇଫେକ୍ଟ ?

**ପ୍ରଶ୍ନକର୍ତ୍ତା :** କଜେଜ୍ ଅଟେ ।

**ଦାଦାଶ୍ରୀ :** କିପରି କଜେଜ୍ ଅଟେ, ତାହା ମୋତେ ବୁଝା । ଇଚ୍ଛା ଅନୁସାରେ କରିପାରିବୁ ?

**ପ୍ରଶ୍ନକର୍ତ୍ତା :** ଆମେ ବିଜ୍‌ନେସ୍ କରୁ ଏବଂ ଯାହା ହେବାର ଥିବ ତାହା ତ ହେବ, ତାହା ଇଫେକ୍ଟ ହୁଏ । କିନ୍ତୁ ବିଜ୍‌ନେସ୍ କରିବା ପାଇଁ କଜେଜ୍ ତ କରିବାକୁ ପଡ଼େ ନା ? ତେବେଯାଇ ବିଜ୍‌ନେସ୍ କରି ପାରିବୁ ନା ?

**ଦାଦାଶ୍ରୀ :** ନା, କଜେଜ୍‌ରେ ଅନ୍ୟ କୌଣସି ରିଲେଟିଭ୍ ଜିନିଷର ଉପଯୋଗ ହୁଏ ନାହିଁ । ବିଜ୍‌ନେସ୍ ତ, ଯଦି ଶରୀର ଭଲ ଥିବ, ମସ୍ତିଷ୍କ ଭଲ ଥିବ, ସବୁ ଥିବ, ତେବେ ହୋଇ ପାରିବ ନା ! ସମସ୍ତଙ୍କର ଆଧାରରେ ଯାହା ହୁଏ, ତାହା ଇଫେକ୍ଟ ଅଟେ ଆଉ ଯେଉଁ ବ୍ୟକ୍ତି ଶୋଇ-ଶୋଇ 'ୟା'ର ଖରାପ ହେବ, ଏମିତି ହେବ', ଏପରି

କରେ, ସେସବୁ କଜେଜ୍, କାହିଁକିନା ସେଥିରେ ଆଧାର ଅଥବା କୌଣସି ଜିନିଷର ଆବଶ୍ୟକତା ନାହିଁ ।

**ପ୍ରଶ୍ନକର୍ତ୍ତା :** ତାହେଲେ ଆମେ ଯେଉଁ ବିଜ୍‌ନେସ୍ କରୁ, ତାହା ଇଫେକ୍ଟ କୁହାଯାଏ ?

**ଦାଦାଶ୍ରୀ :** ଇଫେକ୍ଟ ହିଁ କହିବା ନା ! ବିଜ୍‌ନେସ୍, ତାହା ଇଫେକ୍ଟ ହିଁ ଅଟେ । ପରୀକ୍ଷାର ପରିଣାମ ଆସେ, କ'ଣ ସେଥିପାଇଁ କିଛି କରିବାକୁ ପଡ଼େ ? ପରୀକ୍ଷାରେ କରିବାକୁ ପଡ଼େ, ତାହା କଜେଜ୍ କୁହାଯାଏ । କିଛି କରିବାକୁ ପଡ଼େ, କିନ୍ତୁ କ'ଣ ପରିଣାମରେ କିଛି କରିବାକୁ ପଡ଼େ ?

**ପ୍ରଶ୍ନକର୍ତ୍ତା :** ନା ।

**ଦାଦାଶ୍ରୀ :** ସେହିପରି ଏଥିରେ କିଛି କରିବାକୁ ପଡ଼େ ନାହିଁ । ସେସବୁ ହୋଇଚାଲେ । ଆମ ଶରୀର ଉପଯୋଗ ହୁଏ ଏବଂ ସବୁ ହୋଇଚାଲେ । କଜ୍‌ରେ ତ ନିଜକୁ କରିବାକୁ ପଡ଼େ । ଏହି ଯେଉଁ କର୍ତ୍ତାଭାବ ଅଛି, ତାହା କଜ୍ ଅଟେ, ବାକି ସବୁ ଇଫେକ୍ଟ ଅଟେ । ଭୋକ୍ତାଭାବ, ତାହା କଜ୍ ଅଟେ ।

**ପ୍ରଶ୍ନକର୍ତ୍ତା :** ଯେଉଁ ଭାବ ହୁଏ, ସେସବୁ କଜେଜ୍, ଠିକ୍ ।

**ଦାଦାଶ୍ରୀ :** ହଁ, ଯେଉଁଠି ଅନ୍ୟ କାହାର ହେଲ୍ପ ର ଆବଶ୍ୟକତା ନାହିଁ । ତୁମେ ଫାଷ୍ଟକ୍ଲାସ୍ ଖାଇବା ତିଆରି କର, ସେସବୁ ଇଫେକ୍ଟ ହିଁ ଅଟେ, ଏବଂ ସେଥିରେ ତୁମେ ଭାବ କର ଯେ 'ମୁଁ କେତେ ଭଲ ରୋଷେଇ କଲି, କେତେ ଭଲ କଲି ।' ସେହି ଭାବ ତୁମର କଜ୍ ଅଟେ । ଯଦି ଭାବ ନ କର ତେବେ ସବୁ ଇଫେକ୍ଟ ହିଁ ଅଟେ । ଶୁଣି ହୁଏ, ଦେଖି ହୁଏ, ସେସବୁ ଇଫେକ୍ଟ ଅଟେ । କଜେଜ୍ ଦେଖି ହୁଏ ନାହିଁ ।

**ପ୍ରଶ୍ନକର୍ତ୍ତା :** ତେବେ ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଯାହା କିଛି ବି ହୁଏ, ତାହା ଇଫେକ୍ଟ ଅଟେ ?

**ଦାଦାଶ୍ରୀ :** ହଁ, ସେ ସବୁ ଇଫେକ୍ଟ ଅଟେ । ପୁରା ଲାଇଫ୍ ହିଁ ଇଫେକ୍ଟ ଅଟେ । ଆଉ ଭିତରେ ଯେଉଁ ଭାବ ହୁଏ, ସେହି ଭାବ କଜ୍ ଅଟେ, ଏବଂ ଭାବର କର୍ତ୍ତା ଥିବା ଉଚିତ୍ । ଜଗତର ଲୋକ, ସେମାନେ ତ କର୍ତ୍ତା ଅଟନ୍ତି ।

କର୍ମବନ୍ଧନ ଅଟକି ଗଲା ଅର୍ଥାତ କାମ ହୋଇଗଲା । ଏପରି ତୁମକୁ ବୁଝା ପଡୁଛି କି ? ତୁମର କର୍ମବନ୍ଧନ ଅଟକୁ ଥିବ ? କେବେ ଦେଖିଛ ତାହା ? ଶୁଭରେ ପଡ଼ ତେବେ

ଶୁଭ ବନ୍ଧନ ହୁଏ, ନହେଲେ ଅଶୁଭ ତ ଥାଏ । କର୍ମ ଛାଡ଼େ ହିଁ ନାହିଁ ! ଆଉ 'ନିଜେ କିଏ, ଏସବୁ କିଏ କରୁଛି' ସେସବୁ ଯଦି ଜାଣି ନେବା, ତେବେ ପୁଣି କର୍ମବନ୍ଧନ ହେବ ହିଁ ନାହିଁ ନା !

## ପ୍ରଥମ କର୍ମ କିପରି ଆସିଲା ?

**ପ୍ରଶ୍ନକର୍ତ୍ତା :** କର୍ମର ଥିଓରୀ ଅନୁସାରେ କର୍ମବନ୍ଧନ ହୁଏ ଏବଂ ତାହାକୁ ଭୋଗିବାକୁ ପଡ଼େ । ଏବେ ଏହିପରି ଆପଣ କଜ୍ ଏବଂ ଇଫେକ୍ଟ କହିଲେ, ତେବେ ସେଥିରେ ପ୍ରଥମେ କଜ୍ ପୁଣି ତାହାର ଇଫେକ୍ଟ, ତେବେ ଆମେ ଯଦି ତର୍କ ଦୃଷ୍ଟିରୁ ବିଚାର କରୁ ଏବଂ ପଛକୁ ପଛକୁ ଯାଉ ତେବେ ସର୍ବ ପ୍ରଥମ କଜ୍ କିପରି ଆସିଥିବ ?

**ଦାଦାଶ୍ରୀ :** ଅନାଦିରେ ପ୍ରଥମ ନ ଥାଏ ନା ! ଏହି ଗୋଲାକାର ମାଳ ତୁମେ ଦେଖିଛ ? ଏହି ସୂର୍ଯ୍ୟନାରାୟଣ ଘୂରୁଛନ୍ତି, ତେବେ ତାହାର ବିଗିନିଙ୍ଗ୍(ଆରମ୍ଭ) କେଉଁଠୁ କରୁଥିବେ ?

**ପ୍ରଶ୍ନକର୍ତ୍ତା :** ତାଙ୍କୁ ବିଗିନିଙ୍ଗ୍ ନଥାଏ ।

**ଦାଦାଶ୍ରୀ :** ଅର୍ଥାତ ଏହି ଦୁନିଆର ବିଗିନିଙ୍ଗ୍ କୌଣସି ଜାଗାରେ ନାହିଁ । ସବୁ ଗୋଲ ହିଁ ଅଟେ, ରାଉଣ୍ଡ୍ ହିଁ ଅଟେ । କିନ୍ତୁ ଏଥିରୁ ଛୁଟକାରା(ମୁକ୍ତି) ଅଛି । ବିଗିନିଙ୍ଗ୍ ନାହିଁ ଏହାର ! ଆତ୍ମା ଅଛି, ସେଥିପାଇଁ ଛୁଟକାରା ହୋଇପାରିବ । କିନ୍ତୁ ତାହାର ବିଗିନିଙ୍ଗ୍ ନାହିଁ । ରାଉଣ୍ଡ୍ ଅଟେ ସବୁ, ପ୍ରତ୍ୟେକ ଜିନିଷ ରାଉଣ୍ଡ୍ । କୌଣସି ଜିନିଷ ଚାରିକୋଣିଆ ନୁହେଁ । ଚାରିକୋଣିଆ ଯଦି ହୋଇଥାନ୍ତା ତେବେ ଆମେ ତାହାକୁ କହିଥାନ୍ତେ ଯେ ଏହି କୋଣରୁ ଆରମ୍ଭ ହେଲା ଏବଂ ଏହି କୋଣରେ ମିଶିଗଲା । ରାଉଣ୍ଡ୍‌ରେ କେଉଁ କୋଣ ? ପୁରା ଜଗତ ହିଁ ରାଉଣ୍ଡ୍ ଅଟେ, ସେଥିରେ ବୁଦ୍ଧି କାମ କରିପାରିବ, ଏପରି ନୁହେଁ । ସେଥିପାଇଁ ବୁଦ୍ଧିକୁ କହିବା, ବସି ଯା ଗୋଟେ ପଟେ, ବୁଦ୍ଧି ବୁଝି ପାରିବ ଏପରି ନୁହେଁ । ଜ୍ଞାନ ଦ୍ୱାରା ବୁଝି ହୁଏ ।

'ଅଣ୍ଡା ପ୍ରଥମେ ନା କୁକୁଡ଼ା ପ୍ରଥମେ ?' ଆରେ ଭାଇ ! ରଖ ତାହାକୁ ସେପଟେ । ତାହାକୁ ଗୋଟେ ପଟେ ରଖି, ଆଗକୁ ବଢ଼ ! ନହେଲେ ଅଣ୍ଡା ଏବଂ କୁକୁଡ଼ା ହେବାକୁ ପଡ଼ିବ । ବାରମ୍ବାର ସେଇଠି ଅଟକିବ ମୁର୍ଖ । ଯାହାର ସମାଧାନ ନାହିଁ ସେ ସବୁ ଗୋଲ । ଆମ ଲୋକେ କୁହନ୍ତି ନା ଯେ ଗୋଲ-ଗୋଲ କଥା କହୁଛି ଏ ବ୍ୟକ୍ତି !

**ପ୍ରଶ୍ନକର୍ତ୍ତା :** ତଥାପି ଏହି ପ୍ରଶ୍ନ ହୋଇ ଚାଲୁଛି ଯେ ଜନ୍ମ ପୂର୍ବରୁ କର୍ମ କେଉଁଠୁ? ଚୌରାଅଶୀ ଲକ୍ଷ ଫେରା ଆରମ୍ଭ ହେଲା । ଏହି ପାପ-ପୁଣ୍ୟ କେଉଁଠୁ, କେବେଠୁ ଆରମ୍ଭ ହେଲା ?

**ଦାଦାଶ୍ରୀ :** ଅନାଦିରୁ ।

**ପ୍ରଶ୍ନକର୍ତ୍ତା :** ତାହାର ଆରମ୍ଭ ତ କିଛି ଥିବ ନା ?

**ଦାଦାଶ୍ରୀ :** ଯେବେଠୁ ବୁଦ୍ଧି ଆରମ୍ଭ ହେଲା ନା ସେବେଠୁ ଆରମ୍ଭ ଏବଂ ବୁଦ୍ଧିର ଏଣ୍ଡ୍ ହୁଏ, ସେଠି ଶେଷ ହୋଇଯାଏ, ବୁଝା ପଡ଼ିଲା ନା? କିନ୍ତୁ ଅଛି ଅନାଦିରୁ!

**ପ୍ରଶ୍ନକର୍ତ୍ତା :** ଏ ଯେଉଁ ବୁଦ୍ଧି ଅଛି, ତାହା କିଏ ଦେଲା ?

**ଦାଦାଶ୍ରୀ :** ଦେବାବାଲା କିଏ ଅଛି ? କେହି ବି *ଉପରୀ* (ବରିଷ୍ଠ ମାଲିକ, ବୋସ୍) ନାହିଁ ନା! ଅନ୍ୟ କେହି ନାହାନ୍ତି ନା । କେହି ଯଦି ଦେବାବାଲା ଥିବ, ତେବେ ତ *ଉପରୀ* ହେଲା! ଉପରୀ ହେଲା ଅର୍ଥାତ ସର୍ବଦା ସେ ଆମ ମୁଣ୍ଡ ଉପରେ ରହିଲା । ପୁଣି ମୋକ୍ଷ ରହିବ ହିଁ ନାହିଁ ଦୁନିଆରେ । ଯେଉଁଠି *ଉପରୀ* ଥାଏ, ସେଠି ମୋକ୍ଷ ହେଉଥିବ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ ସବୁଠୁ ପ୍ରଥମେ କେଉଁ କର୍ମ ହେଲା ? ଯାହା କାରଣରୁ ଏହି ଶରୀର ମିଳିଲା ?

**ଦାଦାଶ୍ରୀ :** ଏହି ଶରୀର କେହି ଦେଇ ନାହାନ୍ତି । ଏହି ଛଅ ତତ୍ତ୍ୱ ସବୁ ଏକାଠି ହେବାରୁ, ସେମାନଙ୍କର ଏପରି ପରସ୍ପର ଜଏଣ୍ଟ୍ ହେବାରୁ "ତା'ର" ଏସବୁ ଅବସ୍ଥା ଉତ୍ପନ୍ନ ହୋଇଛି । ସେ ଶରୀର ମିଳି ହିଁ ନାହିଁ । ଏହା ତ ତୁମକୁ ଯେଉଁ ଏପରି ଦେଖାଯାଉଛି, ତାହା ହିଁ ଭୁଲ । ଭ୍ରାନ୍ତି ଯୋଗୁଁ ଦେଖାଯାଉଛି । ଏହି ଭ୍ରାନ୍ତି ଯଦି ଚାଲିଯାଏ, ତେବେ କିଛି ବି ରହିବ ନାହିଁ । ଏହା ତୁମେ ଯେଉଁ 'ମୁଁ ଚନ୍ଦୁଭାଇ ଅଟେ', ଏପରି ମାନୁଛ, ତାହାଦ୍ୱାରା ଏହା ଉତ୍ପନ୍ନ ହୋଇଛି ସବୁ ।

## କର୍ମ, ଏକ ନା ଅନେକ ଜନ୍ମର ?

**ପ୍ରଶ୍ନକର୍ତ୍ତା :** ଏ ସବୁ ଯେଉଁ କର୍ମ ଅଛି, ତାହା ଏକ ଜନ୍ମରେ ଭୋଗି ହୁଏ ନାହିଁ । ସେଥିପାଇଁ ଅନେକ ଜନ୍ମ ନେବାକୁ ପଡ଼େ ନା, ସେସବୁ ଭୋଗିବା ପାଇଁ ? ଯେପର୍ଯ୍ୟନ୍ତ କର୍ମ ପୂରା ନ ହୋଇଛି, ସେପର୍ଯ୍ୟନ୍ତ ମୋକ୍ଷ କାହିଁ ?

**ଦାଦାଶ୍ରୀ :** ମୋକ୍ଷର କଥା ତ କୁଆଡ଼େ ଗଲା, ସେହି ଜନ୍ମର କର୍ମ ଯେବେ ପୂରା ହୁଏ, ସେତେବେଳେ ଦେହ ତ୍ୟାଗ ହୁଏ । ଆଉ ସେତେବେଳେ ଭିତରେ ନୂଆ କର୍ମ ବାନ୍ଧି ହୋଇ ସାରିଥାଏ । ଏଣୁ ମୋକ୍ଷର କଥା ରହିଲା ହିଁ କେଉଁଠି ? ପୁରୁଣା, ଅନ୍ୟ କୌଣସି ପୂର୍ବ କର୍ମ ଆସେ ନାହିଁ । ତୁମେ ଏବେ ବି କର୍ମ ବାନ୍ଧୁଛ । ଏବେ ତୁମେ ଏହି କଥାବାର୍ତ୍ତା ହେଉଛ ନା, ଏହି ସମୟରେ ମଧ୍ୟ ପୁଣ୍ୟକର୍ମ ବାନ୍ଧୁଛ । ପୁଣ୍ୟାନୁବନ୍ଧୀ ପୁଣ୍ୟକର୍ମ ବାନ୍ଧୁଛ ।

## କରେ କିଏ ଏବଂ ଭୋଗେ କିଏ ?

**ପ୍ରଶ୍ନକର୍ତ୍ତା :** ଦାଦା, ପୂର୍ବ ଜନ୍ମରେ ଯେଉଁ କର୍ମ କରିଛୁ, ତାହା ଏହି ଜନ୍ମରେ ଭୋଗିବାକୁ ପଡ଼େ, ତେବେ ପୂର୍ବ ଜନ୍ମରେ ଯେଉଁ ଦେହ ଭୋଗିଥିଲା, ସେ ଦେହ ତ ଜଳିଗଲା, ଆତ୍ମା ତ ନିର୍ବିକାର ସ୍ୱରୂପ ଅଟେ, ସେହି ଆତ୍ମା ଅନ୍ୟ ଦେହ ନେଇ ଆସେ, କିନ୍ତୁ ଏହି ଦେହକୁ ପୂର୍ବ ଜନ୍ମର ଦେହ ଦ୍ୱାରା କରାଯାଇଥିବା କର୍ମ କାହିଁକି ଭୋଗିବାକୁ ପଡ଼େ ?

**ଦାଦାଶ୍ରୀ :** ସେହି ଦେହଦ୍ୱାରା କରାଯାଇଥିବା କର୍ମ ତ ସେହି ଦେହ ଭୋଗିକି ହିଁ ଯାଏ ।

**ପ୍ରଶ୍ନକର୍ତ୍ତା :** ତେବେ ?

**ଦାଦାଶ୍ରୀ :** ଏହା ତ ଚିତ୍ରିତ କରିଥିବା ମାନସିକ କର୍ମ । ସୂକ୍ଷ୍ମ କର୍ମ । ଅର୍ଥାତ୍ ଯାହାକୁ ଆମେ କଜାଲ୍ ବଡୀ(causal body) କହୁଛେ ନା, କଜେଜ୍ ।

**ପ୍ରଶ୍ନକର୍ତ୍ତା :** ଠିକ୍ ଅଛି, କିନ୍ତୁ ସେ ଦେହ ଭାବ କରିଥିଲା ନା ?

**ଦାଦାଶ୍ରୀ :** ଦେହ ଭାବ କରିନାହିଁ ।

**ପ୍ରଶ୍ନକର୍ତ୍ତା :** ତାହେଲେ ?

**ଦାଦାଶ୍ରୀ :** ଦେହ ତ ନିଜେ ତା'ର ଫଳ ଭୋଗିଲା ନା ! ଦୁଇ ଚଟକଣା ମାରିଲେ, ଏଣୁ ଦେହକୁ ଫଳ ମିଳି ହିଁ ଯାଏ । କିନ୍ତୁ ତା'ର ଯୋଜନାରେ (ଯାହା) ଥିଲା, ତାହା ରୂପକ(ପରିଣାମ)ରେ ଆସିଲା ଏହା ।

**ପ୍ରଶ୍ନକର୍ତ୍ତା :** ହଁ, କିନ୍ତୁ ଯୋଜନା କିଏ କଲା ? ସେ ଦେହ ଯୋଜନା କରିଥିଲା ନା ?

**ଦାଦାଶ୍ରୀ :** ଦେହକୁ ତ ନେବା-ଦେବା ହିଁ ନାହିଁ ନା ! ବାସ୍, ଅହଙ୍କାର ହିଁ କରେ ଏସବୁ ।

## ଏହି ଜନ୍ମର ଏହି ଜନ୍ମରେ ?

**ପ୍ରଶ୍ନକର୍ତ୍ତା :** ଏହି ସବୁ କର୍ମର ଫଳ ଆମର ଏହି ଜନ୍ମରେ ଭୋଗିବାର ଅଛି ନା ଆସନ୍ତା ଜନ୍ମରେ ବି ଭୋଗିବାକୁ ପଡ଼େ ?

**ଦାଦାଶ୍ରୀ :** ପୂର୍ବ ଜନ୍ମରେ ଯେଉଁ କର୍ମ କରିଥିଲେ, ତାହା ଯୋଜନା ରୂପରେ ଥିଲା । ଅର୍ଥାତ କାଗଜରେ ଲେଖା ହୋଇଥିବା ଯୋଜନା । ଏବେ ତାହା ରୂପକ ରୂପରେ ବର୍ତ୍ତମାନ ଆସେ । ଫଳ ଦେବା ପାଇଁ ଯେତେବେଳେ ସମ୍ମୁଖ ହୁଏ, ସେତେବେଳେ ତାହା ପ୍ରାରବ୍ଧ କୁହାଯାଏ । କେତେ ସମୟରେ ପରିପକ୍ୱ ହୁଏ ? ତାହା ପଚାଶ, ପଞ୍ଚସ୍ତରୀ ଅଥବା ଶହେ ବର୍ଷରେ ପରିପକ୍ୱ ହୁଏ, ତେବେ ଫଳ ଦେବା ପାଇଁ ସମ୍ମୁଖ ହୁଏ ।

ଅର୍ଥାତ ପୂର୍ବ ଜନ୍ମରେ ଯେଉଁ କର୍ମ ବାନ୍ଧିଥିଲେ, ତାହା ଅନେକ ବର୍ଷ ପରେ ପରିପକ୍ୱ ହୁଏ, ସେତେବେଳେ ଏଠି ଫଳ ଦିଏ ଏବଂ ସେହି ଫଳ ଦେବା ସମୟରେ ଜଗତର ଲୋକେ କ'ଣ କୁହନ୍ତି, ଯେ ସେ କର୍ମ ବାନ୍ଧିଲା । ସେ ଏହି ଭାଇକୁ ଦୁଇ ଚଟକଣା ମାରିଲା, ତାହାକୁ ଜଗତର ଲୋକେ କ'ଣ କୁହନ୍ତି ? ସେ କର୍ମ ବାନ୍ଧିଲା । କେଉଁ କର୍ମ ବାନ୍ଧିଲା ? ତେବେ କୁହନ୍ତି, 'ଦୁଇ ଚଟକଣା ମାରିଲା ।' ତା'କୁ ତାହାର ଫଳ ଭୋଗିବାକୁ ପଡ଼ିବ । ତାହା ଏଠାରେ ପରେ ମିଳିବ ନିଶ୍ଚିତ । କାହିଁକିନା ଚଟକଣା ମାରିଲା, କିନ୍ତୁ ଆଜି ମାଡ଼ ଖାଇବା ବାଲା ଢିଲା ପଡ଼ିଗଲା, କିନ୍ତୁ ପୁଣି ଯେବେ ବି ମଉକା ମିଳିବ, ସେତେବେଳେ ପ୍ରତିଶୋଧ ନ ନେଇ ରହିବ ନାହିଁ ନା ! ସେତେବେଳେ ଲୋକ କୁହନ୍ତି ଯେ ଦେଖ କର୍ମର ଫଳ ଭୋଗିଲା ନା ଶେଷରେ ! ତେବେ ଏହାକୁ କୁହାଯାଏ, 'ଏହିଠାରେ ଫଳ ଭୋଗିବା ।' କିନ୍ତୁ ଆମେ ତା'କୁ କହୁ ଯେ ତୋ କଥା ସତ । ଏହାର ଫଳ ଭୋଗିବାକୁ ହେବ, କିନ୍ତୁ ସେ ଦୁଇଟି ଚଟକଣା କାହିଁକି ମାରିଲା ? ତାହା କେଉଁ ଆଧାରରେ ? ସେହି ଆଧାର ତା'କୁ ମିଳେ ନାହିଁ । ଇଏ ତ କହିବ ଯେ 'ସେ ହିଁ ମାରିଲା ।' ଏହା ତ ତା'କୁ ଉଦୟକର୍ମ ନଚାଏ । ଅର୍ଥାତ ପୂର୍ବେ ଯେଉଁ କର୍ମ କରିଛି, ତାହା ନଚାଏ ।

**ପ୍ରଶ୍ନକର୍ତ୍ତା :** ସେ ଯେଉଁ ଚଟକଣା ମାରିଲା ତାହା କର୍ମର ଫଳ ଅଟେ, କର୍ମ ନୁହେଁ, ଏହା ଠିକ ଅଟେ ନା ?

**ଦାଦାଶ୍ରୀ :** ହଁ, ତାହା କର୍ମଫଳ ଅଟେ । ଏଣୁ ଉଦୟକର୍ମ ତାହାଦ୍ୱାରା ଏହା କରାଏ ଏବଂ ସେ ଦୁଇ ଚଟକଣା ମାରିଦିଏ । ପୁଣି ସେ ମାଡ଼ ଖାଇବାବାଲା କ'ଣ କୁହେ, ଯେ 'ଭାଇ, ଆଉ ଥରେ-ଦୁଇଥର ମାର ନା !' ସେତେବେଳେ ସେ କହିବ, 'ମୁଁ କ'ଣ ନିର୍ବୁଦ୍ଧିଆ ମୁର୍ଖ ? !' ଓଲଟା ଗାଳି ଦିଏ । ପ୍ରଥମେ ଯେଉଁ ମାରିଥିଲା, ତାହାର କାରଣ ଅଛି । ଉଭୟଙ୍କର ହିସାବ ଥାଏ ଏବଂ ସେହି ହିସାବରୁ ବାହାରେ କିଛି ବି ହୁଏ ନାହିଁ । ଅର୍ଥାତ ଏହି ଜଗତ ଏପରି ହିସାବବାଲା ଅଟେ, ଏକ-ଏକ ଅଣା ଏବଂ ପଇସା ସହିତ ହିସାବ ଅଟେ । ଏଣୁ ଏହି ଜଗତ ଡରିବା ପରି ବିଲକୁଲ ବି ନୁହେଁ, ଶାନ୍ତିରେ ଶୋଇଯିବା ପରି ଅଟେ । ତଥାପି ଏପରି ବିଲକୁଲ ନିର୍ଭୟ ହୋଇଯିବା ଉଚିତ ନୁହେଁ ଯେ ମୋତେ କିଛି ହେବ ନାହିଁ ।

## କର୍ମଫଳ - ଲୋକଭାଷାରେ, ଜ୍ଞାନୀଙ୍କ ଭାଷାରେ

**ପ୍ରଶ୍ନକର୍ତ୍ତା :** ଏଠାକାର ସବୁ ଏଇଠି ହିଁ ଭୋଗିବାର ଅଛି, ଏପରି କୁହନ୍ତି । ତାହା କ'ଣ ଭୁଲ ?

**ଦାଦାଶ୍ରୀ :** ଏଠାକାର ଏଇଠି ହିଁ ଭୋଗିବାର ଅଛି, କିନ୍ତୁ ତାହା ଏହି ଜଗତର ଭାଷାରେ । ଅଲୌକିକ ଭାଷାରେ ତାହାର ଅର୍ଥ କ'ଣ ହୁଏ ?

ପୂର୍ବ ଜନ୍ମରେ ଅହଙ୍କାରର, ମାନର କର୍ମ ବନ୍ଧା ହୋଇଥାଏ, ତେଣୁ ଏହି ଜନ୍ମରେ ତାଙ୍କର ବଡ଼ ବିଲଡିଙ୍ଗ୍ ତିଆରି ହୁଏ, ତେବେ ପୁଣି ତାହାଦ୍ୱାରା ସେ ମାନୀ ହୁଏ । କାହିଁକି ମାନୀ ହୁଏ ? କର୍ମର ହିସାବରେ ସେ ମାନୀ ହୁଏ । ଏବେ ମାନୀ ହେଲା, ତାହାକୁ ଜଗତର ଲୋକେ କ'ଣ କୁହନ୍ତି ଯେ, 'ସେ କର୍ମ ବାନ୍ଧୁଛି, ସେ ଏପରି ମାନ କରୁଛି ।' ଜଗତର ଲୋକେ ଏହାକୁ କର୍ମ କୁହନ୍ତି । ଯେବେକି ଭଗବାନଙ୍କ ଭାଷାରେ ତ ଏହା କର୍ମର ଫଳ ଆସିଛି । ଫଳ ଅର୍ଥାତ ମାନ କରିବାର ନଥିବ ତେବେ ମଧ୍ୟ କରିବାକୁ ହିଁ ପଡ଼େ, ହୋଇ ହିଁ ଯାଏ ।

ଆଉ ଜଗତର ଲୋକେ ଯେଉଁ କୁହନ୍ତି ଯେ 'ସେ କ୍ରୋଧ କରୁଛି, ମାନ କରୁଛି, ଅହଙ୍କାର କରୁଛି', ଏବେ ତାହାର ଫଳ ଏଇଠିକୁ ଏଇଠି ହିଁ ଭୋଗିବାକୁ ପଡ଼େ । ମାନର ଫଳ ଏଇଠିକୁ ଏଇଠି କ'ଣ ଆସେ କି ଅପକୀର୍ତ୍ତି ବ୍ୟାପେ, ଅପଯଶ ବ୍ୟାପେ, ତାହା ଏହିଠାରେ ଭୋଗିବାକୁ ପଡ଼େ । ଏହି ମାନ କରନ୍ତି, ସେହି ସମୟରେ ଯଦି ମନରେ ଏପରି ହୁଏ ଯେ ଏହା ଠିକ୍ ହେଉ ନାହିଁ, ଏପରି ନହେବା ଉଚିତ, ମୋତେ

ମାନ ବିଲୟ କରିବାର ଆବଶ୍ୟକତା ଅଛି, ଏପରି ଭାବ ଯଦି ହୁଏ ତେବେ ସେ ନୂଆ କର୍ମ ବାନ୍ଧେ । ଯାହାଦ୍ୱାରା ପୁଣି ଆସନ୍ତା ଜନ୍ମରେ ମାନ କମ ହୋଇଯାଏ ।

କର୍ମର ଥିଓରୀ ଏପରି ଅଟେ । ଭୁଲ ହେବା ସମୟରେ ଭିତରେ ଯଦି ଭାବ ବଦଳି ଯାଏ ତେବେ ସେହି ଅନୁସାରେ ନୂଆ କର୍ମ ବନ୍ଧନ ହୁଏ । ଆଉ ଯଦି ଭୁଲ କରେ ଏବଂ ଉପରୁ ଖୁସି ହୁଏ ଯେ, 'ଏହିପରି କରିବା ଉଚିତ' ତେବେ ତାହାଦ୍ୱାରା ପୁଣି ନୂଆ କର୍ମ ମଜଭୁତ୍ ହୋଇଯାଏ, *ନିକାଚିତ୍* (ଯାହା ଭୋଗିବାକୁ ହିଁ ପଡ଼େ) ହୋଇଯାଏ । ତାହାକୁ ପୁଣି ଭୋଗିବାକୁ ହିଁ ପଡ଼ିବ !

ପୁରା ସାଇନ୍ସ ହିଁ ବୁଝିବା ପରି ଅଟେ । ବୀତରାଗଙ୍କ ବିଜ୍ଞାନ ବହୁତ ଗହନ ଅଟେ ।

## ...ନା ଏହି ଜନ୍ମର ଆସନ୍ତା ଜନ୍ମରେ ?

**ପ୍ରଶ୍ନକର୍ତ୍ତା :** ଏହି ଜନ୍ମରେ କରାଯାଇଥିବା କର୍ମର ଫଳ କ'ଣ ଆସନ୍ତା ଜନ୍ମରେ ମିଳି ପାରିବ ?

**ଦାଦାଶ୍ରୀ :** ହଁ, ଏହି ଜନ୍ମରେ ମିଳେ ନାହିଁ ।

**ପ୍ରଶ୍ନକର୍ତ୍ତା :** ତାହେଲେ ଏବେ ଆମେ ଯାହା ଭୋଗୁଛୁ, ତାହା ପୂର୍ବ ଜନ୍ମର ଫଳ ଅଟେ ?

**ଦାଦାଶ୍ରୀ :** ହଁ, ପୂର୍ବ ଜନ୍ମର ଫଳ ଅଟେ ଏବଂ ସାଥେ-ସାଥେ ଆସନ୍ତା ଜନ୍ମ ପାଇଁ ନୂଆ କର୍ମ ବାନ୍ଧି ହେଉଛି । ଏଣୁ ତୁମକୁ ନୂଆ କର୍ମ ଭଲ କରିବା ଉଚିତ । ଏହା ତ ବିଗିଡ଼ି ସାରିଛି କିନ୍ତୁ ଆଗକୁ ଆସିବାକୁ ଥିବା ନ ବିଗୁଡୁ, ଏତିକି ଦେଖୁଥିବାର ଅଛି ।

**ପ୍ରଶ୍ନକର୍ତ୍ତା :** ଏବେ କଳିଯୁଗ ଚାଲୁଅଛି, ଏବେ ମନୁଷ୍ୟ ଭଲ କର୍ମ ତ କରି ପାରୁ ନାହିଁ, କଳିଯୁଗ ପ୍ରଭାବରୁ ।

**ଦାଦାଶ୍ରୀ :** ଭଲ କର୍ମର ଆବଶ୍ୟକତା ନାହିଁ ।

**ପ୍ରଶ୍ନକର୍ତ୍ତା :** ତେବେ କାହାର ଆବଶ୍ୟକତା ଅଛି ?

**ଦାଦାଶ୍ରୀ :** ଭିତରେ ସଦ୍‌ଭାବନାର ଆବଶ୍ୟକତା ଅଛି । ଭଲ କର୍ମ ତ ଯଦି

ପ୍ରାରବ୍ଧ ଭଲ ଥିବ ତେବେ ହୋଇପାରିବ, ନହେଲେ ହୋଇପାରିବ ନାହିଁ । କିନ୍ତୁ ଭଲ ଭାବନା ତ ହୋଇପାରିବ, ପ୍ରାରବ୍ଧ ଭଲ ନଥିଲେ ମଧ୍ୟ ।

## ଖରାପ କର୍ମର ଫଳ କେବେ ?

**ପ୍ରଶ୍ନକର୍ତ୍ତା :** ଭଲ ଏବଂ ଖରାପ କର୍ମର ଫଳ ଏହି ଜନ୍ମରେ ଅଥବା ଆସନ୍ତା ଜନ୍ମରେ ଭୋଗିବାକୁ ପଡ଼େ, ତେବେ ସେମିତିରେ ଜୀବ ମୋକ୍ଷଗତିକୁ କିପରି ପ୍ରାପ୍ତ କରିବ ?

**ଦାଦାଶ୍ରୀ :** କର୍ମର ଫଳ କ୍ଷତି ପହଞ୍ଚାନ୍ତି ନାହିଁ । କର୍ମର ବୀଜ କ୍ଷତି ପହଞ୍ଚାନ୍ତି । ମୋକ୍ଷରେ ଯିବା ସମୟରେ କର୍ମବୀଜ ପଡ଼ିବା ଯଦି ବନ୍ଦ ହୋଇଗଲା ତେବେ କର୍ମଫଳ ତା'କୁ ଅବରୋଧ କରନ୍ତି ନାହିଁ, କର୍ମବୀଜ ଅବରୋଧ କରନ୍ତି । ବୀଜ କ'ଣ ପାଇଁ ଅବରୋଧ କରନ୍ତି ? ଯେ ତୁ ବୁଣିଛୁ ଏଣୁ ଏହାର ସ୍ୱାଦ ତୁ ନେଇକି ଯା, ତାହାର ଫଳ ଚାଖିକି ଯା । ତାହାକୁ ନ ଚାଖି ଯାଇ ପାରିବୁ ନାହିଁ । ଅର୍ଥାତ ବୀଜ ହିଁ ଅବରୋଧ କରନ୍ତି, ନହେଲେ ଏହି କର୍ମଫଳ ଅବରୋଧ କରନ୍ତି ନାହିଁ । ଫଳ ତ କୁହନ୍ତି, 'ତୁ ତୋ ଅନୁସାରେ ଖାଇକି ଚାଲି ଯା ।'

**ପ୍ରଶ୍ନକର୍ତ୍ତା :** କିନ୍ତୁ ଆପଣ କହିଥିଲେ ଯେ ଏକ ପ୍ରତିଶତ ବି ଯଦି କର୍ମ କରିଥିବ ତେବେ ତାହା ଭୋଗିବାକୁ ହିଁ ପଡ଼େ ।

**ଦାଦାଶ୍ରୀ :** ହଁ, ଭୋଗିବାକୁ ହିଁ ପଡ଼େ । ଭୋଗିବା ବିନା ଚାରା ନାହିଁ । କର୍ମର ଫଳ ଭୋଗିବା ସହିତ ମଧ୍ୟ ମୋକ୍ଷ ହୋଇ ପାରିବ, ଏପରି ରାସ୍ତା ଥାଏ । କିନ୍ତୁ କର୍ମ ବାନ୍ଧିବା ସମୟରେ ମୋକ୍ଷ ହୁଏ ନାହିଁ । କାହିଁକିନା ସେ ଯଦି କର୍ମ ବାନ୍ଧୁଥିବ ତେବେ ଫଳ ଖାଇବା ପାଇଁ ଏବେ ଆହୁରି ରହିବାକୁ ପଡ଼ିବ ନା !

**ପ୍ରଶ୍ନକର୍ତ୍ତା :** ଯେଉଁ ଭଲ-ଖରାପ କର୍ମ ଆମେ କରୁ, ତାହା ଏହି ଜନ୍ମରେ ଭୋଗିବାକୁ ହୁଏ ନା ପୁଣି ଆସନ୍ତା ଜନ୍ମରେ ?

**ଦାଦାଶ୍ରୀ :** ଯେଉଁ କର୍ମ ଲୋକେ ଦେଖି ପାରନ୍ତି ଯେ, 'ଇଏ ଖରାପ କର୍ମ କଲା, ଇଏ ଚୋରି କଲା, ଇଏ ବେଇମାନୀ କଲା, ଇଏ ଧୋକା ଦେଲା, ସେ ସବୁ ଏହିଠାରେ ଭୋଗିବାର ଅଛି ଏବଂ ସେହି କର୍ମଦ୍ୱାରା ହିଁ ଭିତରେ ରାଗ୍-ଦ୍ୱେଷ(ପସନ୍ଦ-ନାପସନ୍ଦ) ଉତ୍ପନ୍ନ ହୁଏ, ତାହାର ଫଳ ଆସନ୍ତା ଜନ୍ମରେ ଭୋଗିବାକୁ ପଡ଼େ ।'

## ପ୍ରତ୍ୟେକ ଜନ୍ମ ପୂର୍ବ ଜନ୍ମର ସାର

**ପ୍ରଶ୍ନକର୍ତ୍ତା :** ଏ ଯେଉଁ କର୍ମ ଏବେ ଅଛି, ତାହା ଅନନ୍ତ ଜନ୍ମର ଅଟେ ?

**ଦାଦାଶ୍ରୀ :** ପ୍ରତ୍ୟେକ ଜନ୍ମ, ଅନନ୍ତ ଜନ୍ମର ସାର(ସନ୍ତୁଳିତ ହିସାବ, balance sheet) ରୂପେ ହୋଇଥାଏ । ସବୁ ଜନ୍ମର (କର୍ମ) ଏକାଠି ହୁଏ ନାହିଁ। କାରଣ ନିୟମ ଏପରି ଅଟେ ଯେ ପରିପକ୍ୱ ସମୟ ହେଲେ ଫଳ ପାଚିବା ହିଁ ଦରକାର, ନହେଲେ କେତେ ସାରା କର୍ମ ରହିଯିବ ।

**ପ୍ରଶ୍ନକର୍ତ୍ତା :** ଏସବୁ ପୂର୍ବ ଜନ୍ମ ସହିତ ଯୋଡ଼ି ହୋଇଛି ନା ?

**ଦାଦାଶ୍ରୀ :** ହଁ, ଏପରି ଅଟେ ଯେ କୌଣସି ଜୀବ ଗୋଟିଏ ଜନ୍ମରେ ଦୁଇଟି କାର୍ଯ୍ୟ କରି ପାରେ ନାହିଁ, କଜେଜ୍ ଏବଂ ଇଫେକ୍ଟ ଏକା ସହିତ କରି ପାରେ ନାହିଁ। କାରଣ କଜେଜ୍ ଏବଂ ଇଫେକ୍ଟର ଅବଧି ଏକା ସହିତ କିପରି ହେବ ? ତାହାର ଅବଧି ପୂରା ହେବା ପରେ କଜେଜ୍ ଇଫେକ୍ଟିଭ ହୁଅନ୍ତି । ଅବଧି ପୂରା ହେବା ବିନା ହୁଏ ନାହିଁ। ଯେପରି ଏହି ଆମ୍ବ ଗଛ ଥାଏ ନା, ସେଥିରେ ଫୁଲ ଆସିବା ପରେ ଆମ୍ବ କଷି ହୁଏ । ତାହା ପାଚିବା ପାଇଁ ସମୟ ଲାଗେ କି ନାହିଁ ? ଯଦି ଆମେ ପରଦିନ ମାନସିକ ରଖିବା ଯେ ପାଚିଯାଉ, ତେବେ କ'ଣ ପାଚିଯିବ ? ଅର୍ଥାତ ଏହି କର୍ମ ଯେଉଁ ବାନ୍ଧନ୍ତି, ତାହା ପରିପକ୍ୱ ହେବା ପାଇଁ ଶହେ ବର୍ଷ ଦରକାର, ତେବେଯାଇ ତାହା ଫଳ ଦେବା ପାଇଁ ସମ୍ମୁଖ ହୁଏ ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ ଏହି ଜନ୍ମର ଯେଉଁ କର୍ମ ଅଛି, ତାହା ପୂର୍ବ ଜନ୍ମର ଅଟେ ନା ତାହାଠୁ ବି ପୂର୍ବର ଅନନ୍ତ ଜନ୍ମର ଅଟେ ?

**ଦାଦାଶ୍ରୀ :** ନା, ପ୍ରକୃତିରେ ଏପରି ହୁଏ ନାହିଁ । ପ୍ରକୃତି ତ ବହୁତ ଚୋଖା(ଶୁଦ୍ଧ) ଅଟେ, ଯେପରି ନିୟମ ବ୍ୟାପାରୀଙ୍କୁ ବି ଆସେ ନାହିଁ, ସେପରି ଉତ୍ତମ ନିୟମ ! ଆଜିରୁ ଦଶମ ଜନ୍ମରେ(ଦଶ ଜନ୍ମ ପୂର୍ବେ) ଯେଉଁ କର୍ମ ହୋଇଥିବ ନା, ତାହାର ସାର(ହିସାବ) ବାହାର କରି, ସେହି ଲାଭ-କ୍ଷତି ଆଗକୁ ଟାଣି ନେଇଯାଏ, ନବମ ଜନ୍ମରେ । ଏବେ ସେଥିରେ ସେ ସବୁ କର୍ମ ଆସେ ନାହିଁ, କେବଳ ସାର ବାହାରି କର୍ମ ଆସେ । ନବମରୁ ଅଷ୍ଟମରେ, ଅଷ୍ଟମରୁ ସପ୍ତମରେ । ଏହିପରି ଭିତରେ ଯେତେ ବର୍ଷର ଆୟୁଷ ଥାଏ, କେବଳ ସେତେ ବର୍ଷର କର୍ମ ଥାଏ । କିନ୍ତୁ ତାହା ପୁଣି ସେହି ରୂପରେ ଭିତରେ ଆସେ,

କିନ୍ତୁ ତାହା ଗୋଟିଏ ଜନ୍ମର ହିଁ କୁହାଯିବ । ଦୁଇ ଜନ୍ମର ଏକାଠି ହୋଇଛି, ଏପରି କହି ହେବ ନାହିଁ ।

କର୍ମ ପରିପକ୍ୱ ହେବା ପାଇଁ ସମୟ ଲାଗେ । କିଛି ଲୋକଙ୍କର ପାଞ୍ଚଶହ ବର୍ଷରେ, ହଜାର-ହଜାର ବର୍ଷରେ ପରିପକ୍ୱ ହୁଏ । ତଥାପି ବହି(account-book)ରେ ସବୁ ନୂଆ ହିଁ ଅଟେ ।

**ପ୍ରଶ୍ନକର୍ତ୍ତା :** କ୍ୟାରି ଫରଓ୍ୱାର୍ଡ଼(carry forward) ହୋଇଯାଏ ?

**ଦାଦାଶ୍ରୀ :** ହଁ, ବହି କଥା ତୁମକୁ ବୁଝା ପଡ଼ିଲା ? ପୁରୁଣା ବହିର ନୂଆ ବହିରେ ଆସିଯାଏ ଏବଂ ଏବେ ସେ ଭାଇ ନୂଆ ବହିରେ ଆସିଯିବ । କିଛି ବି ବାକି ରହିବା ବିନା । ଅର୍ଥାତ କଜେଜ୍ ରୂପରେ ଏହି କର୍ମ ବନ୍ଧନ ହୁଏ, ସେ ସବୁ ଇଫେକ୍ଟିଭ କେବେ ହୁଏ ? ପଚାଶ-ଷାଠିଏ-ପଞ୍ଚସ୍ତରୀ ବର୍ଷ ବିତିଯାଏ, ତେବେ ଫଳ ଦେବା ପାଇଁ ଇଫେକ୍ଟିଭ ହୁଏ ।

## ଏ ସବୁର ସଞ୍ଚାଳକ କିଏ ?

**ପ୍ରଶ୍ନକର୍ତ୍ତା :** ତେବେ ଏ ସବୁ ଚଲାଉଛି କିଏ ?

**ଦାଦାଶ୍ରୀ :** ଏ ସବୁ ତ, ଏହି କର୍ମର ନିୟମ ଏପରି ଅଟେ ଯେ ତୁମେ ଯେଉଁ କର୍ମ କରୁଛ, ତାହାର ପରିଣାମ ଆପେ ଆପେ ପ୍ରାକୃତିକ ରୂପେ ଆସେ ।

**ପ୍ରଶ୍ନକର୍ତ୍ତା :** ଏହି କର୍ମର ଫଳ ଆମକୁ ଭୋଗିବାକୁ ପଡ଼େ, ତାହା କିଏ ସ୍ଥିର କରେ ? କିଏ ଆମକୁ ଏସବୁ ଭୋଗାଏ ?

**ଦାଦାଶ୍ରୀ :** ସ୍ଥିର କରିବାର ଆବଶ୍ୟକତା ହିଁ ନାହିଁ । କର୍ମ 'ଇଟ୍‌ସେଲ୍ଫ(ସ୍ୱୟଂ)' କରି ଚାଲେ । ଆପେ ଆପେ ସ୍ୱୟଂ ହିଁ ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** ତେବେ ପୁଣି କର୍ମର ନିୟମକୁ କିଏ ଚଲାଏ ?

**ଦାଦାଶ୍ରୀ :** 2H ଏବଂ O ଏକାଠି ହୋଇଯାଏ ତେବେ ବର୍ଷା ହୋଇଯାଏ, ଏହା କର୍ମର ନିୟମ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ସେହି ନିୟମ କେହି କରିଥିବ ନା ?

**ଦାଦାଶ୍ରୀ :** ନିୟମ କେହି କରେ ନାହିଁ । ତେବେ ତ ପୁଣି ସେ ମାଲିକ

କୁହାଯିବ । କାହାକୁ କରିବାର ଆବଶ୍ୟକତା ନାହିଁ । ଇଟ୍‌ସେଲ୍ଫ ପଜଲ୍ ହୋଇ ଯାଇଛି ଏବଂ ତାହା ବିଜ୍ଞାନର ନିୟମାନୁସାରେ ହୁଏ । ତାହାକୁ ମୁଁ ଏପରି କୁହେ ଯେ 'ଓନ୍‌ଲୀ ସାଇଣ୍ଟିଫିକ୍ ସରକମ୍‌ଷ୍ଟେନ୍ସିୟଲ୍ ଏଭିଡେନ୍ସ(କେବଳ ବୈଜ୍ଞାନିକ ସଂଯୋଗଯୁକ୍ତ ପ୍ରମାଣ)'ଦ୍ୱାରା ଜଗତ ଚାଲୁଅଛି । ତାହାକୁ ଗୁଜରାଟୀରେ କହିଛି ଯେ 'ବ୍ୟବସ୍ଥିତ ଶକ୍ତି' ଜଗତ ଚଲାଉଛି ।

## 'ବ୍ୟବସ୍ଥିତ ଶକ୍ତି' ଏବଂ କର୍ମ

**ପ୍ରଶ୍ନକର୍ତ୍ତା :** ଆପଣ ଯେଉଁ 'ବ୍ୟବସ୍ଥିତ' କହୁଛନ୍ତି, କ'ଣ ତାହା କର୍ମ ଅନୁସାରେ ଅଟେ ?

**ଦାଦାଶ୍ରୀ :** ଜଗତ କେଉଁଠି କର୍ମଦ୍ୱାରା ଚାଲୁ ନାହିଁ । ଜଗତକୁ 'ବ୍ୟବସ୍ଥିତ ଶକ୍ତି' ଚଲାଉଛି । ତୁମକୁ କିଏ ନେଇକି ଆସିଲା ଏଠାକୁ ? କର୍ମ ? ନା । ତୁମକୁ 'ବ୍ୟବସ୍ଥିତ' ନେଇକି ଆସିଛି । କର୍ମ ତ ଭିତରେ ପଡ଼ି ରହିଥିଲା । ସେ କାଲି କାହିଁକି ନେଇକି ଆସିଲା ନାହିଁ ଆଉ ଆଜି ନେଇକି ଆସିଲା ? 'ବ୍ୟବସ୍ଥିତ' କାଳ ଏକତ୍ର କରିଦିଏ, ଭାବ ଏକତ୍ର କରିଦିଏ । ସବୁ ସଂଯୋଗ ଏକାଠି ହୋଇଗଲା, ତେବେ ତୁ ଏଠାକୁ ଆସିଲୁ । କର୍ମ ତ 'ବ୍ୟବସ୍ଥିତ'ର ଏକ ଅଂଶ ଅଟେ । ଯଦି ସଂଯୋଗ ମିଳିଯାଏ ସେତେବେଳେ କୁହେ, 'ମୁଁ କଲି' ଆଉ ଯେବେ ସଂଯୋଗ ନ ମିଳେ ସେତେବେଳେ ?

## ଫଳ ମିଳେ ଅଟୋମେଟିକ୍

**ପ୍ରଶ୍ନକର୍ତ୍ତା :** କର୍ମର ଫଳ ଯଦି ଅନ୍ୟ କେହି ଦିଏ ତେବେ ପୁଣି ତାହା କର୍ମ ହିଁ ହେଲା ?

**ଦାଦାଶ୍ରୀ :** କର୍ମର ଫଳ ଅନ୍ୟ କେହି ଦିଏ ହିଁ ନାହିଁ । କର୍ମର ଫଳ ଦେବାବାଲା କେହି ଜନ୍ମି ହିଁ ନାହିଁ । ଏଠି ଯଦି କେବଳ ଓଡ଼କ୍ଷମରା ଔଷଧ ପିଇ ଦିଏ ତେବେ ମରି ହିଁ ଯିବ, ସେଥିରେ ଫଳ ଦେବାବାଲାର ମଝିରେ କୌଣସି ଆବଶ୍ୟକତା ନାହିଁ ।

ଫଳ ଦେବାବାଲା ଯଦି ଥାଆନ୍ତା ନା, ତେବେ ତ ବହୁତ ବଡ଼ ଅଫିସ୍ ଖୋଲିବାକୁ ପଡ଼ିଥାନ୍ତା । ଏହା ତ ସାଇଣ୍ଟିଫିକ୍ ପ୍ରକ୍ରିୟାରେ ଚାଲୁଛି । ମଝିରେ କାହାର ଆବଶ୍ୟକତା ନାହିଁ ! ଯେବେ ତା'ର କର୍ମ ପରିପକ୍ୱ ହୁଏ, ସେତେବେଳେ ଫଳ ଆପେ ଆପେ ଆସି

ଉଭା ହୁଏ, ସ୍ୱୟଂ ଆପେ ଆପେ । ଯେପରି ଏହି କଞ୍ଚା ଆମ୍ବ ଆପେ ଆପେ ପାଚି ଯାଏ ନା ! ପାଚେ ନାହିଁ ?

**ପ୍ରଶ୍ନକର୍ତ୍ତା :** ହଁ, ହଁ ।

**ଦାଦାଶ୍ରୀ :** ଆମ୍ବ କ'ଣ ଗଛରେ ପାଚେ ନାହିଁ ? ହଁ, ଗଛରେ ପାଚେ ନା, ସେହିପରି ଏହି କର୍ମ ପରିପକ୍ୱ ହୁଏ । ଯେତେବେଳେ ତାହାର ଟାଇମ୍ ଆସେ, ସେତେବେଳେ ପାଚି, ପ୍ରସ୍ତୁତ ହୋଇ ଫଳ ଦେବା ଯୋଗ୍ୟ ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** ପୂର୍ବ ଜନ୍ମରେ ଆମେ ଯେଉଁ କର୍ମ କରିଥିଲୁ, ଏହି ଜନ୍ମରେ ତାହାର ଫଳ ଆସିଲା, ତେବେ ଏହି ସବୁ କର୍ମର ହିସାବ କିଏ ରଖେ ? ତାହାର ବହି(account-book) କିଏ ରଖେ ?

**ଦାଦାଶ୍ରୀ :** ଯେତେବେଳେ ଥଣ୍ଡା ପଡ଼େ, ସେତେବେଳେ ପାଇପ ଭିତରେ ଯେଉଁ ପାଣି ଥାଏ, ତାହାକୁ ବରଫ କିଏ କରେ ? ତାହା ତ ବାତାବରଣ ଥଣ୍ଡା ହେଲା, ସେଥିପାଇଁ ! ଓନ୍‌ଲୀ ସାଇଣ୍ଟିଫିକ୍ ସରକମ୍‌ସ୍ଟେନ୍ସିୟଲ୍ ଏଭିଡେନ୍ସ(କେବଳ ବୈଜ୍ଞାନିକ ସଂଯୋଗଯୁକ୍ତ ପ୍ରମାଣ) ! ଏସବୁ କର୍ମ-ବର୍ମ କରନ୍ତି, ତାହାର ଫଳ ଆସେ ତାହା ମଧ୍ୟ ଏଭିଡେନ୍ସ ଅଟେ । ତୋତେ ଭୋକ ଲାଗୁଛି, ତାହା କିଏ କରାଉଛି ? ସବୁ ସାଇଣ୍ଟିଫିକ୍ ସରକମ୍‌ସ୍ଟେନ୍ସିୟଲ୍ ଏଭିଡେନ୍ସ ଅଟେ, ତାହାଦ୍ୱାରା ସବୁ ଚାଲେ !

## କର୍ମଫଳରେ 'ଅଡ଼ର୍'ର ଆଧାର

**ପ୍ରଶ୍ନକର୍ତ୍ତା :** କେଉଁ ଅଡ଼ର୍(କ୍ରମ)ରେ କର୍ମର ଫଳ ଆସେ ? ଯେଉଁ ଅଡ଼ର୍‌ରେ ତାହା ବନ୍ଧା ହୋଇଥାଏ, ସେହି ଅଡ଼ର୍‌ରେ ତାହାର ଫଳ ଆସେ ? ଅର୍ଥାତ ପ୍ରଥମେ ଏହି କର୍ମ ବାନ୍ଧିଲା, ପରେ ଏହି କର୍ମ ବାନ୍ଧିଲା, ପରେ ଏହି କର୍ମ ବାନ୍ଧିଲା । ଏହା ଏକ ନମ୍ବର କର୍ମ ବାନ୍ଧିଲା, ତେବେ ତାହାର ଡିସ୍‌ଚାର୍ଜ ପ୍ରଥମେ ଆସେ ? ପୁଣି ଦୁଇ ନମ୍ବର କର୍ମ ବାନ୍ଧିଲା, ତାହାର ଡିସ୍‌ଚାର୍ଜ ଦ୍ୱିତୀୟ ନମ୍ବରରେ ଆସେ, ଏପରି ହୁଏ ?

**ଦାଦାଶ୍ରୀ :** ନା, ଏପରି ନୁହେଁ ।

**ପ୍ରଶ୍ନକର୍ତ୍ତା :** ହଁ, ତେବେ କିପରି, ତାହା ଟିକିଏ ବୁଝାନ୍ତୁ ।

**ଦାଦାଶ୍ରୀ :** ନା, ଏପରି ନୁହେଁ । ସେ ସବୁ ତାଙ୍କ(କର୍ମର) ସ୍ୱଭାବ ଅନୁସାରେ ସବୁ ସେଟ୍ ହୋଇଯାଏ ଯେ ଏହା ଦିନରେ ଭୋଗିବାର କର୍ମ, ଏହା ରାତିରେ ଭୋଗିବାର

କର୍ମ, ଏ ସବୁ... ଏହିପରି ସେଟ୍ ହୋଇଯାଏ । ଏହା ଦୁଃଖରେ ଭୋଗିବାର କର୍ମ, ଏହା ସୁଖରେ ଭୋଗିବାର କର୍ମ, ଏପରି ସେଟ୍ ହୋଇଯାଏ । ସେହିପରି ତାଙ୍କର(କର୍ମର) ସବୁ ବ୍ୟବସ୍ଥା ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** ସେହି ବ୍ୟବସ୍ଥା କେଉଁ ଆଧାରରେ ହୁଏ ?

**ଦାଦାଶ୍ରୀ :** ସ୍ୱଭାବ ଆଧାରରେ । ଆମେ ସବୁ ମିଶୁଛେ, ତେବେ ସବୁ ଏକ ସ୍ୱଭାବବାଲା ହୋଇଥିବେ, ତେବେଯାଇ ଭେଟ ହୁଏ । ନହେଲେ ହୁଏ ନାହିଁ ।

## କେବଳଜ୍ଞାନରେ ହିଁ ତାହା ଦେଖାଯାଏ

**ପ୍ରଶ୍ନକର୍ତ୍ତା :** ଏହି କର୍ମ ନୂଆ ଅଟେ କି ପୁରୁଣା, ତାହା କିପରି ଦେଖାଯିବ ?

**ଦାଦାଶ୍ରୀ :** କର୍ମ କଲା କି ନାହିଁ, ଏହା ତ କେହି ଦେଖି ପାରିବେ ନାହିଁ । ତାହା ତ ଭଗବାନଙ୍କୁ, ଯାହାଙ୍କୁ କେବଳଜ୍ଞାନ ଥିବ, ସେ ହିଁ ଜାଣି ପାରିବେ । ଏହି ଜଗତରେ ତୁମକୁ ଯେଉଁ କର୍ମ ଦେଖା ଯାଉଛି, ସେଥିରେ ଏକ ସୋରିଷ ଯେତିକି ବି କର୍ମ ନୂଆ ନୁହେଁ । ଏହି କର୍ମର ଯଦି ଜ୍ଞାତା-ଦ୍ରଷ୍ଟା ରହିବ ତେବେ ନୂଆ କର୍ମବନ୍ଧନ ହେବ ନାହିଁ ଆଉ ତନ୍ମୟାକାର ରହିବ ତେବେ ନୂଆ କର୍ମବନ୍ଧନ ହେବ । ଆତ୍ମଜ୍ଞାନୀ ହେବା ପରେ କର୍ମବନ୍ଧନ ହୁଏ ନାହିଁ ।

ଏହି ଜଗତରେ ଆତ୍ମା ଦେଖାଯାଏ ନାହିଁ, କର୍ମ ବି ଦେଖାଯାଏ ନାହିଁ କିନ୍ତୁ କର୍ମଫଳ ଦେଖାଯାଏ ।

ଯେବେ କର୍ମଫଳ ଆସେ ତେବେ ଲୋକଙ୍କୁ ସେଥିରେ 'ଟେଷ୍ଟ୍' ଆସେ, ସେତେବେଳେ ସେଥିରେ ତନ୍ମୟାକାର ହୋଇଯାନ୍ତି, ସେହି କାରଣରୁ ହିଁ ଭୋଗିବାକୁ ପଡ଼େ ।

## ଏହି ଅବେଳରେ କେଉଁଠୁ ?

**ପ୍ରଶ୍ନକର୍ତ୍ତା :** ଅନେକ ଥର ଏପରି ହୁଏ ଯେ ଆମେ ଅଶୁଭ କର୍ମ ବାନ୍ଧୁଥିବୁ କିନ୍ତୁ ସେହି ସମୟରେ ବାହାରେ ତ ଶୁଭକର୍ମର ଉଦୟ ଥାଏ ।

**ଦାଦାଶ୍ରୀ :** ହଁ, ଏପରି ହୁଏ । ଏବେ ତୁମର ଶୁଭ କର୍ମର ଉଦୟ ହୋଇଥିବ କିନ୍ତୁ ଭିତରେ ଅଶୁଭ କର୍ମ ବାନ୍ଧିପାର ।

ତୁମେ ବାହାରୁ ଏଠାକୁ ସିଟୀକୁ(ସହରକୁ) ଆସିଥିବ ଆଉ ଯଦି ରାତିରେ ବିଳମ୍ବ ହୋଇଯାଏ ତେବେ ଭିତରେ ଏପରି ହୁଏ ଯେ 'ଏବେ ଆମେ କେଉଁଠି ଶୋଇବୁ ?' ତେବେ ପୁଣି ତୁମେ କୁହ ଯେ 'ଏଠି ମୋର ଜଣେ ମିତ୍ର ରୁହନ୍ତି, ଚାଲ ସେଠାକୁ ଯିବା ।' ସେତେବେଳେ ସେମାନେ ଚାରି ଜଣ ଏବଂ ପାଞ୍ଚ ନମ୍ବର ତୁମେ, ସାଢ଼େ ଏଗାରଟା ବେଳେ ସେହି ମିତ୍ର ପାଖକୁ ଯାଇ କବାଟ ବାଡ଼େଇଲ । ସେ ପଚାରିଲେ 'କିଏ ?' ତେବେ ତୁମେ କୁହ, 'ମୁଁ' । ତେବେ ସେ କୁହେ, 'ଖୋଲୁଛି' । ସେ ପୁଣି କବାଟ ଖୋଲି କ'ଣ କୁହେ ଆମକୁ ? ପାଞ୍ଚଜଣଙ୍କୁ ଦେଖେ, ଆମକୁ ଏକୁଟିଆ ଦେଖେ ନାହିଁ, ଚାରି-ପାଞ୍ଚ ଜଣଙ୍କୁ ଦେଖେ, ସେତେବେଳେ କ'ଣ କୁହେ ଆମକୁ ? 'ଫେରି ଯାଅ' ଏପରି କୁହେ ? କ'ଣ କୁହେ ?

'ଆସନ୍ତୁ, ବସନ୍ତୁ!' ଆମର ତ ଖାନ୍‌ଦାନୀ ଲୋକ, 'ଆସନ୍ତୁ, ବସନ୍ତୁ' କହି ବସାନ୍ତି ।

**ପ୍ରଶ୍ନକର୍ତ୍ତା :** ସେ ଏପରି ବି କୁହେ ଯେ, 'କେବେ ଆସିଲ' ଏବଂ 'କେବେ ଯିବାର ଅଛି ?'

**ଦାଦାଶ୍ରୀ :** ନା, ଖାନ୍‌ଦାନୀ ଏପରି ପଚାରନ୍ତି ନାହିଁ । ସେମାନେ 'ଆସନ୍ତୁ, ବସନ୍ତୁ' କରି ବସାନ୍ତି, କିନ୍ତୁ ତା' ମନରେ କ'ଣ ଚାଲୁଥାଏ ? ଯେ ଏହି ଅବେଳରେ କେଉଁଠୁ! ତାହା କର୍ମ । ସେପରି କରିବାର ଆବଶ୍ୟକତା ନାହିଁ । ସେମାନେ ଆସିଛନ୍ତି, ତାଙ୍କର ହିସାବ ଯେତିକି ଥିବ ସେପର୍ଯ୍ୟନ୍ତ ରହିବେ । ପୁଣି ଚାଲିଯିବେ । ସେ ଏ ଯେଉଁ ଅଭିଜ୍ଞତା ଦେଖାଇଲା ଯେ, 'ଏହି ଅବେଳରେ କେଉଁଠୁ' ତାହା କର୍ମ ବାନ୍ଧିଲା । ଏବେ ସେହି କର୍ମ ବାନ୍ଧିଲା ସେତେବେଳେ ମୋତେ ପଚାରିବାର ଥିଲା ଯେ ମୋ ଦ୍ୱାରା ଏପରି ହୋଇ ଯାଉଛି, ତେବେ କ'ଣ କରିବି ? ସେତେବେଳେ ମୁଁ କହିବି ଯେ, ଯଦି କୃଷ୍ଣ ଭଗବାନଙ୍କୁ ମାନୁଥିବ, ଯାହାଙ୍କୁ ବି ମାନୁଥିବ, ସେହି ସମୟରେ ତାଙ୍କ ନାମ ନେଇ କହିବ 'ହେ ଭଗବାନ ! ମୋର ଭୁଲ ହୋଇଗଲା । ଆଉ ଏପରି କରିବି ନାହିଁ ।' ଏହିପରି ଯଦି କ୍ଷମା ମାଗିବ ତେବେ ଧୋଇଯିବ । ବନ୍ଧା ହୋଇଥିବା କର୍ମ ତୁରନ୍ତ ଧୋଇଯିବ । ଯେପର୍ଯ୍ୟନ୍ତ ଚିଠି ପୋଷ୍ଟରେ ନ ପକାହୋଇଛି, ସେପର୍ଯ୍ୟନ୍ତ ତାହା ବଦଳାଇ ପାରିବା । ପୋଷ୍ଟରେ ଚାଲିଗଲା ଅର୍ଥାତ ଏହି ଦେହ ତ୍ୟାଗ ହୋଇଗଲା, ତେବେ ପୁଣି ବାନ୍ଧି ହୋଇଯାଏ । ଦେହ ତ୍ୟାଗ ପୂର୍ବରୁ ଯଦି ଆମେ ସେ ସବୁ ଧୋଇଦେବା ତେବେ ଧୋଇଯିବ । ଏବେ ସେ ଗୋଟିଏ କର୍ମ ବାନ୍ଧିଲା ନା ?

ଏବେ ପୁଣି ପରେ ତୋତେ କ'ଣ କୁହେ ? 'ଚନ୍ଦୁଭାଇ ଏତିକି ଏତିକି...' କ'ଣ କୁହେ 'ଏତିକି' ? ସେ କଫି ଅଥବା ଚା' କିଛି କହେ ନାହିଁ, କିନ୍ତୁ ଆମେ ବୁଝିଯାଉ ଯେ ଏହା ଚା' ପାଇଁ କହୁଛନ୍ତି । କିନ୍ତୁ ସେ 'ଏତିକି ଅଳ୍ପ-ଅଳ୍ପ...' ସେତେବେଳେ ତୁମେ କୁହ, 'ଏବେ ଛାଡ଼ ନା ଚାହା-ଫାହା, ଏବେ ଯଦି ଖିଚିଡ଼ି-କଢ଼ି(ଦହିକଢ଼ି) ହେବ ତେବେ ଚଳିବ ।' ତେବେ ପୁଣି ଭିତରେ ତାଙ୍କ ସ୍ତ୍ରୀ ଚିଡ଼ିଯାଏ । ତାହାଦ୍ୱାରା ସବୁ କର୍ମବନ୍ଧନ ହୁଏ । ଏବେ ସେହି ସମୟରେ ଯାହା ପ୍ରକୃତିର ନିୟମ ଅଟେ, ତାହା ହିସାବରେ ଆସିଛି, ତେବେ ତାହା ପାଇଁ ଭାବ ବିଗାଡ଼ ନାହିଁ । ସେହି ନିୟମରେ ରହିବା ଏବଂ ପଛେ ଖିଚିଡ଼ି, କଢ଼ି, ଯାହା ଆମ ପାଖରେ ଥିବ, ତାହା ଦେଇଦେବା । ଅତିଥୀ ଏପରି କୁହନ୍ତି ନାହିଁ ଯେ ତୁମେ ମିଠାଇ ଖୁଆଅ । ଖିଚିଡ଼ି-କଢ଼ି, ତରକାରୀ, ଯାହା ଥିବ ତାହା ବାଢ଼ିଦିଅ । ଏହା ତ, ପୁଣି ଇଜ୍ଜତ ଚାଲିଯିବ, ସେଥିପାଇଁ ସେ ଖିଚିଡ଼ି-କଢ଼ି ବାଢ଼େ ନାହିଁ, ଅଲଗା ହାଲୱା ଇତ୍ୟାଦି ବାଢ଼େ । କିନ୍ତୁ ଭିତରେ ମନରେ ପୁଣି ଗାଳି ଦିଏ । ଏହି ଅବେଳରେ କେଉଁଠୁ ! ତାହା ତା'ର (ଚାର୍ଜ) କର୍ମ । ଅର୍ଥାତ ଏପରି ନହେବା ଉଚିତ ।

## ଏଣୁ କେବେ ଭାବ ବିଗାଡ଼ ନାହିଁ

**ପ୍ରଶ୍ନକର୍ତ୍ତା :** ପୁଣ୍ୟକର୍ମ ଏବଂ ପାପକର୍ମର ବନ୍ଧନ କିପରି ହୁଏ ?

**ଦାଦାଶ୍ରୀ :** ଅନ୍ୟକୁ ସୁଖ ଦେବାର ଭାବ କଲ, ତାହାଦ୍ୱାରା ପୁଣ୍ୟ ବନ୍ଧନ ହୁଏ ଏବଂ ଅନ୍ୟକୁ ଦୁଃଖ ଦେବାର ଭାବ କଲେ ପାପ ବନ୍ଧନ ହୁଏ । କେବଳ ଭାବରୁ ହିଁ କର୍ମବନ୍ଧନ ହୁଏ, କ୍ରିୟାରୁ ନୁହେଁ । କ୍ରିୟାରେ ସେପରି ଥାଉ କି ନଥାଉ, କିନ୍ତୁ ଭାବରେ ଯେପରି ଥାଏ ସେପରି କର୍ମବନ୍ଧନ ହୁଏ । ଏଣୁ ଭାବ ବିଗାଡ଼ିବ ନାହିଁ ।

କୌଣସି ବି କାର୍ଯ୍ୟ ଯେବେ ସ୍ୱାର୍ଥ ଭାବରେ କରାଯାଏ ତେବେ ପାପକର୍ମର ବନ୍ଧନ ହୁଏ ଏବଂ ଯେବେ ନିଃସ୍ୱାର୍ଥ ଭାବରେ କରାଯାଏ ତେବେ ପୁଣ୍ୟକର୍ମର ବନ୍ଧନ ହୁଏ । କିନ୍ତୁ ଉଭୟ କର୍ମ ହିଁ ଅଟେ ନା ! ପୁଣ୍ୟକର୍ମର ଯେଉଁ ଫଳ, ତାହା ସୁନାର ଜଞ୍ଜିର ଅଟେ ଏବଂ ପାପକର୍ମର ଫଳ, ଲୁହାର ଜଞ୍ଜିର । କିନ୍ତୁ ଉଭୟ ଜଞ୍ଜିର ହିଁ ଅଟେ ନା ?

## ସ୍ଥୂଳକର୍ମ : ସୂକ୍ଷ୍ମକର୍ମ

ଜଣେ ସେଠ୍ ପଚାଶ ହଜାର ଟଙ୍କା ଦାନରେ ଦେଲେ । ତେବେ ତାଙ୍କ ମିତ୍ର ତାଙ୍କୁ ପଚାରିଲା, 'ଏତେ ସାରା ଟଙ୍କା ଦେଇଦେଲ ?' ସେତେବେଳେ ସେଠ୍ କହିଲେ,

'ମୁଁ ତ ଏକ ପଇସା ବି ଦେବି, ସେପରି ନୁହେଁ । ଏହା ତ ଏହି ମେୟର୍ ଚାପ ପକାଇବାରୁ ଦେବାକୁ ପଡ଼ିଲା ।' ଏବେ ଏହାର ଫଳ 'ସେଠି' କ'ଣ ମିଳିବ ? ପଚାଶ ହଜାର ଦାନରେ ଦେଲା, ତାହା ସ୍ଥୁଳକର୍ମ, ତାହାର ଫଳ ସେଠ୍‌କୁ ଏଇଠି ହିଁ ମିଳିଯାଏ । ଲୋକେ 'ବାଃ-ବାଃ' କରନ୍ତି । କୀର୍ତ୍ତିଗାନ କରନ୍ତି ଆଉ ସେଠ୍ ଭିତରେ ସୂକ୍ଷ୍ମକର୍ମରେ କ'ଣ ଚାର୍ଜ କଲା ? 'ଏକ ପଇସା ବି ଦେବି, ସେପରି ନୁହେଁ ।' ତାହାର ଫଳ ଆସନ୍ତା ଜନ୍ମରେ ମିଳିବ । ସେତେବେଳେ ଆସନ୍ତା ଜନ୍ମରେ ସେଠ୍ ଏକ ପଇସା ବି ଦାନରେ ଦେଇ ପାରିବ ନାହିଁ । ଏବେ ଏତେ ସୂକ୍ଷ୍ମ କଥା କାହାକୁ ବୁଝା ପଡ଼ିବ ?

ସେହିଠାରେ ଅନ୍ୟ କେହି ଗରିବ ଥିବ, ତା' ପାଖକୁ ମଧ୍ୟ ସେହି ଲୋକମାନେ ଦାନ ନେବାପାଇଁ ଯାଇଥିବେ, ସେତେବେଳେ ସେହି ଗରିବ ବ୍ୟକ୍ତି କ'ଣ କୁହେ ଯେ, 'ମୋ ପାଖରେ ତ ଏବେ କେବଳ ପାଞ୍ଚ ଟଙ୍କା ଅଛି, ତାହା ପୁରା ନେଇଯାଅ, କିନ୍ତୁ ଯଦି ମୋ ପାଖରେ ଏବେ ପାଞ୍ଚ ଲକ୍ଷ ଥାଆନ୍ତା ତେବେ ସେ ସବୁ ଦେଇ ଦେଇଥାନ୍ତି ।' ଏପରି ହୃଦୟର ସହ କହେ । ଏବେ ସେ କେବଳ ପାଞ୍ଚ ଟଙ୍କା ଦେଲା, ତାହା ଡିସ୍‌ଚାର୍ଜରେ କର୍ମଫଳ ଆସିଥିଲା, କିନ୍ତୁ ଭିତରେ ସୂକ୍ଷ୍ମରେ କ'ଣ ଚାର୍ଜ କଲା? ପାଞ୍ଚ ଲକ୍ଷ ଟଙ୍କା ଦେବାର, ତେବେ ଆସନ୍ତା ଜନ୍ମରେ ଯେବେ ତାହା ଡିସ୍‌ଚାର୍ଜ ହେବ ସେତେବେଳେ ପାଞ୍ଚ ଲକ୍ଷ ଦେଇ ପାରିବ ।

ଜଣେ ବ୍ୟକ୍ତି ସାରାଦିନ ଦାନ ଦେଉଥିବ, ଧର୍ମର ଭକ୍ତି କରୁଥିବ, ମନ୍ଦିରରେ ପଇସା ଦେଉଥିବ, ଏପରି ସବୁ ଧର୍ମ କାର୍ଯ୍ୟ କରୁଥିବ, ତା'କୁ ଜଗତର ଲୋକେ କ'ଣ କୁହନ୍ତି ଯେ 'ସେ ଧର୍ମନିଷ୍ଠ ଅଟେ ।' ଏବେ ସେହି ବ୍ୟକ୍ତି ଭିତରେ କ'ଣ ବିଚାର ଥାଏ ଯେ 'କିପରି ଠୁଳ କରିବି ଏବଂ କିପରି ଭୋଗିନେବି !' ଭିତରେ ତ ତା'କୁ *ଅଣହକ୍କ* (ହକ୍କ ବିନା, ଅବୈଧ)ର ଲକ୍ଷ୍ମୀ ଛଡ଼େଇ ନେବାର ବହୁତ ଇଚ୍ଛା ହେଉଥାଏ । *ଅଣହକ୍କ*ର ବିଷୟ ଭୋଗିନେବା ପାଇଁ ପ୍ରସ୍ତୁତ ହିଁ ଥାଏ !

ଏଣୁ ଭଗବାନ ତା'ର ଗୋଟିଏ ବି ପଇସା ଜମା କରନ୍ତି ନାହିଁ । ତାହାର କାରଣ କ'ଣ ? କାହିଁକିନା ଦାନ-ଧର୍ମ-କ୍ରିୟା ସେସବୁ ସ୍ଥୁଳକର୍ମ ଅଟେ । ସେହି ସ୍ଥୁଳକର୍ମର ଫଳ ଏହିଠାରେ ହିଁ ମିଳିଯାଏ । ଲୋକେ ସେହି ସ୍ଥୁଳକର୍ମକୁ ହିଁ ଆସନ୍ତା ଜନ୍ମର କର୍ମ ମାନନ୍ତି । କିନ୍ତୁ ତାହାର ଫଳ ତ ଏହିଠାରେ ମିଳିଯାଏ ଆଉ ସୂକ୍ଷ୍ମକର୍ମ, ଯାହା ଭିତରେ ବାନ୍ଧି ହେଉଛି, ଯାହାର ଲୋକଙ୍କୁ ଖବର ମଧ୍ୟ ନାହିଁ । ତାହାର ଫଳ ଆସନ୍ତା ଜନ୍ମରେ ମିଳେ ।

ଆଜି କୌଣସି ବ୍ୟକ୍ତି ଚୋରି କଲା, ସେହି ଚୋରି ସ୍ଥୁଳକର୍ମ ଅଟେ । ତାହାର

ଫଳ ଏହି ଜନ୍ମରେ ମିଳିଯାଏ । ଯେପରିକି ତା'କୁ ଅପଯଶ ମିଳେ, ପୋଲିସବାଲା ମାରେ, ସେସବୁ ଫଳ ତା'କୁ ଏହିଠାରେ ମିଳିଯାଏ ।

ଅର୍ଥାତ ଆଜି ଯେଉଁ ସ୍ଥୁଳକର୍ମ ଦେଖାଯାଉଛି, ସ୍ଥୁଳ *ଆଚାର* (ଆଚରଣ) ଦେଖାଯାଉଛି, ତାହା 'ସେଠି' କାମରେ ଆସେ ନାହିଁ । 'ସେଠି' ତ ସୂକ୍ଷ୍ମଭାବ କ'ଣ ଅଛି, ସୂକ୍ଷ୍ମକର୍ମ କ'ଣ ଅଛି, କେବଳ ସେତିକି ହିଁ 'ସେଠି' କାମରେ ଆସେ । ଏବେ ପୁରା ଜଗତ ସ୍ଥୁଳକର୍ମ ଉପରେ ହିଁ ଏଡ଼ଜଷ୍ଟ ହୋଇଯାଇଛି ।

ଏ ସବୁ ସାଧୁ-ସନ୍ୟାସୀ ତ୍ୟାଗ କରନ୍ତି, ତପ କରନ୍ତି, ଜପ କରନ୍ତି, କିନ୍ତୁ ତାହା ତ ସବୁ ସ୍ଥୁଳକର୍ମ ଅଟେ । ସେଥିରେ ସୂକ୍ଷ୍ମକର୍ମ କେଉଁଠି ଅଛି ? ଏହା ଯେଉଁ ଦେଖାଯାଉଛି ସେଥିରେ ଆସନ୍ତା ଜନ୍ମର ସୂକ୍ଷ୍ମକର୍ମ ନାହିଁ । ଏହା ଯାହା କରାଯାଏ, ସେହି ସ୍ଥୁଳକର୍ମର ଯଶ ତା'କୁ ଏହିଠାରେ ମିଳିଯାଏ ।

## କ୍ରିୟା ନୁହେଁ କିନ୍ତୁ ଧ୍ୟାନରୁ ଚାର୍ଜିଙ୍ଗ୍

ଆଚାର୍ଯ୍ୟ ମହାରାଜ ପ୍ରତିକ୍ରମଣ କରନ୍ତି, ସାମାୟିକ କରନ୍ତି, ବକ୍ତୃତା ଦିଅନ୍ତି, ପ୍ରବଚନ କରନ୍ତି, କିନ୍ତୁ ତାହା ତ ତାଙ୍କର ଆଚରଣ ଅଟେ, ତାହା ସ୍ଥୁଳକର୍ମ ଅଟେ । କିନ୍ତୁ ଭିତରେ କ'ଣ ଅଛି, ତାହା ଦେଖିବାର ଅଛି । ଭିତରେ ଯାହା ଚାର୍ଜ ହେଉଛି, ତାହା 'ସେଠି' କାମରେ ଆସିବ । ଏବେ ଯେଉଁ ଆଚରଣର ପାଳନ କରୁଛନ୍ତି, ତାହା ଡିସ୍‌ଚାର୍ଜ ଅଟେ । ପୁରା ବାହ୍ୟାଚାର ହିଁ ଡିସଚାର୍ଜ ରୂପି ଅଟେ । ସେଠି ଏମାନେ କୁହନ୍ତି ଯେ, 'ମୁଁ ସାମାୟିକ କଲି, ଧ୍ୟାନ କଲି, ଦାନ ଦେଲି ।' ତେବେ ତାହାର ଯଶ ତୋତେ ଏହିଠାରେ ମିଳିଯିବ । ତାହା ସହ ଆସନ୍ତା ଜନ୍ମର କ'ଣ ନେବା-ଦେବା ? ଭଗବାନ ଏପରି କୌଣସି ଖେଳଘର ନୁହେଁ ଯେ ତୋର ଏପରି *ପୋଲ୍* (ଘୋଟାଲା,ଗଡ଼ବଡ଼) ଚାଲିବାକୁ ଦେବେ । ବାହାରେ ସାମାୟିକ କରୁଥାଏ ଏବଂ ଭିତରେ କେଜାଣି କ'ଣ କରୁଥାଏ ।

ଜଣେ ସେଠ୍ ସାମାୟିକ କରିବା ପାଇଁ ବସିଥିଲେ, ସେତେବେଳେ ବାହାରେ କେହି ଜଣେ କବାଟ ବାଡ଼େଇଲା । ସେଠାଣୀ ଯାଇ କବାଟ ଖୋଲିଲେ । ଜଣେ ଭାଇ ଆସିଥିଲେ, ସେ ପଚାରିଲେ, 'ସେଠ୍ କୁଆଡ଼େ ଯାଇଛନ୍ତି ?' ତେବେ ସେଠାଣୀ ଉତ୍ତର ଦେଲେ, 'ଅଳିଆ ଗଦା ।' ସେଠ୍ ଭିତରେ ବସି ଏହା ଶୁଣିଲା ଏବଂ ଭିତରେ ଜାଞ୍ଚ କଲା ତେବେ ପ୍ରକୃତରେ ସେ ଅଳିଆ ଗଦା ହିଁ ଯାଇଥିଲା ! ଭିତରେ ତ ଖରାପ ବିଚାର ହିଁ ଚାଲିଥିଲା, ତାହା ସୂକ୍ଷ୍ମକର୍ମ ଏବଂ ବାହାରେ ସାମାୟିକ କରୁଥିଲେ, ତାହା ସ୍ଥୁଳକର୍ମ ।

ଭଗବାନ ଏପରି *ପୋଲ୍* ଚାଲିବାକୁ ଦିଅନ୍ତି ନାହିଁ । ଭିତରେ ସାମାୟିକ ରହୁଥିବ ଏବଂ ବାହାରେ ଯଦି ସାମାୟିକ ରହୁ ବି ନଥିବ ତେବେ ତା'ର 'ସେଠି' ଚଳିବ । ଏ ବାହାରର ପ୍ରଦର୍ଶନ 'ସେଠି' ଚଳିବ, ଏପରି ନୁହେଁ ।

## ଭିତରେ ବଦଳାଅ ଭାବ ଏହିପରି

ସ୍ଥୁଳକର୍ମ ଅର୍ଥାତ ତୋତେ ହଠାତ ରାଗ ଆସିଲା, ସେତେବେଳେ ରାଗିବାର ନଥିବ ତଥାପି ରାଗ ଆସିଯାଏ । ଏପରି ହୁଏ କି ନାହିଁ ?

**ପ୍ରଶ୍ନକର୍ତ୍ତା :** ହୁଏ ।

**ଦାଦାଶ୍ରୀ :** ସେହି ରାଗ ଆସିଲା, ତାହାର ଫଳ ଏହିଠାରେ ତୁରନ୍ତ ମିଳିଯାଏ । ଲୋକେ କୁହନ୍ତି ଯେ 'ଛାଡ଼ ନା ତା' କଥା, ସେ ତ ସେମିତି ବହୁତ କ୍ରୋଧୀ ।' ଆରେ କେହି ତ ତା'କୁ ମୁହଁରେ ଚାପୁଡ଼ା ବି ମାରିଦିଏ । ଅର୍ଥାତ ଅପଯଶ ଅଥବା ଅନ୍ୟ କୌଣସି ପ୍ରକାରେ ତା'କୁ ଏହିଠାରେ ଫଳ ମିଳିଯାଏ । ଅର୍ଥାତ ରାଗ ହେବା ତାହା ସ୍ଥୁଳକର୍ମ ଅଟେ, କିନ୍ତୁ ଯେତେବେଳେ ରାଗ ଆସିଲା ସେତେବେଳେ ଭିତରେ ଆଜି ତୋର ଭାବ କ'ଣ ଅଛି ଯେ 'ରାଗିବା ହିଁ ଉଚିତ ।' ତାହା ଆସନ୍ତା ଜନ୍ମର ପୁଣି ରାଗିବାର ହିସାବ ଅଟେ, ଆଉ ଯଦି ତୋର ଆଜିର ଭାବ ଅଛି ଯେ 'ରାଗିବା ଉଚିତ ନୁହେଁ ।' ତୋ ମନରେ ସ୍ଥିର କରିଥିବୁ ଯେ 'ରାଗିବାର ହିଁ ନାହିଁ', ତଥାପି ରାଗ ହୋଇଯାଏ, ତେବେ ତୋତେ ଆସନ୍ତା ଜନ୍ମ ପାଇଁ ବନ୍ଧନ ରହିଲା ନାହିଁ ।

ଏହି ସ୍ଥୁଳକର୍ମରେ ତୋତେ ରାଗ ଆସିଲା, ତେବେ ସେଥିପାଇଁ ତୋତେ ଏହି ଜନ୍ମରେ ମାଡ଼ ଖାଇବାକୁ ପଡ଼ିବ । ତାହା ସତ୍ତ୍ୱେ ମଧ୍ୟ ତୋତେ ବନ୍ଧନ ହେବ ନାହିଁ । କାରଣ ସୂକ୍ଷ୍ମକର୍ମରେ ତୋର 'ନିଶ୍ଚୟ(ସଂକଳ୍ପ)' ଅଛି ଯେ ରାଗିବା ବିଲକୁଲ ବି ଠିକ ନୁହେଁ ଏବଂ କେହି ବ୍ୟକ୍ତି କାହାରି ଉପରେ ରାଗୁ ନାହିଁ, ତଥାପି ମନରେ କହେ ଯେ 'ଏମାନେ ଏପରି ଅଟନ୍ତି ଯେ ଏମାନଙ୍କ ଉପରେ ରାଗିଲେ ହିଁ ଯାଇ ଏମାନେ ସିଧା ହେବେ ।' ତେବେ ତାହାଦ୍ୱାରା ଆସନ୍ତା ଜନ୍ମରେ ସେ ରାଗୀ ସ୍ୱଭାବବାଲା ହୋଇଯାଏ । ଅର୍ଥାତ ବାହାରେ ଯେଉଁ ରାଗ ହୁଏ, ତାହା ସ୍ଥୁଳକର୍ମ ଅଟେ, ଆଉ ସେହି ସମୟରେ ଭିତରେ ଯେଉଁ ଭାବ ହୁଏ, ତାହା ସୂକ୍ଷ୍ମକର୍ମ ଅଟେ । ଯଦି ଏହା ବୁଝିବା ତେବେ ସ୍ଥୁଳକର୍ମରୁ ଆଦୌ ବନ୍ଧନ ନାହିଁ ! ସେଥିପାଇଁ ଏହି ସାଇନ୍ସ ମୁଁ ନୂଆ ରୂପରେ ରଖିଛି । ଏପର୍ଯ୍ୟନ୍ତ ଦୁନିଆରେ ଏପରି ମାନ୍ୟତା ଦୃଢ଼ କରି ଦିଆଯାଇଛି ଯେ ସ୍ଥୁଳକର୍ମରୁ ବନ୍ଧନ

ହୁଏ ଏବଂ ସେଥିପାଇଁ ଲୋକେ ଡରୁଛନ୍ତି ।

## ଏହି ଜ୍ଞାନ ଦ୍ୱାରା ଘର-ସଂସାର ସହିତ ମୋକ୍ଷ

ଏବେ ଘରେ ସ୍ତ୍ରୀ ଅଛି, ବିବାହ ହୋଇଛି ଏବଂ ମୋକ୍ଷରେ ଯିବାର ଅଛି, ତେବେ ମନରେ ଏପରି ହେଉଥାଏ ଯେ ମୁଁ ତ ବାହା ହୋଇଛି, ଏବେ ମୋକ୍ଷରେ କିପରି ଯାଇ ପାରିବି ? ଆରେ, ସ୍ତ୍ରୀ ବାଧକ ନୁହେଁ(ବାଧା ଦିଏ ନାହିଁ), ତୋ ସୂକ୍ଷ୍ମକର୍ମ ବାଧକ ଅଟେ । ଏ ତୋର ସ୍ଥୁଳକର୍ମ କିଛି ବାଧକ ନୁହେଁ । ତାହା ମୁଁ ଓପନ୍ କରିଛି ଆଉ ଏହି ସାଇନ୍ସ ଯଦି ଓପନ୍ ନ କରିବି ତେବେ ଭିତରେ ବ୍ୟାକୁଳତା, ବ୍ୟାକୁଳତା ଏବଂ ବ୍ୟାକୁଳତା ରହେ । ଭିତରେ *ଅଜମ୍ପା, ଅଜମ୍ପା, ଅଜମ୍ପା* (ଅସ୍ଥିରତା, ଅଶାନ୍ତି, ଅଧୀରତା) ରହେ । ସେ ସାଧୁମାନେ କୁହନ୍ତି ଯେ ଆମେ ମୋକ୍ଷରେ ଯିବୁ । ଆରେ, ତୁମେ କିପରି ମୋକ୍ଷରେ ଯିବ ? କ'ଣ ଛାଡ଼ିବାର ଅଛି, ତାହା ତ ତୁମେ ଜାଣି ନାହଁ । ତୁମେ ତ ସ୍ଥୁଳକୁ ଛାଡ଼ିଛ, ଯାହା ଆଖିରେ ଦେଖାଯାଏ, ଯାହା କାନରେ ଶୁଣିହୁଏ, ତାହା ଛାଡ଼ିଛ । ତାହାର ଫଳ ତ ଏହି ଜନ୍ମରେ ହିଁ ମିଳିଯିବ । ଏହି ସାଇନ୍ସ ହିଁ ନୂଆ ପ୍ରକାରର ଅଟେ । ଏହା ତ ଅକ୍ରମ ବିଜ୍ଞାନ ଅଟେ । ଯାହାଦ୍ୱାରା ଏହି ଲୋକମାନଙ୍କୁ ସବୁପ୍ରକାରେ ଫେସିଲିଟୀ (ସୁଗମ) ହୋଇଯାଇଛି । କ'ଣ ସ୍ତ୍ରୀକୁ ଛାଡ଼ି ଫେରାର୍ ହୋଇ ପାରିବା ? ଆଉ ସ୍ତ୍ରୀକୁ ଛାଡ଼ି ଫେରାର୍ ହୋଇଯିବା ଏବଂ ଆମର ମୋକ୍ଷ ହେବ, ଏପରି ହୋଇ ପାରିବ କି ? କାହାକୁ ଦୁଃଖ ଦେଇ ଆମର ମୋକ୍ଷ ହେବ, ଏପରି କ'ଣ ସମ୍ଭବ ?

ଏଣୁ ସ୍ତ୍ରୀ-ପିଲାଙ୍କ ପ୍ରତି ସବୁ କର୍ତ୍ତବ୍ୟ ପାଳନ କରିବ ଏବଂ ସ୍ତ୍ରୀ ଯାହା ବି 'ଖାଇବା'କୁ ଦିଏ, ତାହା ଶାନ୍ତିରେ ଖାଅ, ସେ ସବୁ ସ୍ଥୁଳ ଅଟେ । ଏହା ବୁଝି ଯାଅ । ସ୍ଥୁଳ ପଛରେ ତୁମ ଅଭିପ୍ରାୟ ଏପରି ନ ରହିବା ଉଚିତ ଯେ ଯାହାଦ୍ୱାରା ସୂକ୍ଷ୍ମରେ ଚାର୍ଜ ହେବ । ଏଥିପାଇଁ ମୁଁ ପାଞ୍ଚୋଟି ବାକ୍ୟ ତୁମକୁ ଆଜ୍ଞା ରୂପରେ ଦେଇଛି । ଭିତରେ ଏପରି ଅଭିପ୍ରାୟ ନ ରହିବା ଉଚିତ ଯେ 'ଏହା କରେକ୍ଟ ଅଟେ, ମୁଁ ଯାହା କରୁଛି, ଯାହା ଭୋଗୁଛି, ତାହା କରେକ୍ଟ ଅଟେ ।' ଏପରି ଅଭିପ୍ରାୟ ନ ହେବା ଉଚିତ । ବାସ୍ ଯଦି କେବଳ ଏତିକି ଅଭିପ୍ରାୟ ତୁମର ବଦଳିଲା ତେବେ ସବୁକିଛି ବଦଳିଯିବ ।

## ଏହିପରି ମୋଡ଼ ପିଲାଙ୍କୁ

ପିଲାଙ୍କଠାରେ ଯଦି ଖରାପ ଗୁଣ ଥିବ ତେବେ ମା-ବାପା ସେମାନଙ୍କୁ ଗାଳି

କରନ୍ତି ଏବଂ କହି ବୁଲନ୍ତି ଯେ, 'ମୋ ପୁଅ ତ ଏପରି ଅଟେ, ଅଯୋଗ୍ୟ ଅଟେ, ଚୋର ଅଟେ ।' ଆରେ, ସେ ଏପରି କରୁଛି, ସେହି କରିବାକୁ(କାର୍ଯ୍ୟକୁ) ରଖ ଗୋଟିଏ ପଟେ । କିନ୍ତୁ ଏବେ ତା'ର ଭାବ ବଦଳାଅ ! ତା' ଭିତରର ଅଭିପ୍ରାୟ ବଦଳାଅ ! ତା'ର ଭାବ କିପରି ବଦଳାଇବା, ତାହା ମା-ବାପାଙ୍କୁ ଆସେ ନାହିଁ । କାରଣ ସାର୍ଟିଫାଏଡ୍ ମା-ବାପା ନୁହଁନ୍ତି, ଆଉ ମା-ବାପା ହୋଇ ଯାଇଛନ୍ତି ! ପିଲାକୁ ଯଦି ଚୋରିର ଖରାପ ଅଭ୍ୟାସ ପଡ଼ି ଯାଇଥିବ ତେବେ ମା-ବାପା ତା'କୁ ଗାଳି ଦେବାରେ ଲାଗିଥାନ୍ତି, ମାରିବାରେ ଲାଗିଥାନ୍ତି । ଏହିପରି ମା-ବାପା ସର୍ବଦା ଏକ୍ସେସ୍ (ଆବଶ୍ୟକତା ଠାରୁ ଅଧିକ) କୁହନ୍ତି, ଏକ୍ସେସ୍ କହିବା ହେଲ୍ପ କରେ ନାହିଁ । ଏଣୁ ପୁଅ କ'ଣ କରେ ? ମନରେ ସ୍ଥିର କରେ ଯେ, '(ଯାହା) ପଛେ କହୁଥାନ୍ତୁ, ମୁଁ ତ ଏହିପରି କରିବି ।' ଅର୍ଥାତ ଏହି ପୁଅକୁ ମା-ବାପା ଅଧିକ ଚୋର କରାନ୍ତି । ଦ୍ୱାପର, ତ୍ରେତୟା ଏବଂ ସତ୍ୟଯୁଗରେ ଯେଉଁ ହତିଆର ଥିଲା, ଆଜି କଳିଯୁଗରେ ଲୋକେ ତାହାର ଉପଯୋଗ କରିବାରେ ଲାଗିଛନ୍ତି । ପୁଅକୁ ବଦଳାଇବାର ରାସ୍ତା ଅଲଗା ଅଟେ । ତା'ର ଭାବ ବଦଳାଇବାର ଅଛି । ତା' ମୁଣ୍ଡରେ ହାତ ବୁଲାଇ ପ୍ରେମର ସହ କହିବ ଯେ, 'ଆ ପୁଅ, ପଛେ ତୋ ମା ଚିଲ୍ଲାଉ, ସେ ଚିଲ୍ଲାଉଥାଉ, କିନ୍ତୁ ତୁ (ଯେଉଁ) ଏପରି କାହାର ଚୋରି କଲୁ, ସେହିପରି କେହି ଯଦି ତୋ ପକେଟରୁ ଚୋରି କରିବ ତେବେ ତୋତେ ସୁଖ ଲାଗିବ ? ସେତେବେଳେ ତୋତେ ଭିତରେ କେତେ ଦୁଃଖ ହେବ ? ସେହିପରି କ'ଣ ସାମନାବାଲାକୁ ବି ଦୁଃଖ ହେବ ନାହିଁ ?' ଏହିପରି ପୁରା ଥିଓରୀ ପୁଅକୁ ବୁଝାଇବାକୁ ପଡ଼ିବ । ଥରେ ତା'ଭିତରେ ବସିଯିବା ଦରକାର ଯେ ଏହା ଠିକ୍ ନୁହେଁ । ତୁମେ ତା'କୁ ମାରି ଚାଲିଛ, ତାହାଦ୍ୱାରା ତ ପିଲାମାନେ ଜିଦ୍‌ଖୋର ହୋଇଯାନ୍ତି । କେବଳ ରାସ୍ତା ହିଁ ବଦଳାଇବାର ଅଛି । ପୁରା ଦୁନିଆ ସ୍ଥୁଳକର୍ମକୁ ହିଁ ବୁଝିଛି, ସୂକ୍ଷ୍ମକର୍ମକୁ ବୁଝି ହିଁ ନାହିଁ । ସୂକ୍ଷ୍ମକୁ ଯଦି ବୁଝିଥାନ୍ତା ତେବେ ଏହି ଦଶା ହୋଇନଥାନ୍ତା ।

## ଚାର୍ଜ ଏବଂ ଡିସ୍‌ଚାର୍ଜ କର୍ମ

**ପ୍ରଶ୍ନକର୍ତ୍ତା :** ସ୍ଥୁଳକର୍ମ ଏବଂ ସୂକ୍ଷ୍ମକର୍ମର କର୍ତ୍ତା ଅଲଗା-ଅଲଗା ଅଟନ୍ତି ?

**ଦାଦାଶ୍ରୀ :** ଉଭୟଙ୍କର କର୍ତ୍ତା ଅଲଗା ଅଟନ୍ତି । ଏ ଯେଉଁ ସ୍ଥୁଳକର୍ମ ଅଛି, ତାହା ଡିସ୍‌ଚାର୍ଜ କର୍ମ ଅଟେ । ଏ ବ୍ୟାଟେରୀ ଥାଏ ନା, ତାହା ଚାର୍ଜ କରିବା ପରେ ଡିସ୍‌ଚାର୍ଜ ହୋଇଚାଲେ ନା ? ଆମକୁ ଡିସ୍‌ଚାର୍ଜ କରିବାର ନଥିବ, ତଥାପି ତାହା ହୋଇ ଚାଲିଥାଏ ନା ?

**ପ୍ରଶ୍ନକର୍ତ୍ତା :** ହଁ ।

**ଦାଦାଶ୍ରୀ :** ସେହିପରି ଏହି ସ୍ଥୁଳକର୍ମ, ତାହା ଡିସ୍‌ଚାର୍ଜ କର୍ମ ଅଟେ । ଆଉ ଭିତରେ ଅଲଗା ନୂଆ ଚାର୍ଜ ହେଉଅଛି, ତାହା ସୂକ୍ଷ୍ମକର୍ମ । ଏହି ଜନ୍ମରେ ଯାହା ଚାର୍ଜ ହେଉଛି, ତାହା ଆସନ୍ତା ଜନ୍ମରେ ଡିସ୍‌ଚାର୍ଜ ହୋଇ ଚାଲିବ । ଆଉ ଏହି ଜନ୍ମରେ ପୂର୍ବ ଜନ୍ମର ବ୍ୟାଟେରୀ ଡିସ୍‌ଚାର୍ଜ ହୋଇ ଚାଲିଥାଏ, ଏକ ମନର ବ୍ୟାଟେରୀ, ଏକ ବାଣୀର ବ୍ୟାଟେରୀ ଏବଂ ଏକ ଦେହର ବ୍ୟାଟେରୀ - ଏହି ତିନୋଟି ବ୍ୟାଟେରୀ ବର୍ତ୍ତମାନ ଡିସ୍‌ଚାର୍ଜ ହୋଇ ଚାଲିଥାଏ, ଆଉ ଭିତରେ ନୂଆ ତିନୋଟି ବ୍ୟାଟେରୀ ଚାର୍ଜ ହେଉଅଛି । ଏହା ଯେଉଁ କହୁଛି, ତୋତେ ଏପରି ଲାଗୁଥିବ ଯେ 'ମୁଁ' ହିଁ କହୁଛି । କିନ୍ତୁ ନା, ଏହା ତ (ଟେପ୍) ରେକର୍ଡ୍ କହୁଅଛି । ଏହା ତ ବାଣୀର ବ୍ୟାଟେରୀ ଡିସ୍‌ଚାର୍ଜ ହେଉଅଛି । ମୁଁ କୁହେ ହିଁ ନାହିଁ ଆଉ ଏ ସାରା ଜଗତର ଲୋକେ କ'ଣ କୁହନ୍ତି ଯେ 'ମୁଁ କି କଥା କହିଲି, ମୁଁ କିଭଳି କହିଲି !' ସେ ସବୁ କଳ୍ପିତ ଭାବ ଅଟେ, ଇଗୋଇଜମ୍ ଅଟେ । କେବଳ ସେହି ଇଗୋଇଜମ୍ (ଅହଙ୍କାର) ଯଦି ଚାଲିଯାଏ ତେବେ ଅଲଗା କିଛି ରହିଲା ? ଏହି ଇଗୋଇଜମ୍, ଏହା ହିଁ ଅଜ୍ଞନତା ଅଟେ ଏବଂ ଏହା ହିଁ ଭଗବାନଙ୍କ ମାୟା ଅଟେ । କାହିଁକିନା କରୁଛି ଅନ୍ୟ କେହି ଏବଂ ନିଜକୁ ଏପରି ଏଡ଼ଜଷ୍ଟମେଣ୍ଟ୍ ହୋଇ ଯାଉଛି ଯେ 'ମୁଁ ହିଁ କରୁଛି ।'

ଏହି ସୂକ୍ଷ୍ମକର୍ମ, ଯାହା ଭିତରେ ଚାର୍ଜ ହୁଏ, ତାହା ପୁଣି କମ୍ପୁଟରକୁ ଯାଏ, ଗୋଟିଏ ବ୍ୟଷ୍ଟି(personal) କମ୍ପ୍ୟୁଟର ଏବଂ ଅନ୍ୟଟି ସମଷ୍ଟି(universal) କମ୍ପ୍ୟୁଟର ଅଟେ । ସୂକ୍ଷ୍ମକର୍ମ ପ୍ରଥମେ ବ୍ୟଷ୍ଟିକୁ ଯାଏ ଏବଂ ସେଠାରୁ ପୁଣି ସମଷ୍ଟି କମ୍ପୁଟରକୁ ଯାଏ । ପୁଣି ସମଷ୍ଟି କାର୍ଯ୍ୟ କରିଚାଲେ । 'ମୁଁ ଚନ୍ଦୁଭାଇ ଅଟେ', ଏପରି ରିୟଲି ସ୍ପିକିଙ୍ଗ୍ କହିବା ଦ୍ୱାରା ହିଁ କର୍ମବନ୍ଧନ ହୁଏ । 'ମୁଁ କିଏ', କେବଳ ଏତିକି ଯଦି ବୁଝିଗଲା ତେବେ ସେବେଠାରୁ ସବୁ କର୍ମରୁ ମୁକ୍ତ ହୋଇଯାଏ । ଅର୍ଥାତ ଏହା ସରଳ ଏବଂ ସିଧା ବିଜ୍ଞାନ ରଖିଛି, ନହେଲେ କୋଟି ଉପାୟରେ ମଧ୍ୟ ଏବ୍‌ସୋଲ୍ୟୁଟ୍ ହେବା ସମ୍ଭବ ନୁହେଁ ଆଉ ଏହା ତ ବିଲକୁଲ ଏବ୍‌ସୋଲ୍ୟୁଟ୍ ଥିଓରମ୍ ଅଟେ ।

## କର୍ମ - କର୍ମଫଳ - କର୍ମଫଳ ପରିଣାମ

**ପ୍ରଶ୍ନକର୍ତ୍ତା :** ପୂର୍ବ ଜନ୍ମରେ ଯେଉଁ ଚାର୍ଜ ହୋଇ ସାରିଥିବା କର୍ମ ଅଛି, ତାହା ଏହି ଜନ୍ମରେ ଡିସ୍‌ଚାର୍ଜ ରୂପରେ ଆସେ । ତେବେ ଏହି ଜନ୍ମର ଯେଉଁ କର୍ମ, ତାହା ଏହି

ଜନ୍ମରେ ଡିସ୍‌ଚାର୍ଜ ରୂପରେ ଆସେ କି ନାହିଁ ?

**ଦାଦାଶ୍ରୀ :** ନା ।

**ପ୍ରଶ୍ନକର୍ତ୍ତା :** ତାହେଲେ କେବେ ଆସିବ ?

**ଦାଦାଶ୍ରୀ :** ପୂର୍ବ ଜନ୍ମର କଜେଜ୍, ତାହା ଏହି ଜନ୍ମର ଇଫେକ୍ଟ ଅଟେ । ଏହି ଜନ୍ମର କଜେଜ୍ ଆସନ୍ତା ଜନ୍ମର ଇଫେକ୍ଟ ଅଟେ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ କିଛି କର୍ମ ଏପରି ଥାଏ ନା ଯାହା ଏହିଠାରେ ହିଁ ଭୋଗିବାକୁ ପଡ଼େ ! ଆପଣ ଏପରି ଥରେ କହିଥିଲେ ।

**ଦାଦାଶ୍ରୀ :** ତାହା ତ ଏହି ଜଗତର ଲୋକଙ୍କୁ ଏପରି ଲାଗୁଛି । ଜଗତର ଲୋକଙ୍କୁ କ'ଣ ଲାଗୁଛି ? ହଁ... ଦେଖ, ହୋଟେଲରେ ବହୁତ ଖାଉଥିଲା ଏବଂ ସେଥିପାଇଁ ନାଳଝାଡ଼ା ହୋଇଗଲା । 'ହୋଟେଲରେ ଖାଉଥିଲା, ତାହା କର୍ମ ବାନ୍ଧିଲା, ତାହାଦ୍ୱାରା ଏହି ନାଳଝାଡ଼ା ହୋଇଗଲା' କହିବେ । ଯେବେକି ଜ୍ଞାନୀ କ'ଣ କୁହନ୍ତି, ସେ ହୋଟେଲରେ କାହିଁକି ଖାଉଥିଲା ? ଏପରି ହୋଟେଲରେ ଖାଇବା ତା'କୁ କିଏ ସିଖାଇଲା ? କିପରି ହେଲା ? ସଂଯୋଗ ଆସିଗଲା । ପୂର୍ବେ ଯେଉଁ ଯୋଜନା କରାଯାଇଥିଲା, ସେହି ଯୋଜନା ପରିଣାମରେ ଆସିଲା, ସେଥିପାଇଁ ସେ ହୋଟେଲକୁ ଗଲା । ତା'କୁ ଯିବାର ସଂଯୋଗ ସବୁ ମିଳିଯାଏ । ସେଥିପାଇଁ ଏବେ ଛାଡ଼ିବାକୁ ଚାହୁଁଥିଲେ ବି ଛାଡ଼ି ହୁଏ ନାହିଁ । ତା' ମନରେ ଏପରି ହୁଏ ଯେ ଆରେ ଏପରି କାହିଁକି ହେଉଛି ?

ସେତେବେଳେ ଏହି ଭ୍ରାନ୍ତିବାଲାଙ୍କୁ ଏପରି ଲାଗେ ଯେ ଏହି କାମ କଲା ସେଥିପାଇଁ ଏପରି ହେଲା । ଭ୍ରାନ୍ତିବାଲା ଏପରି ବୁଝନ୍ତି ଯେ ଏଠାରେ କର୍ମ ବାନ୍ଧନ୍ତି ଏବଂ ଏହିଠାରେ ହିଁ ଭୋଗନ୍ତି । ଏପରି ବୁଝନ୍ତି । କିନ୍ତୁ ଏହା ସନ୍ଧାନ କରନ୍ତି ନାହିଁ ଯେ ନିଜକୁ ଯିବାର ନାହିଁ, ତଥାପି କିପରି ଯାଉଛି ? ତା'କୁ ଯିବାର ନାହିଁ ତଥାପି କିପରି, କେଉଁ ନିୟମ ଆଧାରରେ ସେ ଯାଉଛି, ତାହା ହିସାବ ଅଟେ ।

ସେତେବେଳେ ମୁଁ ଆହୁରି ଅଧିକ ଶିଖାଏ ଯେ ଏହି ପିଲାମାନଙ୍କୁ ଅଯଥାରେ ମାରିବ ନାହିଁ, କିନ୍ତୁ ପୁଣି ଏପରି ଭାବ ନ କରନ୍ତୁ, ସେପରି କର । ପୁଣି ଯୋଜନା ନ କରନ୍ତୁ, ସେପରି କର । ଚୋରି ଖରାପ ଅଟେ, ହୋଟେଲରେ ଖାଇବା ଖରାପ ଅଟେ... ତା'ର ଏପରି ଜ୍ଞାନ ଉତ୍ପନ୍ନ ହେଉ, ଏପରି କର, ଯାଦ୍ୱାରା ପୁଣି ଆସନ୍ତା ଜନ୍ମରେ ଏପରି

ହେବ ନାହିଁ । ଏ ତ ମାରି ଚାଲୁଥାନ୍ତି ଏବଂ ପୁଅକୁ କହିବେ, 'ଦେଖ ! ତୁ ଯିବୁ ନାହିଁ', ତେବେ ତା' ମନ ଓଲଟା ଚାଲେ, 'ପଛେ ଏମାନେ କହୁଥାନ୍ତୁ, ମୁଁ ତ ଯିବି, ବାସ୍ ।' ଓଲଟା ଜିଦ୍ ଧରେ ଏବଂ ତାହାଦ୍ୱାରା ହିଁ ଏହି ଓଲଟା କର୍ମବନ୍ଧନ ହେଉଛି ନା ! ମା-ବାପା ଓଲଟା କରାନ୍ତି ।

**ପ୍ରଶ୍ନକର୍ତ୍ତା :** ପୂର୍ବେ ଯେଉଁ ଭାବ କରିଥିଲା, ସେହି କାରଣରୁ ହୋଟେଲକୁ ଗଲା, ଏବେ ହେଟେଲକୁ ଗଲା, ପୁଣି ସେଠାରେ ଖାଇଲା ଏବଂ ପୁଣି ନାଳଝାଡ଼ା ହୋଇଗଲା, ଏସବୁ ଡିସ୍‌ଚାର୍ଜ ଅଟେ ?

**ଦାଦାଶ୍ରୀ :** ସେ ହୋଟେଲକୁ ଗଲା, ତାହା ଡିସ୍‌ଚାର୍ଜ ଅଟେ ଏବଂ ନାଳଝାଡ଼ା ହୋଇଗଲା, ତାହା ମଧ୍ୟ ଡିସ୍‌ଚାର୍ଜ ଅଟେ । ଡିସ୍‌ଚାର୍ଜ ନିଜ ଅଧୀନରେ ରହେ ନାହିଁ, କଣ୍ଟ୍ରୋଲ୍ ରହେ ନାହିଁ, ଆଉଟ୍ ଅଫ୍ କଣ୍ଟ୍ରୋଲ୍ ହୋଇଯାଏ ।

ଏବେ ଯଦି ଏପରି ବୁଝେ ଯେ ଏକ୍‌ଜାକ୍ଟ କର୍ମର ଥିଓରୀ କାହାକୁ କୁହନ୍ତି, ତେବେ ସେ ବ୍ୟକ୍ତି ପୁରୁଷାର୍ଥ ଧର୍ମକୁ ବୁଝିପାରିବ । ଏହି ଜଗତର ଲୋକ ଯାହାକୁ କର୍ମ କୁହନ୍ତି, କର୍ମର ଥିଓରୀ ତାହାକୁ କର୍ମଫଳ କହେ । ହୋଟେଲରେ ଖାଇବାର ଯେଉଁ ଭାବ ହୁଏ, ତାହା ପୂର୍ବଜନ୍ମରେ ବନ୍ଧା ହୋଇଥିବା କର୍ମର ଆଧାରରେ ହୁଏ । ସେଠାରେ ଏହା କର୍ମ କୁହାଯାଏ । ସେହି କର୍ମର ଆଧାରରୁ ଏହି ଜନ୍ମରେ ସେ ବାରମ୍ବାର ହୋଟେଲରେ ଖାଇଚାଲେ । ତାହା କର୍ମଫଳ ଆସିଲା କୁହାଯାଏ ଆଉ ଏ ନାଳଝାଡ଼ା ହେଲା, ତାହାକୁ ଜଗତର ଲୋକ କର୍ମଫଳ ଆସିଲା ଏପରି ମାନନ୍ତି ଯେବେକି କର୍ମର ଥିଓରୀ କ'ଣ କୁହେ, ଏହି ନାଳଝାଡ଼ା ହେଲା, ତାହା କର୍ମଫଳର ପରିଣାମ ଆସିଲା ।

ବେଦାନ୍ତ ଭାଷାରେ, ହୋଟେଲରେ ଖାଇବା ପାଇଁ ଆକର୍ଷିତ ହୁଏ ତାହା ପୂର୍ବରେ ବାନ୍ଧିଥିବା ସଞ୍ଚିତ କର୍ମର ଆଧାରରେ, ଏବେ ଭିତରେ ବିଲକୁଲ 'ନା' ଅଛି ତଥାପି ହୋଟେଲରେ ଯାଇ ଖାଇ ଆସୁଛି, ତାହା ପ୍ରାରବ୍ଧ କର୍ମ ଏବଂ ପୁଣି ପରେ ଏହି ଜନ୍ମରେ ହିଁ ତାହାର ପରିଣାମ ଆସେ ଏବଂ ନାଳଝାଡ଼ା ହୋଇଯାଏ ତାହା କ୍ରିୟମାଣ କର୍ମ ।

ହୋଟେଲରେ ଖାଇବା ସମୟରେ ମଜା ଆସିଲା, ସେହି ସମୟରେ ବି ବୀଜ ବୁଣେ ଆଉ ନାଳଝାଡ଼ା ହୁଏ, ସେତେବେଳେ ଭୋଗିବା ସମୟରେ ବି ପୁଣି ବୀଜ ବୁଣେ । ଏହିପରି କର୍ମଫଳ ସମୟରେ ଏବଂ କର୍ମଫଳର ପରିଣାମ ସମୟରେ, ଦୁଇଥର ବୀଜ ବୁଣେ ।

## ସଞ୍ଚିତ, ପ୍ରାରବ୍ଧ ଏବଂ କ୍ରିୟମାଣ କର୍ମ

**ପ୍ରଶ୍ନକର୍ତ୍ତା :** ସେସବୁ ପୂର୍ବଜନ୍ମର ସଞ୍ଚିତ କର୍ମ ଉପରେ ଆଧାରିତ ଅଟେ ?

**ଦାଦାଶ୍ରୀ :** ଏପରି ଅଟେ ଯେ, ସଞ୍ଚିତ କର୍ମ ଇତ୍ୟାଦି ସବୁ ଶବ୍ଦ ବୁଝିବାର ଆବଶ୍ୟକତା ଅଛି । ଅର୍ଥାତ ସଞ୍ଚିତ କର୍ମ, ତାହା କଜେଜ୍ ଅଟେ ଏବଂ ପ୍ରାରବ୍ଧ କର୍ମ ଏହି ସଞ୍ଚିତ କର୍ମର ଇଫେକ୍ଟ ଅଟେ ଆଉ ଇଫେକ୍ଟର ଫଳ ତୁରନ୍ତ ହିଁ ମିଳିଯାଏ, ତାହା କ୍ରିୟମାଣ କର୍ମ । ସଞ୍ଚିତ କର୍ମର ଫଳ, ପଚାଶ-ଷାଠିଏ-ଶହେ ବର୍ଷ ପରେ ତାହାର କାଳ ଯେବେ ପରିପକ୍ୱ ହୁଏ ସେତେବେଳେ ମିଳେ ।

ଏହା ସଞ୍ଚିତ କର୍ମର ଫଳ ଅଟେ । ସଞ୍ଚିତ କର୍ମ ଫଳ ଦେବା ସମୟରେ ସଞ୍ଚିତ କୁହାଯାଏ ନାହିଁ । ଫଳ ଦେବା ସମୟରେ ପ୍ରାରବ୍ଧ କର୍ମ କୁହାଯାଏ । ସେହିକୁ ସେହି ସଞ୍ଚିତ କର୍ମ ଯେବେ ଫଳ ଦେବା ପାଇଁ ପ୍ରସ୍ତୁତ ହୁଏ, ସେତେବେଳେ ତାହା ପ୍ରାରବ୍ଧ କର୍ମ କୁହାଯାଏ । ସଞ୍ଚିତ ଅର୍ଥାତ୍ ସିନ୍ଦୁକରେ ରଖିଥିବା ଗଣ୍ଠିଲି । ସେ ଗଣ୍ଠିଲି ଯଦି ବାହାର କରିବା, ତାହା ପ୍ରାରବ୍ଧ । ପ୍ରାରବ୍ଧର ଅର୍ଥ କ'ଣ ଯେ ଯାହା ଫଳ ଦେବା ପାଇଁ ସମ୍ମୁଖ ହୋଇଗଲାଣି, ତାହା ପ୍ରାରବ୍ଧ । ଯାହା ଫଳ ଦେବା ପାଇଁ ସମ୍ମୁଖ ହୋଇନାହିଁ, ଏବେ ତ କେତେ ସମୟ ପରେ ଫଳ ଦେବ, ସେପର୍ଯ୍ୟନ୍ତ ସେ ସବୁ ସଞ୍ଚିତ ଅଟେ । ସବୁ ସଞ୍ଚିତକର୍ମ ପଡ଼ି ରହିଥାଏ । ଧୀରେ-ଧୀରେ ଯେମିତି-ଯେମିତି ଗଣ୍ଠିଲି ଖୋଲେ, ସେମିତି-ସେମିତି ଫଳ ଦିଏ ।

ଆଉ କ୍ରିୟମାଣ ତ ଆଖିରେ ଦେଖାଯାଏ । ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଅନୁଭବରେ ଆସେ, ତାହା କ୍ରିୟମାଣକର୍ମ । ଏହିପରି ଏହି କର୍ମକୁ ତିନି ପ୍ରକାରରେ ଚିହ୍ନି ହୁଏ । ଲୋକେ କୁହନ୍ତି ଦେଖ, ସେ ଦୁଇ ଚଟକଣା ମାରି ଦେଲା । ଚଟକଣା ମାରିବା ବାଲାକୁ ଦେଖନ୍ତି, ଚଟକଣା ଖାଇବା ବାଲାକୁ ଦେଖନ୍ତି, ତାହା କ୍ରିୟମାଣ କର୍ମ ଅଟେ । ଏବେ କ୍ରିୟମାଣ କର୍ମ ଅର୍ଥାତ କ'ଣ ? ଫଳ ଦେବା ପାଇଁ ଯାହା ସମ୍ମୁଖ ହେଲା, ତାହା ଏହି ଫଳ । ତା'କୁ ଫଳ ଏପରି ଆସିଲା ଯେ ଦୁଇ ଚଟକଣା ଦେଇ ଦେଲା । ଆଉ ମାଡ଼ ଖାଇବା ବାଲାକୁ ଫଳ ଏପରି ଆସିଲା, ସେ ଦୁଇ ଚଟକଣା ଖାଇ ନେଲା । ଏବେ ସେହି କ୍ରିୟମାଣର ପୁଣି ଫଳ ଆସେ । ତେବେ ଯିଏ ଚଟକଣା ମାରିଥିଲା, ତା'ଠାରୁ ପୁଣି ମନରେ ପ୍ରତିଶୋଧର ଭାବନା ରଖେ ଯେ ଯେତେବେଳେ ମୋ ହାତକୁ ଆସିବ, ସେତେବେଳେ ଦେଖିନେବି । ସେଥିପାଇଁ ପୁଣି ପରେ ସେ ତାହାର ପ୍ରତିଶୋଧ ନିଏ ।

ଏବଂ ପୁଣି ପରେ ନୂଆ ବୀଜ ପଡ଼ି ଚାଲେ । ନୂଆ ବୀଜ ତ ବୁଣି ଚାଲେ ଭିତରେ । ନହେଲେ, ସଞ୍ଚିତ ତ ଖାଲି ଏମିତି ପଡ଼ିଥିବା, ଷ୍ଟକ୍‌ରେ ରଖା ହୋଇଥିବା ମାଲ୍ । ପୁରୁଷାର୍ଥ ଅଲଗା ଜିନିଷ ଅଟେ । କ୍ରିୟମାଣ ତ ପ୍ରାରବ୍ଧର ରେଜଲ୍ଟ ଅଟେ, ପ୍ରାରବ୍ଧର ଫଳ ଅଟେ ।

**ପ୍ରଶ୍ନକର୍ତ୍ତା :** ଏହି ପୁରୁଷାର୍ଥକୁ ଆପଣ କର୍ମଯୋଗ କହୁଛନ୍ତି ?

**ଦାଦାଶ୍ରୀ :** କର୍ମଯୋଗ ବୁଝିବା ଉଚିତ । କର୍ମଯୋଗ ଯାହା ଭଗବାନ ଲେଖିଛନ୍ତି ଏବଂ ଲୋକ ଯାହାକୁ କର୍ମଯୋଗ କହୁଛନ୍ତି, ସେ ଉଭୟ ମଧ୍ୟରେ ଆକାଶ-ପାତାଳ ଯେତିକି ଫରକ ଅଛି ।

ପୁରୁଷାର୍ଥ ଅର୍ଥାତ କର୍ମଯୋଗ ଅଟେ, କିନ୍ତୁ କର୍ମଯୋଗ କିପରି ? ଅନ୍ ପେପର୍ । ଯୋଜନା କରିବା, ତାହା କର୍ମଯୋଗ କୁହାଯାଏ । ସେ ଯେଉଁ କର୍ମଯୋଗ ହେଲା, ତାହାଦ୍ୱାରା ପୁଣି ହିସାବ ବାନ୍ଧିହେଲା, ତାହାର ଫଳ ସଞ୍ଚିତ କୁହାଯାଏ ଏବଂ ସଞ୍ଚିତ ବି ଯେଉଁ ଅଛି ତାହା ଯୋଜନାରେ ହିଁ ଅଛି, କିନ୍ତୁ ଯେବେ ଫଳ ଦେବା ପାଇଁ ସମ୍ମୁଖ ହୁଏ ସେତେବେଳେ ପ୍ରାରବ୍ଧ କୁହାଯାଏ, ଆଉ ଯେବେ ପ୍ରାରବ୍ଧ ଫଳ ଦିଏ ସେତେବେଳେ କ୍ରିୟମାଣ ଉଭା ହୁଏ । ଯଦି ପୁଣ୍ୟ ଥାଏ ତେବେ କ୍ରିୟମାଣ ଭଲ ହୁଏ ଆଉ (ଯେବେ) ପାପ ଆସେ ତେବେ କ୍ରିୟମାଣ ଓଲଟା ହୁଏ ।

## ଅଜାଣତରେ କରିଥିବା କର୍ମର ଫଳ ମିଳେ କି ?

**ପ୍ରଶ୍ନକର୍ତ୍ତା :** ଜାଣିଶୁଣି କରିଥିବା ପାପର କେତେ ଦୋଷ ଲାଗେ ? ଆଉ ଅଜାଣତରେ କରିଥିବା ଭୁଲର କେତେ ଦୋଷ ଲାଗେ ? ଅଜାଣତରେ କରିଥିବା ଭୁଲ ପାଇଁ କ୍ଷମା ମିଳୁଥିବ ନା ?

**ଦାଦାଶ୍ରୀ :** କେହି ଏମିତି ପାଗଳ ନାହିଁ ଯେ ଏପରି କ୍ଷମା କରିଦେବ । ଯଦି ତୁମଦ୍ୱାରା ଅଜାଣତରେ କୌଣସି ବ୍ୟକ୍ତି ମରିଗଲା ତେବେ କେହି କେଉଁଠି ଖାଲିରେ ବସି ନାହିଁ ଯେ କ୍ଷମା କରିବାକୁ ଆସିବ । ଏବେ ଅଜାଣତରେ ଯଦି ନିଆଁରେ ହାତ ପଡ଼ିଯାଏ ତେବେ କ'ଣ ହେବ ?

**ପ୍ରଶ୍ନକର୍ତ୍ତା :** ଜଳିଯିବ ।

**ଦାଦାଶ୍ରୀ :** ତୁରନ୍ତ ଫଳ ! ଅଜାଣତରେ କର ବା ଜାଣି-ଶୁଣି କର ।

**ପ୍ରଶ୍ନକର୍ତ୍ତା :** ଅଜାଣତରେ କରିଥିବା ଭୁଲ ସବୁ ଏପରି ଭୋଗିବାକୁ ପଡୁଛି, ତେବେ ଜାଣିବା ପରେ କେତେ ଭୋଗିବାକୁ ପଡ଼ିବ ?

**ଦାଦାଶ୍ରୀ :** ହଁ, ସେଥିପାଇଁ ତାହା ହିଁ ମୁଁ ତୁମକୁ ବୁଝାଉଛି ଯେ ଅଜାଣତରେ କରାଯାଇଥିବା କର୍ମ କିପରି ଭୋଗନ୍ତି ? ଜଣେ ବ୍ୟକ୍ତି ବହୁତ ପୁଣ୍ୟକର୍ମ କରିଥିବ, ରାଜା ହେବାର ପୁଣ୍ୟକର୍ମ କରିଥିବ, କିନ୍ତୁ ଅଜାଣତରେ କରିଥିବ, ବୁଝି-ସୁଝି ନୁହେଁ । ଲୋକଙ୍କୁ ଦେଖି-ଦେଖି ସେପରି କର୍ମ ନିଜେ ବି କଲା । ସେ ପୁଣି ନବୁଝି ରାଜା ହୁଏ, ସେପରି କର୍ମ ବାନ୍ଧେ । ଏବେ ସେ ପାଞ୍ଚବର୍ଷ ବୟସରେ ରାଜଗାଦିକୁ ଆସେ, କାରଣ ଫାଦର୍ ଅଫ୍ ହୋଇଗଲେ (ମରି ଗଲେ) । ଏବଂ ୧୧ ବର୍ଷ ବୟସ ପର୍ଯ୍ୟନ୍ତ, ଅର୍ଥାତ ତା'କୁ ଛଅ ବର୍ଷ ରାଜ୍ୟ ଭୋଗିବାର ଥିଲା, ସେଥିପାଇଁ ୧୧ ବର୍ଷରେ ଗାଦିଚ୍ୟୁତ ହୋଇଗଲା । ଏବେ ଅନ୍ୟ ଜଣେ ବ୍ୟକ୍ତି ଯିଏ ୨୮ ବର୍ଷରେ ରାଜା ହେଲା ଏବଂ ୩୪ ବର୍ଷରେ ରାଜ୍ୟ ଚାଲିଗଲା । ସେମାନଙ୍କ ମଧ୍ୟରୁ କିଏ ଅଧିକ ସୁଖ ଭୋଗିଲା ? ଛଅ ବର୍ଷ ଉଭୟଙ୍କୁ ରାଜ୍ୟ ମିଳିଲା ।

**ପ୍ରଶ୍ନକର୍ତ୍ତା :** ଯିଏ ୨୮ ବର୍ଷରେ ଆସିଲା ଏବଂ ୩୪ ବର୍ଷରେ ଗଲା, ସେ ।

**ଦାଦାଶ୍ରୀ :** ସେ ଜାଣିଶୁଣି ପୁଣ୍ୟ ବାନ୍ଧିଥିଲା, ସେଥିପାଇଁ ଜାଣିଶୁଣି ଭୋଗିଲା । ଆଉ ସେ ପିଲାଟି ଅଜାଣତରେ ପୁଣ୍ୟ କରିଥିଲା, ସେ ଅଜାଣତରେ ଭୋଗିଲା । ଏହିପରି ଯଦି ଅଜାଣତରେ ପାପ ବାନ୍ଧ ତେବେ ଅଜାଣତରେ ଭୋଗି ନିଆଯାଏ ଏବଂ ଅଜାଣତରେ ପୁଣ୍ୟ କର ତେବେ ଅଜାଣତରେ ଭୋଗି ନିଆଯାଏ । ମଜା ଆସେ ନାହିଁ । ବୁଝି ପାରିଲ ନା ?

ଅଜାଣତରେ କରିଥିବା ପାପ ବିଷୟରେ ତୁମକୁ ବୁଝାଉଛି । ଏପଟେ ଦୁଇଟି ଗୋବରପୋକ ଯାଉଥିଲେ, ବଡ଼-ବଡ଼ ଗୋବରପୋକ ଏବଂ ଏହି ରାସ୍ତାରେ ଦୁଇ ମିତ୍ର ଯାଉଥିଲେ । ସେତେବେଳେ ଏକ ମିତ୍ରର ଗୋଡ଼ ଗୋବରପୋକ ଉପରେ ପଡ଼ିଗଲା, ଏବଂ ସେ ଦଳି ହୋଇଗଲା ଏବଂ ଅନ୍ୟ ମିତ୍ର ଜଣକ ଗୋବରପୋକକୁ ଦେଖିଲା ଏବଂ ତା'କୁ ଦଳିକି ମାରିଦେଲା । ଦୁହେଁ କି କାମ କଲେ ?

**ପ୍ରଶ୍ନକର୍ତ୍ତା :** ଗୋବରପୋକକୁ ମାରିଲେ ।

**ଦାଦାଶ୍ରୀ :** ପ୍ରକୃତି ପାଖରେ ଦୁହେଁ ହତ୍ୟାକାରୀ ଗଣାଯିବେ । ସେ ଗୋବରପୋକଙ୍କ ପରିବାରବାଲା ଅଭିଯୋଗ କଲେ ଯେ ଆମ ଦୁହିଁଙ୍କ ପତିଙ୍କୁ ଏହି

ପିଲାମାନେ ମାରି ଦେଇଛନ୍ତି । ଦୁହିଁଙ୍କ ଦୋଷ ଏକ ସମାନ ଅଟେ । ଦୁହେଁ ଦୋଷୀ, ହତ୍ୟାକାରୀ ପରି ହିଁ ଧରା ହେଲେ । ହତ୍ୟା କରିବାର ପ୍ରକ୍ରିୟା ଅଲଗା-ଅଲଗା ଅଟେ, କିନ୍ତୁ ଏବେ ତାହାର ଫଳ ଦେବା ସମୟରେ ଉଭୟଙ୍କୁ କି ଫଳ ମିଳେ ? ଉଭୟଙ୍କୁ ଦୁଇ ଚଟକଣା ଏବଂ ଚାରି ଗାଳି, ଏପରି ଦଣ୍ଡାଦେଶ ହେଲା । ଏବେ ସେ ଯିଏ ଏସବୁ ଅଜାଣତରେ କରିଥିଲା, ସେ ବ୍ୟକ୍ତି ଆସନ୍ତା ଜନ୍ମରେ ଦିନମଜୁରିଆ ହୋଇଥିଲା, ତେବେ ତା'କୁ କିଏ ଦୁଇ ଚଟକଣା ମାରିଦେଲା ଏବଂ ଚାରି ଗାଳି ଦେଇଦେଲା ତେବେ କିଛି ବାଟ ହିଁ ଆଗକୁ ଯାଇ ସେ ତାହା ଝାଡ଼ି ଦେଲା(ଭୁଲି ଗଲା) ଆଉ ଅନ୍ୟ ଜଣକ, ଆସନ୍ତା ଜନ୍ମରେ ଗାଁ'ର ମୁଖିଆ ଥିଲା, ବହୁତ ବଡ଼, ବହୁତ ଭଲ ବ୍ୟକ୍ତି । ତା'କୁ କେହି ଦୁଇ ଚଟକଣା ମାରିଲା ଏବଂ ଚାରି ଗାଳି ଦେଲା, ତେବେ କେତେ ଦିନ ଯାଏଁ ସେ ଶୋଇଲା ନାହିଁ । କେତେ ଦିନ ଯାଏଁ ଭୋଗିଲା ! ଇଏ ତ ଜାଣି-ଶୁଣି ମାରିଥିଲା, ମଜୁରିଆ ଜଣକ ଅଜାଣତରେ କରିଥିଲା । ଏଣୁ ବୁଝି-ବିଚାରି କରିବ ଏସବୁ । ଯାହା କିଛି କରିବ, ତାହାର ଉତ୍ତରଦାୟିତ୍ୱ ନିଜର ହିଁ ଅଟେ । ୟୁ ଆର୍ ହୋଲ୍ ଏଣ୍ଡ୍ ସୋଲ୍ ରେସ୍ପନ୍ସିବଲ୍, ଗଡ୍ ଇଜ୍ ନଟ୍ ରେସ୍ପନ୍ସିବଲ୍ ଏଟ୍ ଅଲ୍ । (ତୁମେ ହିଁ ସମ୍ପୂର୍ଣ୍ଣ ଉତ୍ତରଦାୟୀ ଅଟ, ଭଗବାନ ବିଲକୁଲ ବି ଉତ୍ତରଦାୟୀ ନୁହଁନ୍ତି ।)

## ପ୍ରାରବ୍ଧ ଭୋଗିବା ପରେ ହିଁ ଛୁଟକାରା

**ପ୍ରଶ୍ନକର୍ତ୍ତା :** ତାହାଲେ ମୁଖ୍ୟତଃ ନିଜର ହିଁ କର୍ମ ବାଧକ ଅଟେ(ବାଧା ଦିଏ) ?

**ଦାଦାଶ୍ରୀ :** ନହେଲେ ଆଉ କିଏ ! ଆଉ କେହି କରେ ନାହିଁ । ବାହାରବାଲା କେହି କରେ ନାହିଁ । ତୁମର ହିଁ କର୍ମ ତୁମକୁ ହଇରାଣ କରନ୍ତି । ହୋସିୟାର ସ୍ତ୍ରୀ ଆଣେ ଏବଂ ପୁଣି ପାଗିଳି ହୋଇଯାଏ । ତେବେ ତାହା କିଏ କରିଦେଲା ? ସ୍ୱାମୀର ହିଁ କର୍ମର ଉଦୟରୁ ପାଗିଳି ହୋଇଯାଏ । ଏଣୁ ଆମକୁ ମନରେ ଏହା ବୁଝିଯିବା ଉଚିତ ଯେ 'ମୋର ହିଁ ଭୁଲ ଅଟେ, ମୋର ହିଁ ହିସାବ ଅଟେ, ଏବଂ ମୋତେ ସୁଝି ଦେବାର ଅଛି ସମସ୍ତଙ୍କୁ । ଫସିଗଲେ ଭାଇ, ଫସିଗଲେ ।'

ନିଜକୁ ଭୋଗିବା ବିନା ଚାରା ନାହିଁ । ପ୍ରାରବ୍ଧ ମୋତେ ବି ଭୋଗିବାକୁ ପଡୁଛି, ସମସ୍ତଙ୍କୁ, ମହାବୀର ପ୍ରଭୁ ମଧ୍ୟ ଭୋଗୁଥିଲେ । ଭଗବାନ ମହାବୀରଙ୍କୁ ତ ଦେବଲୋକ ହଇରାଣ କରୁଥିଲେ, ସେ ମଧ୍ୟ ଭୋଗୁଥିଲେ । ଦେବଲୋକ ବଡ଼-ବଡ଼ ଛାରପୋକ ପକାଉ ଥିଲେ ।

**ପ୍ରଶ୍ନକର୍ତ୍ତା :** ସେହି ପ୍ରାରବ୍ଧ ତାଙ୍କୁ ଭୋଗିବାକୁ ପଡ଼ିଲା ନା ?

**ଦାଦାଶ୍ରୀ :** କୌଣସି ଚାରା ହିଁ ନାହିଁ ନା! ସେ ନିଜେ ବୁଝୁଥିଲେ ଯେ ଏହା ଦେବଲୋକ କରୁଛନ୍ତି, ତଥାପି ପ୍ରାରବ୍ଧ ମୋର ଅଟେ ।

## କେଉଁ କର୍ମରୁ ଦେହକୁ ଦୁଃଖ ?

**ପ୍ରଶ୍ନକର୍ତ୍ତା :** କେଉଁ କର୍ମର ଆଧାରରେ ଶରୀରର ରୋଗ ହୁଏ ?

**ଦାଦାଶ୍ରୀ :** ଛୋଟା-କେମ୍ପା ହୋଇଯାଏ ନା ! ହଁ, ସେ ସବୁ କ'ଣ ହୋଇଛି ? ତାହା କାହାର ଫଳ ? ତାହା ତ, ଆମେ ଯଦି କାନର ଦୁରୂପଯୋଗ କରିବା ତେବେ କାନ ଖରାପ ହୋଇଯାଏ । ଆଖିର ଦୁରୂପଯୋଗ କରିବା ତେବେ ଆଖି ଚାଲିଯାଏ, ନାକର ଦୁରୂପଯୋଗ କରିବା ତେବେ ନାକ ଚାଲିଯାଏ, ଜୀଭର ଦୁରୂପଯୋଗ କରିବା ତେବେ ଜୀଭ ଖରାପ ହୋଇଯାଏ, ମସ୍ତିଷ୍କର ଦୁରୁପଯୋଗ କରିବା ତେବେ ମସ୍ତିଷ୍କ ଖରାପ ହୋଇଯାଏ, ଗୋଡ଼ର ଦୁରୂପଯୋଗ କରିବା ତେବେ ଗୋଡ଼ ଭାଙ୍ଗିଯାଏ, ହାତର ଦୁରୂପଯୋଗ କରିବା ତେବେ ହାତ ଭାଙ୍ଗିଯାଏ । ଅର୍ଥାତ ଯାହାର ଦୁରୂପଯୋଗ କରେ, ସେହି ଫଳ ଭୋଗିବାକୁ ପଡ଼େ, ଏଠାରେ ।

## ନିର୍ଦ୍ଦୋଷ ଶିଶୁକୁ କାହିଁକି ଭୋଗିବାକୁ ପଡ଼େ ?

**ପ୍ରଶ୍ନକର୍ତ୍ତା :** ଅନେକ ଥର ଏପରି ଦେଖିବାକୁ ମିଳେ ଯେ ଛୋଟ ଶିଶୁ ଜନ୍ମରୁ ହିଁ ଅପଙ୍ଗ ହୋଇଥାନ୍ତି । ପଙ୍ଗୁ ହୋଇଥାନ୍ତି । କିଛି ଛୋଟ ପିଲା କୁତବମୀନାର ଏବଂ ହିମାଳୟ ଦର୍ଶନର ଦୁର୍ଘଟଣାରେ ମରିଯାନ୍ତି । ତେବେ ଏହି ଛୋଟ-ଛୋଟ ପିଲାମାନେ କି ପାପ କରିଥିବେ ଯେ ତାଙ୍କ ସହିତ ଏପରି ହୁଏ ?

**ଦାଦାଶ୍ରୀ :** ପାପ କରିଥିଲେ ନିଶ୍ଚିତ, ତାହାର ହିସାବ ସୁଝିଗଲା । ଏଥିପାଇଁ ଦେଢ଼ ବର୍ଷର ହେଲା, ମା-ବାପାଙ୍କ ସହିତ ଥିବା ସବୁ ହିସାବ ପୂରା ହେଲା, ସେଥିପାଇଁ ଚାଲିଗଲା । ହିସାବ ସୁଝିଦେବା ଉଚିତ । ଏମାନେ ହିସାବ ସୁଝିବା ପାଇଁ ଆସନ୍ତି ।

**ପ୍ରଶ୍ନକର୍ତ୍ତା :** ସେ ବାଳକ ମା-ବାପାଙ୍କ କରାଯାଇଥିବା ଦୁଷ୍କୃତ୍ୟର ଫଳ ଦେବାପାଇଁ ଆସିଥିଲା ?

**ଦାଦାଶ୍ରୀ :** ମା-ବାପାଙ୍କ ସହିତ ଯେଉଁ ହିସାବ ନିୟୋଜିତ ଅଛି, ଯେତିକି ଦୁଃଖ

ଦେବାର ଥିବ ତେବେ ଦୁଃଖ ଦେଇ ଯାଏ ଏବଂ ସୁଖ ଦେବାର ଥିବ ତେବେ ସୁଖ ଦେଇ ଯାଏ ଏବଂ ବର୍ଷେ-ଦୁଇ ବର୍ଷର ହୋଇ ମରିଯାଏ, ତେବେ ଅଳ୍ପ ଦୁଃଖ ଦେଇ ଯାଏ ଆଉ ଜଣେ ବାଇଶି ବର୍ଷର ବାହାଘର ପରେ ମରିଯାଏ ତେବେ ଅଧିକ ଦୁଃଖ ଦିଏ । ଏପରି ହୁଏ କି ନାହିଁ ?

**ପ୍ରଶ୍ନକର୍ତ୍ତା :** ଏପରି ତ ହୁଏ, ଠିକ କଥା ।

**ଦାଦାଶ୍ରୀ :** ଅର୍ଥାତ ଏମାନେ ଦୁଃଖ ଦେବାପାଇଁ ହୁଅନ୍ତି ଆଉ କିଛି ଅଛନ୍ତି ସେମାନେ ବଡ଼ ହୋଇ ସୁଖ ଦିଅନ୍ତି । ଶେଷ ପର୍ଯ୍ୟନ୍ତ, ପୁରା ଜୀବନ ସୁଖ ଦିଅନ୍ତି । ଏହି ସୁଖ ଏବଂ ଦୁଃଖ ଦେବା ପାଇଁ ହିଁ ପରସ୍ପର ଏସବୁ ସମ୍ବନ୍ଧ ଅଟେ । ଏହା ରିଲେଟିଭ୍(ସାପେକ୍ଷିକ) ସମ୍ବନ୍ଧ ଅଟେ ।

## ଆଜିର କୁକର୍ମର ଫଳ ଏହି ଜନ୍ମରେ ?

**ପ୍ରଶ୍ନକର୍ତ୍ତା :** ଏହି ଯେଉଁ କର୍ମର ଫଳ ଆସେ, ମାନିନିଅନ୍ତୁ ଯେ ଉଦାହରଣ ସ୍ୱରୂପ ଆମେ କାହାର ବିବାହରେ ବାଧା ଦେଲୁ, ତେବେ ପୁଣି ପରେ ସେହିପରି ହିଁ ଫଳ ଆମକୁ ଆସନ୍ତା ଜନ୍ମରେ ମିଳିବ ? କ'ଣ ସେହି ବ୍ୟକ୍ତି ଆମ ବିବାହରେ ବାଧା ଦେବ ? କ'ଣ କର୍ମର ଫଳ ଏହିପରି ହୁଏ ? ସେହି ପ୍ରକାରର ଏବଂ ସେହି ଡିଗ୍ରୀର ?

**ଦାଦାଶ୍ରୀ :** ନା, ଏହି ଜନ୍ମରେ ମିଳେ, ବିବାହରେ ଯଦି ବାଧା ଦିଅ, ତାହା ତ ପ୍ରତ୍ୟକ୍ଷ ପରି ହିଁ କୁହାଯିବ ଏବଂ ପ୍ରତ୍ୟକ୍ଷର ଫଳ ଏହିଠାରେ ମିଳିଯାଏ ।

**ପ୍ରଶ୍ନକର୍ତ୍ତା :** ଆମେ କାହାର ବିବାହରେ ବାଧା ଦେଲୁ, ତା'ପୂର୍ବରୁ ଯଦି ଆମେ ବିବାହ କରିନେଇଥିବୁ, ତେବେ କେଉଁଠୁ ମିଳିବ ?

**ଦାଦାଶ୍ରୀ :** ନା, ସେହି ପ୍ରକାରର ହିଁ ଫଳ ମିଳିବ, ଏପରି ନୁହେଁ । ତୁମେ ଯେଉଁ ତା'ର ମନ ଦୁଃଖ କଲ, ସେହିପରି ତୁମ ମନ ଦୁଃଖିତ ହେବାର ରାସ୍ତା ମିଳିଯିବ । ଯଦି କାହାର ଝିଅ ନ ଥିବ, ସେ କିପରି ଫଳ ପାଇବ ? ଅନ୍ୟ ଲୋକଙ୍କର ଝିଅ ବାହାଘରରେ ବାଧା ସୃଷ୍ଟି କରେ ଏବଂ ନିଜର ଝିଅ ନଥାଏ ଆଉ ଏହି ଜନ୍ମରେ ହିଁ କର୍ମର ଫଳ ମିଳିଯାଏ । ଏହି ଜନ୍ମରେ ହିଁ ଫଳ ନ ମିଳି ରହେ ନାହିଁ । ଏପରି ଅଟେ ଯେ, ପରୋକ୍ଷ କର୍ମର ଫଳ ଆସନ୍ତା ଜନ୍ମରେ ମିଳେ ଆଉ ପ୍ରତ୍ୟକ୍ଷର ଫଳ ଏହି ଜନ୍ମରେ ମିଳେ ।

**ପ୍ରଶ୍ନକର୍ତ୍ତା :** ପରୋକ୍ଷ ଶବ୍ଦର ଅର୍ଥ କ'ଣ ?

**ଦାଦାଶ୍ରୀ :** ସେହି କର୍ମ ଯାହା ଆମକୁ ଜଣା ପଡ଼େ ନାହିଁ ।

**ପ୍ରଶ୍ନକର୍ତ୍ତା :** ଯଦି ମୁଁ କୌଣସି ବ୍ୟକ୍ତିର ଦଶଲକ୍ଷ ଟଙ୍କା କ୍ଷତି କରିବାର ଭାବ କରିଥିବି ତେବେ ପୁଣି ମୋତେ ପରେ ସେହିପରି ହିଁ କ୍ଷତି ହେବ ?

**ଦାଦାଶ୍ରୀ :** ନା, କ୍ଷତି ନୁହେଁ । ତାହା ତ ଅନ୍ୟ ରୂପରେ, ତୁମକୁ ସେତିକି ହିଁ ଦୁଃଖ ହେବ । ଯେତିକି ଦୁଃଖ ତୁମେ ତା'କୁ ଦେଇଛ ସେତିକି ହିଁ ଦୁଃଖ ତୁମକୁ ହେବ । ପୁଣି ପୁଅ ପଇସା ଖର୍ଚ୍ଚ କରିଦେଇ ଦୁଃଖୀ କରୁ ଅଥବା ଅନ୍ୟ କୌଣସି ବି ରାସ୍ତାରେ, କିନ୍ତୁ ସେତିକି ହିଁ ଦୁଃଖ ହେବ ତୁମକୁ । ସେସବୁ ଏପରି ହିସାବ ନୁହେଁ, ବାହାରର ହିସାବ ନୁହେଁ । ସେଥିପାଇଁ ଏଠି ଏସବୁ ଭିକାରୀ କୁହନ୍ତି ନା, ରାସ୍ତାରେ ଜଣେ କହୁଥିଲା, 'ଆମେ ଏ ଯେଉଁ ଭିକ ମାଗୁଛୁ, ତାହା ଆମେ ଦେଇଛୁ, ତାହା ହିଁ ତୁମେ ଆମକୁ ଫେରାଉଛ ।' ସେ ତ ଖୋଲାଖୋଲି କୁହେ । 'ତୁମେ ଯେଉଁ ଦେଉଛ, ତାହା ଆମେ ଦେଇଥିଲୁ ତାହା ହିଁ ଦେଉଛ, ଆଉ ନହେଲେ ଆମେ ତୁମକୁ ଦେବୁ । ଦୁଇଟିରୁ ଗୋଟିଏ ତ ଠିକ !' ନା, ଏପରି ନୁହେଁ । ତୁମେ କାହା ହୃଦୟକୁ ଶାନ୍ତି ପହଞ୍ଚାଇଲ ତେବେ ତୁମ ହୃଦୟକୁ ଶାନ୍ତି ପହଞ୍ଚିବ । ତୁମେ ତା'କୁ ଦୁଃଖ ଦେଲ ତେବେ ତୁମକୁ ଦୁଃଖ ହେବ, ବାସ୍ । ଶେଷରେ ସବୁ କର୍ମର ସମାବେଶ ରାଗ୍-ଦ୍ୱେଷରେ ହୁଏ । ରାଗ୍-ଦ୍ୱେଷର ଫଳ ମିଳେ । ରାଗ୍ର ଫଳ ସୁଖ ଏବଂ ଦ୍ୱେଷର ଫଳ ଦୁଃଖ ମିଳିବ ।

**ପ୍ରଶ୍ନକର୍ତ୍ତା :** ଏହି ଯେଉଁ ଆପଣ କହିଲେ ନା ଯେ ରାଗ୍ର ଫଳ ସୁଖ ଏବଂ ଦ୍ୱେଷର ଫଳ ଦୁଃଖ ତେବେ ଏହା ପରୋକ୍ଷ ଫଳର କଥା ନା ପ୍ରତ୍ୟକ୍ଷ ଫଳର ?

**ଦାଦାଶ୍ରୀ :** କେବଳ ପ୍ରତ୍ୟକ୍ଷ ହିଁ । ଏପରି ଅଟେ ଯେ, ରାଗ୍ରୁ ପୁଣ୍ୟବନ୍ଧନ ହୁଏ ଏବଂ ପୁଣ୍ୟରୁ ଲକ୍ଷ୍ମୀ ମିଳିଲା । ଏବେ ଲକ୍ଷ୍ମୀ ମିଳିଲା କିନ୍ତୁ ଖର୍ଚ୍ଚ ହେବା ସମୟରେ ପୁଣି ଦୁଃଖ ଦେଇ ଯାଏ, ଅର୍ଥାତ ଏସବୁ ଯେଉଁ ସୁଖ ତୁମେ ନେଉଛ, ତାହା ଲୋନ୍‌ରେ ନିଆଯାଉଥିବା ସୁଖ ଅଟେ । ଏଣୁ ଯଦି ପୁଣି ପେମେଣ୍ଟ୍ କରିବାର ଥିବ ତେବେଯାଇ ଏହି ସୁଖ ନେବ । ହଁ, ତେବେଯାଇ ସୁଖ ଚାଖିବ, ନହେଲେ ଚାଖିବ ନାହିଁ । ଯଦି ଏବେ ତୁମର ସୁଝିବାର ଶକ୍ତି ନାହିଁ, ଏବେ ପୁଣି ପେମେଣ୍ଟ୍ କରିବାର ଶକ୍ତି ନାହିଁ, ତେବେ ତାହା ଚାଖିବା ବନ୍ଦ କରିଦିଅ । ବାକି, ଏହା ଲୋନ୍‌ବାଲା ସୁଖ ଅଟେ ସବୁ । କୌଣସି ବି ପ୍ରକାରର ସୁଖ, ତାହା ଲୋନ୍‌ରେ ନିଆ ହୋଇଥିବା (ସୁଖ) ଅଟେ ।

ପୁଣ୍ୟର ଫଳ ସୁଖ, କିନ୍ତୁ ସୁଖ ମଧ୍ୟ ଲୋନ୍‌ବାଲା ଏବଂ ପାପର ଫଳ ଦୁଃଖ, ଦୁଃଖ

ମଧ୍ୟ ଲୋନ୍‌ବାଲା । ଅର୍ଥାତ୍ ଏହାସବୁ ଲୋନ୍‌ବାଲା ଅଟେ । ଏଣୁ ଯଦି ସୌଦା କରିବାର ନଥିବ ତେବେ କର ନାହିଁ । ସେଥିପାଇଁ ପୁଣ୍ୟ ଏବଂ ପାପ ହେୟ (ତେଜ୍ୟ) ଗଣା ଯାଇଛି ।

**ପ୍ରଶ୍ନକର୍ତ୍ତା :** ଏହା ପ୍ରଥମେ ଦେଇଥିବେ ଏବଂ ଏବେ ଫେରାଇ ନେଉଛନ୍ତି, ଏଣୁ ହିସାବ ସୁଝିଗଲା । ଅର୍ଥାତ ତାହାକୁ ଲୋନ୍‌ରେ ନେବା ତ କୁହାଯିବ ନାହିଁ ନା ?

**ଦାଦାଶ୍ରୀ :** ଏବେ ଯେଉଁ ସୁଖ ଚାଖୁଛ ସେ ସବୁ ଫେରିକି ଆସିଥିବାବାଲା ନୁହେଁ, କିନ୍ତୁ ଯଦି ଏସବୁ ଚାଖୁଛ, ତେବେ ପେମେଣ୍ଟ୍ କରିବାକୁ ପଡ଼ିବ । ଏବେ ପେମେଣ୍ଟ୍ କିପରି କରିବାକୁ ପଡ଼ିବ ? ଭଲ ଆମ୍ବ ଖାଇଲେ, ତେବେ ସେଦିନ ଖୁସି ହୋଇଗଲେ ଏବଂ ଆମକୁ ସୁଖ ଉତ୍ପନ୍ନ ହେଲା । ଆନନ୍ଦରେ ଦିନ ବିତିଲା । କିନ୍ତୁ ଦ୍ୱିତୀୟ ଥର ଆମ୍ବ ଖରାପ ଆସିବ, ତେବେ ସେତିକି ହିଁ ଦୁଃଖ ଆସିବ । କିନ୍ତୁ ଯଦି ଏଥିରେ ସୁଖ ନ ନେବା, ତେବେ ସେ ଦୁଃଖ ଆସିବ ନାହିଁ ।

**ପ୍ରଶ୍ନକର୍ତ୍ତା :** ସେଥିରେ ଯଦି ମୂର୍ଚ୍ଛା ନ ରହିବ ତେବେ ?

**ଦାଦାଶ୍ରୀ :** ତେବେ ପୁଣି ଆମ୍ବ ଖାଇବାରେ ଅସୁବିଧା ନାହିଁ ।

## ଶାଶୁ ସହ ସୁମେଳ ରଖ

**ପ୍ରଶ୍ନକର୍ତ୍ତା :** ଶାଶୁ ସହିତ ମୋର ବହୁତ ଘର୍ଷଣ(ଝିକ୍‌ଝିକ୍) ହେଉଛି, ସେଥିରୁ କିପରି ମୁକୁଳିବି ?

**ଦାଦାଶ୍ରୀ :** ଗୋଟି-ଗୋଟି କରି ପ୍ରତ୍ୟେକ କର୍ମରୁ ମୁକ୍ତି ହେବା ଦରକାର । ଯଦି ଶାଶୁ ହଇରାଣ କରୁଛି ତେବେ ପ୍ରତ୍ୟେକ ଥର କର୍ମରୁ ମୁକ୍ତି ମିଳିବା ଦରକାର । ତେବେ ସେଥିପାଇଁ ଆମକୁ କ'ଣ କରିବା ଉଚିତ ? ଶାଶୁକୁ ନିର୍ଦ୍ଦୋଷ ଦେଖିବା ଉଚିତ, ଯେ ଶାଶୁର ବା କି ଦୋଷ ? ମୋ କର୍ମର ଉଦୟ ଅଟେ, ସେଥିପାଇଁ ସେ ମିଳିଛନ୍ତି । ସେ ତ ବିଚାରୀ *ନିମିତ୍ତ* ଅଟନ୍ତି । ତେବେ ସେହି କର୍ମରୁ ମୁକ୍ତି ହୋଇଯିବ ଆଉ ଯଦି ଶାଶୁର ଦୋଷ ଦେଖିବ ତେବେ କର୍ମ ବଢ଼ିବ, ପୁଣି ତା'ର କିଏ କ'ଣ କରିବ ? ସାମନାବାଲାର ଦୋଷ ଦେଖିବା ଦ୍ୱାରା କର୍ମବନ୍ଧନ ହୁଏ ଏବଂ ନିଜର ଦୋଷ ଦେଖିବା ଦ୍ୱାରା କର୍ମରୁ ମୁକ୍ତି ହୁଏ ।

ଆମକୁ ଏପରି ରହିବା ଉଚିତ ଯେପରି କର୍ମବନ୍ଧନ ହେବ ନାହିଁ, ଏହି ଦୁନିଆରୁ

ଦୂରେଇ ରହିବା ଉଚିତ । ଏହି କର୍ମ ବାନ୍ଧିଥିଲେ, ସେଥିପାଇଁ ତ ଏମାନେ ମିଳିଛନ୍ତି । ଆମ ଘରେ ଏମାନେ ସବୁ କିଏ ଏକାଠି ହୋଇଛନ୍ତି ? ଯେଉଁ ମାନଙ୍କ ସହିତ କର୍ମର ହିସାବ ବନ୍ଧା ହୋଇଛି, ସେହିମାନେ ହିଁ ସବୁ ଏକାଠି ହୋଇଛନ୍ତି ଆଉ ପୁଣି ଆମକୁ ବାନ୍ଧିକି ମାରନ୍ତି ମଧ୍ୟ ! ଆମେ ସ୍ଥିର କରିଥିବା ଯେ ମୋତେ ତା' ସହିତ କଥା ହେବାର ନାହିଁ, ତଥାପି ସାମନାବାଲା ମୁହଁରେ ଆଙ୍ଗୁଳି ପୁରାଇ କହିବା ପାଇଁ ବାଧ୍ୟ କରାଉ ଥାଏ । ଆରେ, ଆଙ୍ଗୁଳି ପୁରାଇ କାହିଁକି କହିବାକୁ ବାଧ୍ୟ କରୁଛୁ ? ତାହାକୁ କୁହନ୍ତି ବୈର(ଶତ୍ରୁତା) ! ସବୁ ପୂର୍ବର ବୈର ! କେଉଁଠି ଦେଖିଛ ଏପରି ?

**ପ୍ରଶ୍ନକର୍ତ୍ତା :** ସବୁଆଡ଼େ ତାହା ହିଁ ଦେଖା ଯାଉଛି ନା !

**ଦାଦାଶ୍ରୀ :** ସେଥିପାଇଁ ମୁଁ କହୁଛି ନା, ଯେ ସେଠାରୁ ଖସିଯାଅ ଏବଂ ମୋ ପାଖକୁ ଆସିଯାଅ । ଏହା ମୁଁ ଯେଉଁ ପାଇଛି ତାହା ତୁମକୁ ଦେଇ ଦେବି, ତୁମର କାମ ହୋଇଯିବ ଏବଂ ଛୁଟକାରା ହୋଇଯିବ । ନହେଲେ, ଛୁଟକାରା ହେବ ନାହିଁ ।

ମୁଁ କାହାର ଦୋଷ ବାହାର କରେ ନାହିଁ, କିନ୍ତୁ ନୋଟ୍ କରେ ଯେ ଦେଖ ଏହି ଦୁନିଆ କ'ଣ ଅଟେ ? ମୁଁ ଏହି ଦୁନିଆକୁ ସବୁ ପ୍ରକାରେ ଦେଖିଛି । ବହୁତ ପ୍ରକାରେ ଦେଖିଛି । ଯଦି ଏପର୍ଯ୍ୟନ୍ତ କେହି ଦୋଷୀ ଦେଖାଯାଉଛି, ତାହା ନିଜର ହିଁ ଭୁଲ ଅଟେ । କେବେ ନା କେବେ ତ ନିର୍ଦ୍ଦୋଷ ଦେଖିବାକୁ ପଡ଼ିବ ନା ? ନିଜ ହିସାବ କାରଣରୁ ହିଁ ଅଟେ ଏସବୁ । ଏତିକି ଅଳ୍ପ ବି ଯଦି ବୁଝିଯିବ ନା, ତେବେ ମଧ୍ୟ ବହୁତ କାମରେ ଆସିବ ।

ଯେଉଁଠି ଆମର ଗାଢ଼ ଋଣାନୁବନ୍ଧ ଥିବ, ସେଠି ଆମର ଗାଢ଼ କର୍ମର ଉଦୟ ଆସେ ଏବଂ ତାହା ଆମର ଋଣାନୁବନ୍ଧ ଛଡ଼ାଇବା ପାଇଁ ଆସେ । ସବୁ ନିଜର ହିଁ ହିସାବ ଅଟେ । କେହି ଗାଳି ଦେଲା ତେବେ କ'ଣ ତାହା ଅବ୍ୟବହାର ଅଟେ ? ବ୍ୟବହାର ଅଟେ । 'ଜ୍ଞାନୀ'ଙ୍କୁ ତ ଯଦି କେହି ଗାଳି ଦିଏ ତେବେ ସେ ଖୁସି ହୁଅନ୍ତି ଯେ 'ବନ୍ଧନରୁ ମୁକ୍ତ ହେଲି ।' ଯେବେକି ଅଜ୍ଞାନୀ ଧକ୍କା ମାରେ ଏବଂ ନୂଆ କର୍ମ ବାନ୍ଧେ । ସାମନାବାଲା ଯେଉଁ ଗାଳି ଦେଉଛି, ତାହା ତ ନିଜ କର୍ମର ହିଁ ଉଦୟ ଅଟେ । ସାମନାବାଲା ତ କେବଳ *ନିମିତ୍ତ* ଅଟେ, ସେପରି ଜାଗୃତି ଯଦି ରହେ ତେବେ ନୂଆ କର୍ମବନ୍ଧନ ହୁଏ ନାହିଁ । ପ୍ରତ୍ୟେକ କର୍ମ ତାହାର *ନିର୍ଜରା* (ଆତ୍ମ ପ୍ରଦେଶରୁ କର୍ମ ଅଲଗା ହେବା)ର *ନିମିତ୍ତ* (ମାଧ୍ୟମ) ନେଇ ଆସିଥାଏ । କେଉଁ କେଉଁ *ନିମିତ୍ତ* ଦ୍ୱାରା *ନିର୍ଜରା* ହେବ, ତାହା ନିଶ୍ଚିତ

ଅଟେ । ଉଦୟ କର୍ମରେ ରାଗ୍-ଦ୍ୱେଷ(ପସନ୍ଦ-ନାପସନ୍ଦ) ନ କରିବା, ତାହାର ନାମ ଧର୍ମ ।

## ନିଜେ ହିଁ ପକାଇଛେ ଅନ୍ତରାୟ ?

**ପ୍ରଶ୍ନକର୍ତ୍ତା :** (ଯେବେ) ଆମେ ସତ୍‌ସଙ୍ଗରେ ଆସୁଛୁ, ସେତେବେଳେ ଯଦି କେହି ବ୍ୟକ୍ତି ଅବରୋଧ କରେ, ତେବେ କ'ଣ ସେହି ଅବରୋଧ ନିଜ କର୍ମ କାରଣରୁ ଅଟେ ?

**ଦାଦାଶ୍ରୀ :** ହଁ । ଯଦି ତୁମର ଭୁଲ ନଥିବ ତେବେ କେହି ତୁମର ନାମ ମଧ୍ୟ ଧରିବ ନାହିଁ । ତୁମ ଭୁଲର ହିଁ ପରିଣାମ ଅଟେ । ନିଜେ ହିଁ ବାନ୍ଧିଥିବା ଅନ୍ତରାୟ କର୍ମ ଅଟେ । କରିଥିବା କର୍ମର ସବୁ ହିସାବ ଭୋଗିବାର ଅଛି ।

**ପ୍ରଶ୍ନକର୍ତ୍ତା :** ସେହି ଭୁଲ ମୁଁ ପୂର୍ବ ଜନ୍ମରେ କରିଥିଲି ?

**ଦାଦାଶ୍ରୀ :** ହଁ, ପୂର୍ବ ଜନ୍ମରେ ।

**ପ୍ରଶ୍ନକର୍ତ୍ତା :** ବର୍ତ୍ତମାନ ମୋ ବ୍ୟବହାର ତାଙ୍କ ପ୍ରତି ଭଲ ଅଛି, ତଥାପି ସେ କହୁଛନ୍ତି, ଖରାପ ବ୍ୟବହାର କରୁଛନ୍ତି, ତାହେଲେ (ତାହା) ପୂର୍ବ ଜନ୍ମର ଅଟେ ?

**ଦାଦାଶ୍ରୀ :** ପୂର୍ବ ଜନ୍ମର କର୍ମ ଅର୍ଥାତ କ'ଣ ? ଯୋଜନା ରୂପରେ କରାଯାଇଥାଏ । ଅର୍ଥାତ ମନର ବିଚାର ଦ୍ୱାରା କର୍ମ କରାଯାଇଥାଏ, ତାହା ଏବେ ରୂପକରେ ଆସେ ଏବଂ ଆମକୁ ସେହି କାର୍ଯ୍ୟ କରିବାକୁ ପଡ଼େ । କରିବାକୁ ଚାହୁଁ ନଥିବା ତଥାପି କରିବାକୁ ହିଁ ପଡ଼େ । ଆମ ପାଖରେ କୌଣସି ଚାରା(ଉପାୟ) ହିଁ ରହେ ନାହିଁ । ଏପରି ଯେଉଁ କାର୍ଯ୍ୟ କରନ୍ତି, ତାହା ପୂର୍ବ ଯୋଜନା କାରଣରୁ କରନ୍ତି ଏବଂ ପୁଣି ତାହାର ଫଳ ପରେ ଭୋଗିବାକୁ ପଡ଼େ ।

## ପତି-ପତ୍ନୀଙ୍କ କଳହ

ଓଡ଼ଶ କାମୁଡ଼ନ୍ତି, ସେମାନେ ତ ବିଚରା ବହୁତ ଭଲ, କିନ୍ତୁ ଏହି ପତି ପତ୍ନୀକୁ କାମୁଡ଼େ, ପତ୍ନୀ ପତିକୁ କାମୁଡ଼େ, ତାହା ବହୁତ ପୀଡ଼ାଦାୟକ ହୋଇଥାଏ । କାମୁଡ଼ନ୍ତି କି ନାହିଁ ?

**ପ୍ରଶ୍ନକର୍ତ୍ତା :** କାମୁଡ଼ନ୍ତି ।

**ଦାଦାଶ୍ରୀ :** ତେବେ ସେହି କାମୁଡ଼ିବା ବନ୍ଦ କରିବାର ଅଛି । ଓଡ଼ଂଶ କାମୁଡ଼ନ୍ତି, ସେମାନେ ତ କାମୁଡ଼ି ସାରି ଚାଲିଯାନ୍ତି । ସେ ବିଚରା ଭିତରେ ତୃପ୍ତ ହେଲେ ଚାଲିଯାଏ । କିନ୍ତୁ ପତ୍ନୀ ତ ସବୁବେଳେ କାମୁଡ଼ି ଚାଲିଥାଏ । ଜଣେ ବ୍ୟକ୍ତି ତ ମୋତେ କହିଲା, 'ମୋ ଓ୍ୱାଇଫ୍ ମୋତେ ନାଗୁଣି ପରି କାମୁଡୁଛି ।' ତେବେ ପୁଣି ଭାଇ, ବାହା କାହିଁକି ହୋଇଥିଲୁ ସେ ନାଗୁଣି ସହ ? ! ତେବେ କ'ଣ ସେ ନିଜେ ନାଗ ନୁହେଁ ? ! ଖାଲି ଏମିତି କ'ଣ ନାଗୁଣି ଆସୁଥିବ ? ନାଗ ହୋଇଥିବ ତେବେ ନାଗୁଣି ଆସେ ନା !

**ପ୍ରଶ୍ନକର୍ତ୍ତା :** ତା' କର୍ମରେ ଲେଖା ହୋଇଥିବ ସେଥିପାଇଁ ତା'କୁ ଭୋଗିବାକୁ ହିଁ ପଡ଼ିଲା, ସେଥିପାଇଁ ସେ କାମୁଡ଼େ, ସେଥିରେ ପତ୍ନୀର ଭୁଲ ନାହିଁ !

**ଦାଦାଶ୍ରୀ :** ବାସ୍, ଅର୍ଥାତ ଏହା କର୍ମର *ଭୋଗବାଟା* (ସୁଖ-ଦୁଃଖର ପ୍ରଭାବ) ଅଟେ ସବୁ । ସେଥିପାଇଁ ଏପରି ଓ୍ୱାଇଫ୍ ମିଳିଯାଏ, ଏପରି ପତି ମିଳିଯାଏ । ଶାଶୁ ଏପରି ମିଳିଯାଏ । ନହେଲେ ଏହି ଦୁନିଆରେ କେତେ ଭଲ ଶାଶୁ ଅଛନ୍ତି । ପତି କେତେ ଭଲ ଅଛନ୍ତି ! କେତେ ଭଲ ପତ୍ନୀ ଅଛନ୍ତି, ଆଉ ଆମକୁ ହିଁ ଏପରି ଟେଢ଼ା କାହିଁକି ମିଳିଲେ ?

ଏ ତ ପତ୍ନୀ ସହ ଝଗଡ଼ା କରିଚାଲିଥାଏ । ଆରେ, ତୋ କର୍ମର ଦୋଷ ଅଟେ । ଅର୍ଥାତ ଆମ ଲୋକେ *ନିମିତ୍ତ* କୁ କାମୁଡ଼ିବା ପାଇଁ ଦୌଡ଼ନ୍ତି । ପତ୍ନୀ, ସେ *ନିମିତ୍ତ* ଅଟେ । *ନିମିତ୍ତ* କୁ କାହିଁକି କାମୁଡୁଛ ? *ନିମିତ୍ତ* କୁ କାମୁଡ଼ିବା ପାଇଁ ଦୌଡ଼େ, ତାହାଦ୍ୱାରା କ'ଣ କେବେ ମଙ୍ଗଳ ହୁଏ ? ଅଧୋଗତିରେ ଯାଏ ପୁଣି । ଏହା ତ ଲୋକଙ୍କର କି ଗତି ହେବାକୁ ଅଛି, ତାହା କହୁ ନାହିଁ ସେଥିପାଇଁ ଡରୁ ନାହାନ୍ତି । ଯଦି କହି ଦେବି ନା ଯେ ଚାରି ଗୋଡ଼ ଏବଂ ଉପରୁ ଲାଞ୍ଜ ମିଳିବ, ତେବେ ଏବେ ସିଧା ହୋଇଯିବେ ।

**ପ୍ରଶ୍ନକର୍ତ୍ତା :** ପତି-ପତ୍ନୀ ଦୁହେଁ ଯଦି ଲଢୁଥିବେ-ଝଗଡ଼ା କରୁଥିବେ, ସେଥିରେ କାହା କର୍ମ ଖରାପ ବୋଲି ବୁଝିବୁ ?

**ଦାଦାଶ୍ରୀ :** ଦୁହିଁଙ୍କ ମଧ୍ୟରୁ ଯିଏ ବିରକ୍ତ ହୁଏ, ତା'ର ।

**ପ୍ରଶ୍ନକର୍ତ୍ତା :** ସେମାନଙ୍କ ମଧ୍ୟରୁ ତ କେହି ବିରକ୍ତ ହେଉ ହିଁ ନାହାନ୍ତି, ସେମାନେ ତ ଲଢ଼ି ଚାଲିଛନ୍ତି ।

**ଦାଦାଶ୍ରୀ :** ତେବେ ଉଭୟଙ୍କର ଏକା ପରି । ବୁଝିବାଶକ୍ତିର ଅଭାବରୁ ସବୁ ହେଉଛି ।

**ପ୍ରଶ୍ନକର୍ତ୍ତା :** ଯଦି ଏହା ବୁଝା ପଡ଼ିଯାଏ ତେବେ କିଛି ଦୁଃଖ ହିଁ ନାହିଁ ନା!

**ଦାଦାଶ୍ରୀ :** ତାହା ଯଦି ବୁଝିଯିବା ତେବେ କୌଣସି ଦୁଃଖ ହିଁ ନାହିଁ। ଏହା ତ ଏପରି ଅଟେ ଯେ, ଯଦି ଏକ ପିଲା ପଥର ମାରେ ତେବେ ପୁଣି ତା'କୁ ମାରିବା ପାଇଁ ଦୌଡ଼େ ଏବଂ ରାଗିଯାଏ ଏକଦମ୍। ରାଗିଯାଏ ନା ନାହିଁ? ଆଉ ଯଦି ପାହାଡ଼ ଉପରୁ ପଥର ମୁଣ୍ଡ ଉପରେ ପଡ଼େ, ଏବଂ ରକ୍ତ ବାହାରେ ତେବେ? କାହା ଉପରେ ରାଗିବ?

**ପ୍ରଶ୍ନକର୍ତ୍ତା :** କାହା ଉପରେ ନୁହେଁ।

**ଦାଦାଶ୍ରୀ :** ଏହା ମଧ୍ୟ ସେହିପରି ଅଟେ। ମାରିବାବାଲା ସର୍ବଦା *ନିମିତ୍ତ* ହିଁ ଅଟେ, ଏହାର *ଭାନ୍* (ଜାଗୃତି) ନାହିଁ ସେଥିପାଇଁ ରାଗେ! ଏହିପରି ଯଦି *ନିମିତ୍ତ* ବୁଝିଯାଏ ତେବେ ଦୁଃଖ ହିଁ ନାହିଁ!

## ସୁଖ ଦେଇ ସୁଖ ନିଅ

ଯେପରି ଆମେ ବବୁଲ (ଗଛ) ପୋତିବା ଏବଂ ପୁଣି ସେଥିରୁ ଆମ୍ବର ଆଶା ରଖିବା ତେବେ ଚଳିବ ନାହିଁ ନା? ଯେପରି ବୁଣିବା, ସେହିପରି ଫଳ ମିଳେ। ଯେପରି-ଯେପରି କର୍ମ କରିଛେ, ସେହିପରି ଫଳ ଆମକୁ ଭୋଗିବାର ଅଛି। ଏବେ କାହାକୁ ଗାଳି ଦେଲ, ତେବେ ସେହି ଦିନରୁ ହିଁ ସେ ଏପରି ଚାହିଁ ରହିଥାଏ ଯେ କେବେ ମିଳିବ ଏବଂ ଫେରାଇ ଦେବି। ଲୋକ ପ୍ରତିଶୋଧ ନିଅନ୍ତି, ସେଥିପାଇଁ ଏପରି କର୍ମ କରିବ ନାହିଁ ଯାଦ୍ୱାରା ଲୋକ ଦୁଃଖୀ ହେବେ। ତୁମକୁ ଯଦି ସୁଖ ଦରକାର ତେବେ ସୁଖ ଦିଅ।

କେହି ଦୁଇଟି ଗାଳି ଦେଇଯାଏ ତେବେ କ'ଣ କରିବା ଉଚିତ? ଜମା କରିନେବ। ପୂର୍ବେ ଦେଇଥିଲେ, ତାହା ଫେରାଇ ଦେଇଗଲା ଆଉ ଯଦି ପସନ୍ଦ ହେଉଥିବ ତେବେ ପୁଣି ଦୁଇ-ପାଞ୍ଚ ଗାଳି ଉଧାର ଦେବ, ଆଉ ପସନ୍ଦ ନୁହେଁ ତେବେ ଉଧାର ଦେବ ନାହିଁ। ନହେଲେ ସେ ପୁଣି ଫେରାଇବ, ସେତେବେଳେ ସହନ ହେବ ନାହିଁ। ଏଥିପାଇଁ ଯିଏ ଯିଏ ଦିଅନ୍ତି, ତାହା ଜମା କରିନେବ।

ଏହି ଦୁନିଆରେ ଅନ୍ୟାୟ ନାହିଁ। ବିଲକୁଲ ଏକ ସେକେଣ୍ଡ୍ ମଧ୍ୟ ନ୍ୟାୟରୁ ବାହାରକୁ ଯାଇନାହିଁ ଏହି ଦୁନିଆ। ଏଣୁ ତୁମେ ଯଦି ନିୟମାନୁସାରେ ରହିବ ତେବେ କେହି ତୁମ ନାମ ନେବେ ନାହିଁ। ହଁ, ଦୁଇଟି ଗାଳି ଦେବାକୁ ଆସେ, ତେବେ ନେଇ ନିଅ। ନେଇକି ଜମା କରିଦିଅ ଏବଂ କହିଦିଅ ଯେ ଏହି ହିସାବ ପୂରା ହୋଇଗଲା।

## କ୍ଳେଶ, ତାହା ନୁହେଁ ଉଦୟକର୍ମ

'ବୁଝି ଗଲା' ତ କାହାକୁ କୁହନ୍ତି, ଯେ ଘରେ ମତଭେଦ ହୁଏ ନାହିଁ, ମନଭେଦ ହୁଏ ନାହିଁ, କ୍ଳେଶ-ଝଗଡ଼ା ହୁଏ ନାହିଁ । ଏହା ତ ମାସକୁ ଥରେଅଧେ ଘରେ କ୍ଳେଶ ହୋଇଯାଏ ନା ହୁଏ ନାହିଁ ? ପୁଣି ଏହା ଜୀବନ କିପରି କୁହାଯିବ ? ଏହା ଅପେକ୍ଷା ତ ଆଦିବାସୀ ଭଲରେ ରହୁଛନ୍ତି ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଯଦି ଉଦୟକର୍ମରେ ଥିବ, ତେବେ କ୍ଳେଶ-କଳହ ହେବ ନିଶ୍ଚିତ ?

**ଦାଦାଶ୍ରୀ :** ନା, କ୍ଳେଶ ଉଦୟକର୍ମର ଅଧୀନ ନୁହେଁ, କିନ୍ତୁ ଅଜ୍ଞାନରୁ ଉତ୍ପନ୍ନ ହୁଏ । କ୍ଳେଶ ଉତ୍ପନ୍ନ ହୁଏ ଏବଂ ସେଥିରୁ ନୂଆ କର୍ମବୀଜ ପଡ଼େ । ଉଦୟକର୍ମ କ୍ଳେଶବାଲା ହୋଇ ନଥାଏ । ଅଜ୍ଞାନତା କାରଣରୁ ସେ ଜାଣେ ନାହିଁ ଯେ ନିଜେ ଏଠାରେ କିପରି ବ୍ୟବହାର କରିବ, ସେଥିପାଇଁ କ୍ଳେଶ ହୋଇଯାଏ ।

ଏବେ ଯଦି ଏଠାରେ ମୋତେ ଏପରି ଖବର ଆଣି ଦେବ ଯେ ମୋର ଜଣେ ଖାସ୍ ଫ୍ରେଣ୍ଡ୍ ମରିଗଲା, ତେବେ ତୁରନ୍ତ ଜ୍ଞାନଦ୍ୱାରା ମୋତେ ପୃଥକ୍କରଣ ହୋଇଯାଏ ଯେ ଏହା କ'ଣ ହେଲା, ସେଥିପାଇଁ ପୁଣି ମୋତେ କ୍ଳେଶ ହେବାର କୌଣସି କାରଣ ହିଁ ନାହିଁ ନା! ଏହା ତ ଅଜ୍ଞାନ ଫସେଇ ଦିଏ(ବିଚଳିତ କରିଦିଏ) ଯେ ମୋ ସାଙ୍ଗ ମରିଗଲା, ଏବଂ ତାହା(ଅଜ୍ଞାନ) ହିଁ ସବୁ କ୍ଳେଶ କରାଏ !

କ୍ଳେଶ ଅର୍ଥାତ ଅଜ୍ଞାନତା । ଅଜ୍ଞାନତାରୁ ସବୁ କ୍ଳେଶ ଉତ୍ପନ୍ନ ହୁଏ । ଯଦି ଅଜ୍ଞାନତା ଚାଲିଯିବ ତେବେ କ୍ଳେଶ ଦୂର ହୋଇଯିବ ।

ଏସବୁ କ'ଣ, ତାହା ଜାଣିନେବା ଉଚିତ । ସାଧାରଣ ରୂପେ ଯଦି ଆମ ଘରେ ଛୋଟ ପିଲାଟିଏ ମାଠିଆ ଭାଙ୍ଗି ଦିଏ ତେବେ କେହି କ୍ଳେଶ କରନ୍ତି ନାହିଁ, ଆଉ କୌଣସି ଏକ କାଚପାତ୍ର ଯଦି ଭାଙ୍ଗିଦିଏ ତେବେ ? ସ୍ୱାମୀ କ'ଣ କୁହେ ସ୍ତ୍ରୀକୁ ? ତୁ ସମ୍ଭାଳୁ ନାହୁଁ ଏ ପିଲାକୁ, ତେବେ ମୁର୍ଖ ମାଠିଆ ପାଇଁ କାହିଁକି କହିଲୁ ନାହିଁ ? ତେବେ କୁହେ, 'ତାହା ତ ଡି-ଭେଲ୍ୟୁ ଥିଲା । ତାହାର ମୂଲ୍ୟ ହିଁ ନଥିଲା ।' ଯଦି ମୂଲ୍ୟ ନଥିବ ତେବେ ଆମେ କ୍ଳେଶ କରି ନ ଥାଉ, ଆଉ ମୂଲ୍ୟ ଥିଲେ କ୍ଳେଶ କରୁ ! ଉଭୟ ଜିନିଷ ଉଦୟକର୍ମର ଅଧିନରେ ହିଁ ଭାଙ୍ଗେ ନା ! କିନ୍ତୁ ଦେଖ ଆମେ ମାଠିଆ ପାଇଁ କ୍ଳେଶ କରୁ ନାହୁଁ !

ଜଣେ ବ୍ୟକ୍ତିର ଯଦି ଦୁଇ ହଜାର ଟଙ୍କା ହଜିଯାଏ, ତେବେ ତା'କୁ ମାନସିକ ଚିନ୍ତା-*ଉପାଧି* (ବାହାରୁ ଆସୁଥିବା ଦୁଃଖ) ହୁଏ । ଅନ୍ୟ ଏକ ବ୍ୟକ୍ତିର ହଜିଯାଏ ତେବେ ସେ କହିବ, 'ଏହା କର୍ମର ଉଦୟ ହୋଇଥିବ ତେଣୁ ଏପରି ହୋଇଗଲା ।' ଅର୍ଥାତ ଯଦି ଏପରି ଦୃଷ୍ଟି ଥିବ ତେବେ ସମାଧାନ ଆଣିପାରେ, ନହେଲେ କ୍ଳେଶ ହୋଇଯାଏ । ପୂର୍ବଜନ୍ମର କର୍ମରେ କ୍ଳେଶ ନଥାଏ । କ୍ଳେଶ ତ ଆଜିର ଅଜ୍ଞାନତାର ଫଳ ଅଟେ ।

କିଛି ଲୋକଙ୍କର ଦୁଇ ହଜାର ଚାଲିଯାଏ ତେବେ ମଧ୍ୟ କିଛି ପ୍ରଭାବ ପଡ଼େ ନାହିଁ, ଏପରି ହୁଏ କି ନାହିଁ ? କୌଣସି ଦୁଃଖ ଉଦୟକର୍ମର ଅଧୀନ ହୋଇ ନଥାଏ । ସବୁ ଦୁଃଖ ନିଜ ଅଜ୍ଞାନତାର ପରିଣାମ ଅଟେ ।

ବୀମା କରାଇ ନଥିବେ ଏବଂ ଯଦି ଗୋଡାଉନ୍ ଜଳିଯାଏ ତେବେ କିଛି ଲୋକ ସେହି ସମୟରେ ଶାନ୍ତ ରହିପାରନ୍ତି, ଭିତରେ ମଧ୍ୟ ଶାନ୍ତ ରହି ପାରନ୍ତି, ବାହାରେ ଏବଂ ଭିତରେ ଉଭୟ ରୂପେ, ଆଉ କିଛି ଲୋକ ତ ଭିତରେ ଦୁଃଖ ଏବଂ ବାହାରେ ମଧ୍ୟ ଦୁଃଖ ଦେଖାନ୍ତି । ସେ ସବୁ ଅଜ୍ଞାନତା, ବୁଝିବାଶକ୍ତିର ଅଭାବ ଅଟେ । ସେ ଗୋଡାଉନ୍ ତ ଜଳିବାର ହିଁ ଥିଲା । ଏଥିରେ ନୂଆ କିଛି ବି ନାହିଁ । ପୁଣି ତୁ ମୁଣ୍ଡ ପିଟି ମରିଯିବୁ ତେବେ ମଧ୍ୟ ସେଥିରେ ପରିବର୍ତ୍ତନ ହେବାର ନାହିଁ ।

**ପ୍ରଶ୍ନକର୍ତ୍ତା :** କୌଣସି ବି ଜିନିଷର ପରିଣାମକୁ ଭଲ ରୂପରେ ସ୍ୱୀକାର କରିବା ଉଚିତ ?

**ଦାଦାଶ୍ରୀ :** ହଁ, ପଜିଟିଭ୍ ନେବ, କିନ୍ତୁ ଯଦି ଜ୍ଞାନ ଥିବ ତେବେ ସେ ପଜିଟିଭ୍ ନିଏ ନହେଲେ ପୁଣି ବୁଦ୍ଧି ତ ନେଗେଟିଭ୍ ହିଁ ଦେଖାଏ । ଏହି ପୁରା ଜଗତ ଦୁଃଖୀ ଅଟେ । ମାଛ ଯେପରି ଛଟପଟ ହୁଏ ସେପରି ଛଟପଟ ହେଉଛନ୍ତି । ଏହାକୁ ଜୀବନ କିପରି କୁହାଯିବ ? ବୁଝିବାର ଆବଶ୍ୟକତା ଅଛି, ଜୀବନ ଜୀଇଁବାର କଳା ଜାଣିବାର ଆବଶ୍ୟକତା ଅଛି । ସମସ୍ତଙ୍କ ପାଇଁ କେଉଁଠି ମୋକ୍ଷ ନୁହେଁ, କିନ୍ତୁ ଜୀବନ ଜୀଇଁବାର କଳା, ତାହା ତ ଥିବା ଦରକାର ନା !

## ଅମଙ୍ଗଳ ପତ୍ର, ପୋଷ୍ଟମ୍ୟାନ୍‌ର କି ଦୋଷ ?

ଏହି ଦୁନିଆରେ ସବୁ ଦୁଃଖର କାରଣ ହେଉଛି ବୁଝିବାଶକ୍ତିର ଅଭାବ ! ନିଜେ ହିଁ ସୃଷ୍ଟି କରିଛି ସବୁ, ନ ଦେଖାଯିବା କାରଣରୁ ! ଯେବେ ଜଳିଯାଏ ସେତେବେଳେ ଯଦି ପଚାରିବା ଯେ ଭାଇ, ତୁମେ କିପରି ଜଳିଗଲ ? ତେବେ କୁହେ, 'ଭୁଲରେ ଜଳିଗଲି,

କ'ଣ ଜାଣି-ଶୁଣି ଜଳିବି ?' ସେହିପରି ଏହି ସବୁ ଦୁଃଖ ଭୁଲ କାରଣରୁ ଅଟେ । ସବୁ ଦୁଃଖ ନିଜ ଭୁଲର ପରିଣାମ ଅଟେ । ଭୁଲ ଯଦି ଚାଲିଯିବ ତେବେ (ଦୁଃଖ) ସମାପ୍ତ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** ଗାଢ଼ କର୍ମ ଅଛି, ସେହି କାରଣରୁ ଆମକୁ ଦୁଃଖ ଭୋଗିବାକୁ ପଡୁଛି ?

**ଦାଦାଶ୍ରୀ :** ନିଜଦ୍ୱାରା ହିଁ କରାଯାଇଥିବା କର୍ମ ଅଟେ, ଏଣୁ ନିଜର ହିଁ ଭୁଲ । ଅନ୍ୟ କାହାର ଦୋଷ ଏହି ଜଗତରେ ଆଦୌ ନାହିଁ । ଅନ୍ୟମାନେ ତ କେବଳ *ନିମିତ୍ତ* ଅଟନ୍ତି । ଦୁଃଖ ତୁମର ଅଟେ ଏବଂ ସାମନାବାଲା *ନିମିତ୍ତ* ହାତରେ ଦିଆ ଯାଉଛି । ବାପାଙ୍କ ମୃତ୍ୟୁର ଚିଠି ପୋଷ୍ଟମ୍ୟାନ୍ ଦେଇଯାଏ ତେବେ ସେଥିରେ ପୋଷ୍ଟମ୍ୟାନ୍‌ର କି ଦୋଷ ?

## ପୂର୍ବଜନ୍ମର ଋଣାନୁବନ୍ଧୀ

**ପ୍ରଶ୍ନକର୍ତ୍ତା :** ଆମର ଯେଉଁ ସମ୍ପର୍କୀୟ ଅଛନ୍ତି, ଅଥବା ସ୍ତ୍ରୀ ହେଉ, ପିଲାମାନେ ହୁଅନ୍ତୁ, ଆଜି ଆମର ଯେଉଁ ସମ୍ପର୍କୀୟ, ଋଣାନୁବନ୍ଧୀ ଅଟନ୍ତି, ସେମାନେ କ'ଣ ଏଥିପାଇଁ ମିଳନ୍ତି ଯେ ତାଙ୍କ ସହିତ ଆମର କୌଣସି ପୂର୍ବଜନ୍ମର କିଛି ସମ୍ବନ୍ଧ ଥାଏ ?

**ଦାଦାଶ୍ରୀ :** ଠିକ କଥା । ଋଣାନୁବନ୍ଧ ବିନା ତ କିଛି ବି ହୋଇପାରିବ ନାହିଁ ନା ! ସବୁ ହିସାବ ଅଟେ । ହୁଏତ ଆମେ ତାଙ୍କୁ ଦୁଃଖ ଦେଇଛେ ନହେଲେ ସେମାନେ ଆମକୁ ଦୁଃଖ ଦେଇଛନ୍ତି । ଉପକାର କରିଥିବା, ତେବେ ତାହାର ଫଳ ଏବେ ମିଠା ଆସିବ । ଦୁଃଖ ଦେଇଥିବା, ତାହାର ପିତା ଫଳ ଆସିବ ।

**ପ୍ରଶ୍ନକର୍ତ୍ତା :** ମାନିନିଅନ୍ତୁ ଯେ ଏବେ ମୋତେ କୌଣସି ବ୍ୟକ୍ତି ହଇରାଣ କରୁଛି ଏବଂ ମୋତେ ଦୁଃଖ ହେଉଛି, ତେବେ ଏ ଯେଉଁ ଦୁଃଖ ମୋତେ ହେଉଛି ତାହା ତ ମୋ ନିଜ କର୍ମର ହିଁ ଫଳ । କିନ୍ତୁ ସେହି ବ୍ୟକ୍ତି ହିଁ ମୋତେ ହଇରାଣ କରେ ତେବେ କ'ଣ ପୂର୍ବ ଜନ୍ମରେ ତା'ର ମୋ ସହିତ କିଛି ଏପରି ହିସାବ ବନ୍ଧା ହୋଇଥିବ ସେଥିପାଇଁ ସେ ହିଁ ମୋତେ ହଇରାଣ କରେ, ଏପରି କିଛି ଅଛି କି ?

**ଦାଦାଶ୍ରୀ :** ଅଛି ନା । ସବୁ ହିସାବ ଅଟେ । ଯେତିକି ହିସାବ ଥିବ ସେତିକି ସମୟ ପର୍ଯ୍ୟନ୍ତ ଦୁଃଖ ଦେବ । ଦୁଇଟି ହିସାବ ଥିବ ତେବେ ଦୁଇଥର ଦେବ, ତିନୋଟି

ହିସାବ ଥିବ ତେବେ ତିନିଥର ଦେବ । କ'ଣ ଲଙ୍କା ଦୁଃଖ ଦିଏ ନାହିଁ ?

**ପ୍ରଶ୍ନକର୍ତ୍ତା :** ଦିଏ ।

**ଦାଦାଶ୍ରୀ :** ମୁହଁରେ ଜଳନ ହୁଏ, ନୁହେଁ ? ସେହିପରି ଅଟେ ଏ ସବୁ । ନିଜେ ହଇରାଣ କରେ ନାହିଁ, *ପୁଦଗଲ୍* (ଯାହା ପୂରଣ ଏବଂ ଗଳନ ହୁଏ) ହଇରାଣ କରେ ଆଉ ଆମେ ମାନିନେଉ ଯେ ସେ ଏହା କରୁଛି । ତାହା ପୁଣି ଦୋଷ ଅଟେ । *ପୁଦଗଲ୍* ଦୁଃଖ ଦିଏ । ଲଙ୍କା ଦୁଃଖ ଦିଏ, ତେବେ ପୁଣି କାହା ମୁଣ୍ଡରେ ଲଦିଦିଏ ତାହାକୁ ? !

ଲଙ୍କା ଯଦି କେବେ ଦୁଃଖ ଦିଏ ତେବେ ସେଥିରୁ ଆମକୁ ବୁଝିଯିବାର ଅଛି ଯେ ଭାଇ ଏଥିରେ ଦୁଃଖୀ ହେବାବାଲାର ଦୋଷ ଅଟେ । ଲଙ୍କା ତ ନିଜ ସ୍ୱଭାବରେ ହିଁ ଅଛି ।

**ପ୍ରଶ୍ନକର୍ତ୍ତା :** ଆମେ ବି ଯଦି କାହାକୁ ହଇରାଣ କରୁ ଏବଂ ତା'କୁ ଦୁଃଖ ହୁଏ, ତେବେ କ'ଣ କରିବା ଉଚିତ ?

**ଦାଦାଶ୍ରୀ :** ଆମକୁ ପ୍ରତିକ୍ରମଣ କରିବାକୁ ପଡ଼ିବ । କପଡ଼ା ତ ସ୍ୱଚ୍ଛ ରଖିବାକୁ ପଡ଼ିବ ନା । କାହିଁକି ମଇଳା କରିବା ତାହା !

ଉତ୍ତମ ପ୍ରକାରର ବ୍ୟବହାର ଏପରି ହେବା ଉଚିତ ଯେପରି କାହାକୁ କିଞ୍ଚିତ ମାତ୍ର ବି ଦୁଃଖ ହେବ ନାହିଁ । ତ ଏବେ ଯେଉଁ ଦୁଃଖ ହେଉଛି, ତାହାର ଯଦି ପ୍ରତିକ୍ରମଣ କରିବା ତେବେ ଅନ୍ତିମ ଦଶା ଆସିବ ।

## କେହି କାହାର ଦୁଃଖ ନେଇ ପାରିବ ?

**ପ୍ରଶ୍ନକର୍ତ୍ତା :** ଜଣେ ମହାନ ସନ୍ଥ ଦୁଇବର୍ଷ ପୂର୍ବେ ଏକ ହସ୍ପିଟାଲ୍‌ରେ ବହୁତ ପୀଡ଼ା ଭୋଗୁଥିଲେ । ସେତେବେଳେ ମୁଁ ତାଙ୍କୁ ପ୍ରଶ୍ନ ପଚାରିଥିଲି ଯେ ଆପଣଙ୍କୁ ଏପରି କାହିଁକି ହେଉଛି ? ତେବେ ଏପରି କହିଲେ ଯେ ମୁଁ ବହୁତ ଲୋକଙ୍କ ଦୁଃଖ ନେଇ ଯାଇଛି । ସେଥିପାଇଁ ମୋତେ ଏସବୁ ହେଉଛି । କେହି ଏପରି କରି ପାରିବ ?

**ଦାଦାଶ୍ରୀ :** କେହି କାହାର ଦୁଃଖ ନେଇ ପାରିବ ନାହିଁ । ଏହା ତ ବାହାନା କଲେ, ସନ୍ଥ ରୂପେ ପୂଜନୀୟ ହୋଇ । ନିଜର ହିଁ କଜେଜ୍‌ର ଏହା ପରିଣାମ ଅଟେ । ଏହା ତ ବାହାନା ବନାନ୍ତି, ନିଜର ପ୍ରତିଷ୍ଠା ରଖିବା ପାଇଁ । ବଡ଼ ଦୁଃଖ ନେବାବାଲା ଜନ୍ମ ହେଲେ ! ପାଇଖାନା ଯିବାର ଶକ୍ତି ନାହିଁ, ସେ କି ଦୁଃଖ ନେଇଥାନ୍ତେ ! କେହି କାହାର କିପରି ନେଇ ପାରିବ ?

**ପ୍ରଶ୍ନକର୍ତ୍ତା :** ମୁଁ ମଧ୍ୟ ମାନେ ନାହିଁ । ଦୁଃଖ ନିଆଯାଇ ପାରିବ ହିଁ ନାହିଁ ।

**ଦାଦାଶ୍ରୀ :** ନା, ନା ! ଏହା ତ ଲୋକଙ୍କୁ ମୂର୍ଖ ବନାଉଛନ୍ତି । କେହି ନେଇ ପାରିବ ହିଁ ନାହିଁ । ଅର୍ଥାତ ଏସବୁ ତ ବାହାନା ବନାନ୍ତି ! ପରେ ଲୋକ ପୂଜା କରନ୍ତି ! ମୁଁ ତ ମୁହଁରେ କହିଦେବି ଯେ ଆପଣ ନିଜର ଦୁଃଖ ଭୋଗୁଛନ୍ତି । କ'ଣ ଦେଖିକି ଏପରି କହୁଛନ୍ତି ? ବଡ଼ ଦୁଃଖ ନେବାବାଲା ଆସିଲେ ।

**ପ୍ରଶ୍ନକର୍ତ୍ତା :** ଦୁଃଖ ଦେଇ ତ ହେବ ନା ?

**ଦାଦାଶ୍ରୀ :** ସେ ଦୁଃଖ ନେଇ ପାରିବ ନାହିଁ ଏବଂ ଯେ କେହି ଆମକୁ ଦୁଃଖ ଦେଇ ପାରୁଛି, ତାହା ତ ଆମର ଇଫେକ୍ଟ ଅଟେ । ଦେଇ ପାରୁଛି ତାହା ମଧ୍ୟ ଇଫେକ୍ଟ ଅଟେ ଏବଂ ନେଇ ପାରୁଛି ତାହା ମଧ୍ୟ ଇଫେକ୍ଟ ଅଟେ । ଇଫେକ୍ଟ ମାନେ ଇଟ୍ ହାପେନ୍ସ(ଆପେ ଆପେ ହୁଏ) । କେହି କର୍ତ୍ତା ନୁହେଁ !

## ଭୟାନକ ଯନ୍ତ୍ରଣା, ପାପକର୍ମରୁ

**ପ୍ରଶ୍ନକର୍ତ୍ତା :** ଯେବେ କୌଣସି ରୋଗ କାରଣରୁ ମୃତ୍ୟୁ ହୁଏ, ସେତେବେଳେ ଲୋକେ ଏପରି କୁହନ୍ତି ଯେ ପୂର୍ବଜନ୍ମର କୌଣସି ପାପ ବାଧା ଦେଉଛି । ଏହି କଥା କ'ଣ ସତ ?

**ଦାଦାଶ୍ରୀ :** ହଁ, ପାପ କାରଣରୁ ରୋଗ ହୁଏ ଆଉ ଯଦି ପାପ ନଥାନ୍ତା, ତେବେ ରୋଗ ହୁଅନ୍ତା ନାହିଁ । ତୁମେ କେଉଁ ରୋଗୀକୁ ଦେଖିଛ ?

**ପ୍ରଶ୍ନକର୍ତ୍ତା :** ମୋ ମା' ଏବେ ଦୁଇ ମାସ ପୂର୍ବେ କ୍ୟାନ୍ସର୍ କାରଣରୁ ଚାଲିଗଲେ ।

**ଦାଦାଶ୍ରୀ :** ତାହା ତ ସବୁ ପାପକର୍ମର ଉଦୟରୁ ହୁଏ । ପାପକର୍ମର ଉଦୟ ହୁଏ ତେବେ କ୍ୟାନ୍ସର୍ ହୁଏ । ଏସବୁ ହାର୍ଟ ଆଟାକ୍ ଇତ୍ୟାଦି ପାପକର୍ମରୁ ହୁଏ । ନିରୋଳା ପାପ ହିଁ ବାନ୍ଧିଛନ୍ତି, ଏହି କାଳର ଜୀବଙ୍କ ଧନ୍ଦା ହିଁ ଏହା, ଦିନସାରା ପାପକର୍ମ ହିଁ କରୁଥାନ୍ତି । *ଭାନ୍* (ହୋସ୍) ନାହିଁ ସେଥିପାଇଁ । ଯଦି *ଭାନ୍* ଥାଆନ୍ତା ତେବେ ଏପରି କରନ୍ତେ ନାହିଁ !

**ପ୍ରଶ୍ନକର୍ତ୍ତା :** ସେ ପୁରା ଜୀବନ ଭକ୍ତି କରିଥିଲେ, ତେବେ ତାଙ୍କୁ କ୍ୟାନ୍ସର୍ କାହିଁକି ହେଲା ?

**ଦାଦାଶ୍ରୀ :** ଭକ୍ତି କରିଛନ୍ତି, ତାହାର ଫଳ ତ ପରେ ଆସିବ । ଆସନ୍ତା ଜନ୍ମରେ ମିଳିବ । ଏହା ପୂର୍ବ ଜନ୍ମର ଫଳ ଆଜି ମିଳିଛି ଆଉ ଯଦି ଆଜି ତୁମେ ଭଲ ଗହମ ବୁଣୁଛ, ତେବେ ଆସନ୍ତା ଜନ୍ମରେ ତୁମକୁ ଗହମ ମିଳିବ ।

**ପ୍ରଶ୍ନକର୍ତ୍ତା :** କର୍ମ କାରଣରୁ ରୋଗ ହେଉଛି, ତେବେ ଔଷଧ ଦ୍ୱାରା କିପରି ଭଲ ହେଉଛି ?

**ଦାଦାଶ୍ରୀ :** ହଁ । ସେହି ରୋଗରେ ସେ ପାପ ହିଁ କରିଛନ୍ତି ନା, ସେହି ପାପ ନବୁଝି କରିଥିଲେ, ସେଥିପାଇଁ ଔଷଧରୁ ସାହାଯ୍ୟ ମିଳିଯାଏ ଏବଂ ହେଲ୍ପ ହୋଇଯାଏ । ଜାଣି-ଶୁଣି ଯଦି କରାଯାଇଥିବ ତେବେ ତାଙ୍କୁ ଔଷଧ-ଫୌଷଧ କିଛି ମିଳେ ନାହିଁ । ଔଷଧ ମିଳେ ହିଁ ନାହିଁ । ନବୁଝି କରିଥିବା ଲୋକ ଅଟନ୍ତି, ବିଚରା ! ନବୁଝି କରିଥିବା ପାପ ଛାଡ଼େ ନାହିଁ ଏବଂ ଜାଣି-ଶୁଣି କରିବା ବାଲାକୁ ମଧ୍ୟ ଛାଡ଼େ ନାହିଁ । କିନ୍ତୁ ନବୁଝି କରିଥିବା ବାଲାକୁ କିଛି ସାହାଯ୍ୟ ମିଳିଯାଏ ଆଉ ଜାଣି-ଶୁଣି କରିବା ବାଲାକୁ ମିଳେ ନାହିଁ ।

## ତାହା ଅଟେ ଅନ୍ୟଙ୍କୁ ହଇରାଣ କରିବାର ପରିଣାମ

**ପ୍ରଶ୍ନକର୍ତ୍ତା :** ଆମେ ଯେଉଁ ଶରୀରର ସୁଖ-ଦୁଃଖ ଭୋଗୁଅଛୁ, ତାହା ବ୍ୟାଧି ହେଉ ବା ପଛେ କିଛି ବି ହେଉ, ତାହା ପୂର୍ବର କେଉଁ ପ୍ରକାର କର୍ମର ପରିଣାମ ଅଟେ ?

**ଦାଦାଶ୍ରୀ :** ଏଥିରେ ତ ଏପରି ଅଟେ, କିଛି ଲୋକ ଖେଳ ଖେଳରେ ବିରାଡ଼ିକୁ ମାରି ଦିଅନ୍ତି, କୁକୁରକୁ ମାରି ଦିଅନ୍ତି, ସେମାନଙ୍କୁ ଦୁଃଖ ଦିଅନ୍ତି, ହଇରାଣ କରନ୍ତି । ସେମାନେ ଯେବେ ଦୁଃଖ ଦିଅନ୍ତି, ସେହି ସମୟରେ ନିଜକୁ ଭାନ୍(ହୋସ୍) ନ ଥାଏ ଯେ ଏହାର ପରିଣାମ କ'ଣ ଆସିବ ? ଛୋଟ ଥିଲାବେଳେ ବିରାଡ଼ିର ଛୁଆକୁ ମାରି ଦିଅନ୍ତି, କୁକୁରର ଛୁଆ ମାରି ଦିଅନ୍ତି ଆଉ ପୁଣି ଏ ଡକ୍ଟର ବେଙ୍ଗ କାଟନ୍ତି, ତେବେ ତା'ର ପ୍ରତିସ୍ପନ୍ଦନ ତାଙ୍କ ଶରୀର ଉପରେ ପଡ଼ିବ । ଯାହା ତୁମେ କରୁଅଛ, ତାହାର ହିଁ ପ୍ରତିସ୍ପନ୍ଦନ ଆସିବ । ପ୍ରତିସ୍ପନ୍ଦନ ଅଟେ ଏସବୁ ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ କାହା ଶରୀର ସହ ଖେଳିଥିଲେ ତାହାର ପ୍ରତିସ୍ପନ୍ଦନ ଆସେ ?

**ଦାଦାଶ୍ରୀ :** ହଁ, ତାହା ହିଁ । କୌଣସି ଜୀବକୁ କିଞ୍ଚିତ ମାତ୍ର ବି ଯଦି ଦୁଃଖ ଦେବ ତେବେ ତାହା ତୁମ ଶରୀର ଉପରେ ହିଁ ଆସିବ ।

**ପ୍ରଶ୍ନକର୍ତ୍ତା :** ସେ ଏସବୁ ଯେବେ କରିଥିବ, ଜୀବଙ୍କୁ ଚିରିଥିବ ତେବେ ସେହି ସମୟରେ ସେ ଅଜ୍ଞାନ ଦଶାରେ ଥାଏ ନା! ତା'କୁ ଏପରି ବୈରଭାବ ବି ହୁଏ ନାହିଁ, ତଥାପି ତା'କୁ ଭୋଗିବାକୁ ପଡ଼ିବ ?

**ଦାଦାଶ୍ରୀ :** ଭୁଲରେ ଅଜ୍ଞାନ ଦଶାରେ ଯଦି ଅଙ୍ଗାରରେ ହାତ ପଡ଼େ, ତେବେ ଅଙ୍ଗାର ନିଶ୍ଚିତ ଫଳ ଦିଏ। ଅର୍ଥାତ କେହି ଛାଡ଼େ ନାହିଁ। ଅଜ୍ଞାନ ଅଥବା ସଜ୍ଞାନ, ଅଜାଣତରେ ଅଥବା ଜାଣି-ଶୁଣି, ଭୋଗିବାର ରୀତି ଅଲଗା ହୁଏ, କିନ୍ତୁ କିଛି ଛାଡ଼େ ନାହିଁ! ଏସବୁ ଲୋକମାନେ ଦୁଃଖ ଭୋଗୁଛନ୍ତି, ତାହା ତାଙ୍କ ନିଜର ହିଁ ହିସାବ ଅଟେ ସବୁ। ସେଥିପାଇଁ ଭଗବାନ କହିଛନ୍ତି ଯେ ମନ-ବଚନ-କାୟାରୁ ଅହିଂସାର ପାଳନ କର। ଏପରି କର ଯେପରି କୌଣସି ଜୀବକୁ କିଞ୍ଚିତ ମାତ୍ର ଦୁଃଖ ନହେଉ, ଯଦି ତୁମକୁ ସୁଖୀ ହେବାର ଅଛି ତେବେ!

**ପ୍ରଶ୍ନକର୍ତ୍ତା :** କୌଣସି ମହାତ୍ମାଙ୍କୁ ଡକ୍ଟର ହେବା ଉଚିତ ନୁହେଁ?

**ଦାଦାଶ୍ରୀ :** ହେବା ଉଚିତ କି ନ ହେବା ଉଚିତ, ତାହା ଡିଫରେଣ୍ଟ୍ ମ୍ୟାଟର୍ ଅଟେ। ତାହା ତ ତା'ର ପ୍ରକୃତି ଅନୁସାରେ ହୋଇ ଚାଲିବ। କିନ୍ତୁ, ମନରେ ଭାବ ଏପରି ହେବା ଉଚିତ। ଅର୍ଥାତ ସେ ଡାକ୍ତର ଲାଇନ୍‌ରେ ଯାଇ ପାରିବ ହିଁ ନାହିଁ ପରେ। ଯାହାର ଏପରି ଭାବ ଅଛି ଯେ କାହାକୁ କିଞ୍ଚିତ ମାତ୍ର ଦୁଃଖ ନହେଉ, ସେ ସେଠାରେ କାହିଁକି ବେଙ୍ଗ ମାରିବ ?

**ପ୍ରଶ୍ନକର୍ତ୍ତା :** ଅନ୍ୟ ପଟେ ଡାକ୍ତରୀ ଶିଖି ହଜାର-ହଜାର ଲୋକଙ୍କ ଯନ୍ତ୍ରଣା ଦୂର କରି ଫାଇଦା ବି କରେ ନା ?

**ଦାଦାଶ୍ରୀ :** ତାହା ଦୁନିଆର ବ୍ୟବହାର ଅଟେ। ତାହାକୁ ଫାଇଦା କୁହାଯାଏ ନାହିଁ।

## ଧୀମା ମସ୍ତିଷ୍କବାଲାର କର୍ମବନ୍ଧନ କିପରି ?

**ପ୍ରଶ୍ନକର୍ତ୍ତା :** ଯିଏ ଭଲ ବ୍ୟକ୍ତି ହୋଇଥାଏ, ତା'କୁ ତ ନାନା ପ୍ରକାର ବିଚାର ଆସେ, ଏକ ମିନିଟରେ କେତେ ସାରା ବିଚାର କରି ଦିଏ। କର୍ମ ବାନ୍ଧିଦିଏ ଆଉ ଧୀମା ମସ୍ତିଷ୍କବାଲା ତ ବୁଝିପାରେ ନାହିଁ କିଛି, ଏଣୁ ତା'କୁ ତ ଏପରି କିଛି ହୁଏ ହିଁ ନାହିଁ, ନିର୍ଦ୍ଦୋଷ ଅଟେ ନା!

**ଦାଦାଶ୍ରୀ :** ସେ ବୁଝିବାବାଲା ବୁଝିବାର କର୍ମ ବାନ୍ଧେ ଏବଂ ନ ବୁଝୁଥିବା ବ୍ୟକ୍ତି ନ ବୁଝିବାର କର୍ମ ବାନ୍ଧେ । କିନ୍ତୁ ନ ବୁଝୁଥିବା ଲୋକଙ୍କ କର୍ମ ବହୁତ ମୋଟା ହୋଇଥାଏ ଏବଂ ବୁଝିବା ବାଲା ତ ବିବେକ ସହିତ ଏପରି ବାନ୍ଧନ୍ତି । ନ ବୁଝୁଥିବା ବ୍ୟକ୍ତିର କର୍ମ ସବୁ ଜଙ୍ଗଲୀ ପରି ହୋଇଥାଏ, ପଶୁ ପରି, ତା'କୁ ତ ବୁଝା ପଡ଼େ ହିଁ ନାହିଁ, *ଭାନ୍* ହିଁ ନାହିଁ, ସେ ତ କାହାକୁ ଦେଖୁ ଦେଖୁ ପଥର ମାରିବା ପାଇଁ ପ୍ରସ୍ତୁତ ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** କ'ଣ ଆମକୁ ଏପରି ଲୋକଙ୍କ ଉପରେ ଦୟା ରଖିବା ଉଚିତ ନୁହେଁ ?

**ଦାଦାଶ୍ରୀ :** ରଖିବା ହିଁ ଉଚିତ । ଯିଏ ଅଳ୍ପ ବୁଝୁଥିବ, ତା' ପ୍ରତି ଦୟା ଭାବ ରଖିବା ଉଚିତ । ତା'କୁ କିଛି ହେଲ୍ପ କରିବା ଉଚିତ । ମସ୍ତିଷ୍କ ଖରାପ ଯୋଗୁଁ ବିଚରା ଏପରି ଅଟେ, ସେଥିରେ ପୁଣି ତା'ର କି ଦୋଷ ? ସେ ପଥର ମାରିଯାଏ, ତଥାପି ଆମେ ତା' ସହିତ ବୈର ରଖି ନ ଥାଉ, ତା' ଉପରେ କରୁଣା ରଖିବା ଉଚିତ ।

## ଧନୀ-ଗରିବ କେଉଁ କର୍ମରୁ ?

ଯାହା ହେଉଛି, ତାହା ହିଁ ନ୍ୟାୟ ଯଦି ସ୍ୱୀକାର କରାଯାଏ ତେବେ କଲ୍ୟାଣ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** ତେବେ ଦାଦା, ଆପଣଙ୍କୁ ଲାଗୁନାହିଁ ଯେ, କୌଣସି ଦୁଇ ଲୋକ ଥିବେ, ସେମାନଙ୍କ ମଧ୍ୟରୁ ଜଣେ ଦେଖୁଥାଏ ଯେ 'ଏହି ବ୍ୟକ୍ତି ଏତେ ଖରାପ ଅଟେ, ତଥାପି ଏତେ ଭଲ ସ୍ଥିତିରେ ଅଛି ଆଉ ମୁଁ ଏତେ ଧର୍ମପରାୟଣ, ତଥାପି ଏପରି ଦୁଃଖୀ ଅଟେ', ତେବେ ତା' ମନ ଧର୍ମରୁ ହଟିଯିବ ନାହିଁ ?

**ଦାଦାଶ୍ରୀ :** ଏପରି ଅଟେ, ଏହା ଯେଉଁ ଦୁଃଖୀ ଅଛି ସେପରି ସବୁ ଧର୍ମପରାୟଣ ବାଲା ଦୁଃଖୀ ହୋଇ ନଥାନ୍ତି । ଶହେରୁ ପାଞ୍ଚ ପ୍ରତିଶତ ସୁଖୀ ବି ଥାଆନ୍ତି ।

ଆଜି ଯେଉଁ ଦୁଃଖ ଆସିଛି, ତାହା ନିଜ କର୍ମର ହିଁ ପରିଣାମ ଅଟେ । ଆଜି ସେ ଯେଉଁ ସୁଖୀ ହୋଇଛି, ଆଜି ତା'ପାଖରେ ପଇସା ଅଛି ଏବଂ ସେ ସୁଖ ଭୋଗୁଛି ତେବେ ତାହା ତା' କର୍ମର ପରିଣାମ ଅଟେ । ଆଉ ଏବେ ଯେଉଁ ଖରାପ କରୁଛି ତାହାର ଯେବେ ପରିଣାମ ଆସିବ, ସେତେବେଳେ ସେ ଭୋଗିବ । ଆମେ ଏବେ ଯେଉଁ ଭଲ କରୁଛେ, ଯେବେ ଆମକୁ ତାହାର ପରିଣାମ ମିଳିବ, ସେତେବେଳେ ଭୋଗିବା ।

**ପ୍ରଶ୍ନକର୍ତ୍ତା :** ଦାଦା, ଆପଣଙ୍କର ଏହି କଥା ସତ୍ୟ ଅଟେ । କିନ୍ତୁ ଯଦି ବ୍ୟବହାରିକ ଦୃଷ୍ଟିରୁ ଦେଖାଯାଏ ତେବେ ଏକ ବ୍ୟକ୍ତି ଝୁମ୍ପୁଡ଼ି ଘରେ ରହୁଥାଏ, ଭୋକିଲା ଥାଏ, ଶୋସିଲା ଥାଏ । ସାମନାରେ ମହଲରେ ଏକ ବ୍ୟକ୍ତି ରହୁଥିବ । ଝୁମ୍ପୁଡ଼ିବାଲା ଦେଖୁଥାଏ ଯେ 'ମୋର ଏହା କିଭଳି ଦଶା । ମୁଁ ତ ଏତେ ସତ୍ୟନିଷ୍ଠ । ଚାକିରୀ କରୁଛି, ତଥାପି ମୋ ପିଲାଙ୍କୁ ଖାଇବାକୁ ମିଳୁ ନାହିଁ । ଯେବେକି ଏହି ବ୍ୟକ୍ତି ତ ଏତେ ସବୁ ଓଲଟା କରୁଛି, ତଥାପି ସେ ମହଲରେ ରହୁଛି ।' ତେବେ ତା'କୁ ରାଗ ଆସିବ ନାହିଁ ? ସେ ସ୍ଥିରତା କିପରି ରଖିପାରିବ ?

**ଦାଦାଶ୍ରୀ :** ଏବେ ଯେଉଁ ଦୁଃଖ ଭୋଗୁଛି, ତାହା ପୂର୍ବରେ ଦେଇଥିବା ପରୀକ୍ଷାର ପରିଣାମ ଆସୁଛି ଆଉ ସେ ମହଲବାଲା ମଧ୍ୟ ପରୀକ୍ଷା ଦେଇଛି, ତାହାର ଏହି ପରିଣାମ ଆସିଛି । ପାସ୍ ହୋଇଛି ଏବଂ ଏବେ ପୁଣି ଫେଲ୍ ହେବାର ଲକ୍ଷଣ ଉତ୍ପନ୍ନ ହେଉଛି ତା'ର । ଆଉ ଏହି ଗରିବର ପାସ୍ ହେବାର ଲକ୍ଷଣ ଉତ୍ପନ୍ନ ହେଉଛି ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଯେପର୍ଯ୍ୟନ୍ତ ସେହି ଗରିବ ବ୍ୟକ୍ତିର ନିଜର ମାନସିକ ସ୍ଥିତି ପରିପକ୍ୱ ନ ହୋଇଛି, ସେପର୍ଯ୍ୟନ୍ତ ସେ କିପରି ବୁଝି ପାରିବ ?

**ଦାଦାଶ୍ରୀ :** ତା'କୁ ଏହା ସ୍ୱୀକାର ହୁଏ ନାହିଁ । ସେଥିପାଇଁ ଓଲଟା ଆହୁରି ଅଧିକ ପାପ ବାନ୍ଧେ । ତା'କୁ ଏହା ବୁଝିବା ହିଁ ଉଚିତ ଯେ ମୋ କର୍ମର ହିଁ ପରିଣାମ ଅଟେ ।

## କରିବା ଭଲ ଏବଂ ଫଳ ଖରାପ

**ପ୍ରଶ୍ନକର୍ତ୍ତା :** ଆମେ ଭଲ କରୁଛୁ କିନ୍ତୁ ତାହାର ଫଳ ଭଲ ମିଳୁ ନାହିଁ । ତାହାର ଅର୍ଥ ଏପରି ହେଲା ଯେ ପୂର୍ବଜନ୍ମର କିଛି ଖରାପ କର୍ମ ଥିବ ଯାହା ତାହାକୁ କ୍ୟାନ୍ସେଲ୍ କରି ଦିଅନ୍ତି ।

**ଦାଦାଶ୍ରୀ :** ହଁ, କରି ଦିଅନ୍ତି । ଆମେ ଯବ(ଏକ ପ୍ରକାରର ଶସ୍ୟ) ତ ବୁଣିଲେ ଏବଂ ତାହା ବଡ଼ ମଧ୍ୟ ହୋଇଗଲା, କିନ୍ତୁ ଯଦି ପୂର୍ବଜନ୍ମର ନିଜର ଖରାପ କର୍ମର ଉଦୟ ହେବ ତେବେ ଶେଷ ବର୍ଷା ହୁଏ ନାହିଁ, ସେତେବେଳେ ସବୁ ଫସଲ ସୁଖିଯାଏ, ଆଉ ଯଦି ପୁଣ୍ୟ ଜୋର କରେ ତେବେ ପ୍ରସ୍ତୁତ ହୋଇଯାଏ, ନହେଲେ ହାତକୁ ଆସିଥିବା ଜିନିଷ ମଧ୍ୟ ଚାଲିଯାଏ । ଏଣୁ ଭଲ କର୍ମ କର, ନହେଲେ ମୁକ୍ତି ଖୋଜ । ଦୁଇଟିରୁ ଗୋଟିଏ ରାସ୍ତା ଧର ! ଏହି ଦୁନିଆରୁ ଖସି ପଳାଇବାର ରାସ୍ତା ଖୋଜ, ନହେଲେ ପୁଣି

ସଦା-ସର୍ବଦା ଭଲ କର୍ମ କର । କିନ୍ତୁ ସର୍ବଦା ଭଲ କର୍ମ ହୋଇ ପାରିବ ନାହିଁ ମନୁଷ୍ୟ ଦ୍ୱାରା, ଓଲଟା-ରାସ୍ତାରେ ଚଢ଼ି ହିଁ ଯାଏ । କୁସଙ୍ଗ ମିଳି ଚାଲିଥାଏ ।

**ପ୍ରଶ୍ନକର୍ତ୍ତା :** ଶୁଭ କର୍ମ ଏବଂ ଅଶୁଭ କର୍ମ ଚିହ୍ନିବାର ଥର୍ମୋମିଟର କ'ଣ ?

**ଦାଦାଶ୍ରୀ :** ଯେବେ ଶୁଭ କର୍ମ ଆସେ ସେତେବେଳେ ଆମକୁ ଆନନ୍ଦ ଲାଗେ, ଶାନ୍ତି ଲାଗେ, ବାତାବରଣ ଶାନ୍ତ ଲାଗେ ଆଉ ଯେବେ ଅଶୁଭ କର୍ମ ଆସେ ସେତେବେଳେ ତିକ୍ତତା ଉତ୍ପନ୍ନ ହୁଏ, ମନ ଅଶାନ୍ତିରେ ରହେ । ଅଯୁକ୍ତ କର୍ମ (ନିଆଁରେ) ତତାଏ ଏବଂ ଯୁକ୍ତ କର୍ମ ହୃଦୟକୁ ଆନନ୍ଦ ଦିଏ ।

## ମୃତ୍ୟୁପରେ ସାଥିରେ କ'ଣ ଯାଏ ?

**ପ୍ରଶ୍ନକର୍ତ୍ତା :** ଯେଉଁ ଶୁଭ ଏବଂ ଅଶୁଭ କର୍ମ ଅଛି, ତାହାର ଯେଉଁ ପରିଣାମ, ଏବେ ସେ ଅଲଗା ଯେଉଁ ଯୋନିରେ ଯାଏ, ସେଠାରେ ତା'କୁ ତାହା ଭୋଗିବାକୁ ପଡ଼େ ନା ?

**ଦାଦାଶ୍ରୀ :** ସେଠାରେ ଭୋଗିବାକୁ ହିଁ ପଡ଼େ । ଯେତେବେଳେ ମୃତ୍ୟୁ ହୁଏ, ସେତେବେଳେ ଏଠାରୁ ମୂଳ ଶୁଦ୍ଧାତ୍ମା ଯାଏ । ତାହା ସହିତ ସାରା ଜୀବନ ଯେଉଁ ଶୁଭାଶୁଭ କର୍ମ କଲେ, ତାହା ଯୋଜନା ରୂପେ, ଯାହାକୁ କାରଣ ଶରୀର ଅର୍ଥାତ କଜାଲ୍ ବଡୀ(causal body) କୁହାଯାଏ, ପୁଣି ସୂକ୍ଷ୍ମ ବଡୀ ଅର୍ଥାତ ଇଲେକ୍ଟ୍ରିକଲ୍ ବଡୀ, ଏ ସବୁ ସାଥିରେ ଯିବ । ଆଉ କିଛି ଯାଏ ନାହିଁ ।

**ପ୍ରଶ୍ନକର୍ତ୍ତା :** ମନୁଷ୍ୟ ଜନ୍ମ ଯେଉଁ ମିଳେ, ତାହା ବାରମ୍ବାର ମିଳେ ନା ପୁଣି କିଛି ସମୟ ପାଇଁ ମନୁଷ୍ୟରେ ଆସି ତା'କୁ ପୁଣିଥରେ ଅଲଗା ଯୋନିରେ ଯିବାକୁ ପଡ଼େ ?

**ଦାଦାଶ୍ରୀ :** ସବୁ ଯୋନିକୁ ଏହିଠାରୁ ଯାଆନ୍ତି । ଏବେ ପାଖାପାଖି ସତୁରୀ ପ୍ରତିଶତ ଲୋକ ଚାରି ଗୋଡ଼ରେ (ପଶୁଗତି) ଯିବେ । ଏଠାରୁ ସତୁରୀ ପ୍ରତିଶତ ! ଏବଂ ଜନସଂଖ୍ୟା ତୀବ୍ରତାର ସହ ସମାପ୍ତ ହୋଇଯିବ ।

ଅର୍ଥାତ ମନୁଷ୍ୟରୁ ପଶୁ ବି ହୋଇପାରେ, ଦେବତା ହୋଇପାରେ, ନର୍କଗତି ହୋଇପାରେ ଏବଂ ପୁଣି ମନୁଷ୍ୟ ବି ହୋଇପାରେ । ଯେଉଁ-ଯେଉଁ ପ୍ରକାର କର୍ମ କରିଥିବ, ସେହି ସେହି ଯୋନିରେ ଯାଏ । କ'ଣ ଲୋକେ ପାଶବତାର ଯୋଗ୍ୟ କର୍ମ କରୁଛନ୍ତି ଏବେ ?

**ପ୍ରଶ୍ନକର୍ତ୍ତା :** ଏବେ ତ ବହୁତ ଲୋକ ପାଶବତାର ହିଁ କର୍ମ କରୁଛନ୍ତି ନା!

**ଦାଦାଶ୍ରୀ :** ତେବେ ସେଠାକାର ଟିକଟ ଆସିଗଲା, ରିଜର୍ଭେଶନ୍ ହୋଇଗଲା। ଅର୍ଥାତ ଯଦି ଅପମିଶ୍ରଣ କରୁଥିବ, *ଅଣହକ୍କ* (ଅବୈଧ)ର ଖାଇ ଯାଉଥିବ, ଭୋଗି ନେଉଥିବ, ମିଛ କହୁଥିବ, ଚୋରି କରୁଥିବ, ସେ ସମସ୍ତଙ୍କର ଏବେ ନିନ୍ଦା କରିବାର ଅର୍ଥ ହିଁ କ'ଣ? ତାଙ୍କ ଟିକଟ ତାଙ୍କୁ ମିଳି ଗଲାଣି!

## ଚାରି ଗତିରେ *ଭଟକଣ*

**ପ୍ରଶ୍ନକର୍ତ୍ତା :** ମନୁଷ୍ୟ ନିଚ୍ଚ ଯୋନିରେ ଯାଇ ପାରିବ କି?

**ଦାଦାଶ୍ରୀ :** ମନୁଷ୍ୟରୁ ତ ପୁଣି ଦେବତାରେ, ସବୁଠୁ ବଡ଼ ଦେବତା ମଧ୍ୟ ହୋଇ ପାରିବ, ଏହି ଦୁନିଆରେ ଟପମୋଷ୍ଟ୍। ଆଉ ନିଚ୍ଚ ଯୋନି ଅର୍ଥାତ କିଭଳି ନିଚ୍ଚ ଯୋନି? ଘୃଣାଜନକ ଯୋନିରେ ଯାଏ। ଯାହାର ନାମ ଶୁଣିବା ମାତ୍ରେ ଘୃଣା ଲାଗେ।

ମନୁଷ୍ୟ, ମନୁଷ୍ୟ ଜନ୍ମରେ ହିଁ କର୍ମ ବାନ୍ଧି ପାରିବ। ବାକି ଅନ୍ୟ କୌଣସି ଯୋନିରେ କର୍ମ ବାନ୍ଧେ ନାହିଁ। ଅନ୍ୟ ସବୁ ଯୋନିରେ କର୍ମ ଭୋଗେ। ଆଉ ଏଠି ମନୁଷ୍ୟରେ କର୍ମ ବାନ୍ଧେ ମଧ୍ୟ ଏବଂ କର୍ମ ଭୋଗେ ମଧ୍ୟ, ଉଭୟ ହୁଏ। ପୂର୍ବକର୍ମ ଭୋଗି ଚାଲନ୍ତି ଏବଂ ନୂଆ ବାନ୍ଧନ୍ତି। ସେଥିପାଇଁ ଏଠାରୁ ଚାରି ଗତିରେ ଭଟକିବାର ଅଛି, ଏଠାରୁ ଯାଆନ୍ତି ଆଉ ଏ ଗାଇ-ମଇଁଷୀ, ଏସବୁ ପଶୁ-ପକ୍ଷୀ ଯେଉଁ ଦେଖାଯାଉଛନ୍ତି, ଏ ଦେବୀ-ଦେବତା, ସେମାନଙ୍କୁ କେବଳ କର୍ମ ଭୋଗିବାର ଅଛି, ସେମାନଙ୍କୁ କର୍ମ କରିବାର ଅଧିକାର ନାହିଁ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ପାଖାପାଖି ଦେଖିବାକୁ ଗଲେ ତ ମନୁଷ୍ୟର ଭଲ କର୍ମ ହେଉ ହିଁ ନାହିଁ ନା?

**ଦାଦାଶ୍ରୀ :** ଏହା ତ କଳିଯୁଗ ଅଟେ ଏବଂ ଦୁଷମକାଳ ଅଟେ, ସେଥିପାଇଁ ବହୁତ-କିଛି କର୍ମ ଖରାପ ହିଁ ହୁଏ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ ଏଠାରେ ଅଲଗା ନୂଆ କର୍ମ ବାନ୍ଧିବେ ନିଶ୍ଚିତ ନା?

**ଦାଦାଶ୍ରୀ :** ରାତି-ଦିନ ବାନ୍ଧି ହୋଇଚାଲିଛି। ପୁରୁଣା ଭୋଗିଚାଲେ ଏବଂ ନୂଆ ବାନ୍ଧିଚାଲେ।

**ପ୍ରଶ୍ନକର୍ତ୍ତା :** ତାହେଲେ ଏବେ ଏହାଠାରୁ ଭଲ ଅନ୍ୟ କୌଣସି ଜନ୍ମ ଅଛି କି ?

**ଦାଦାଶ୍ରୀ :** କେଉଁଠି ବି ନାହିଁ । ଏତିକି ହିଁ ଭଲ । ଅଲଗା ତ ଦୁଇ ପ୍ରକାରର ଜନ୍ମ ଅଟେ । ଏଠାରେ ଯଦି ଋଣ ହୋଇ ଯାଇଥିବ, ମାନେ ଖରାପ କର୍ମ ବାନ୍ଧି ହୋଇ ଯାଇଥିବ, ତାହା ଋଣ କୁହାଯାଏ । ତେବେ ପୁଣି ପଶୁଗତିରେ ଯିବାକୁ ପଡ଼େ, ଡେବିଟ୍(ଋଣ) ଭୋଗିବା ପାଇଁ ଆଉ ଯଦି ଡେବିଟ୍ ଅଧିକ ହୋଇଯାଇଥିବ ତେବେ ନର୍କଗତିରେ ଯିବାକୁ ପଡ଼େ । ସେଠାରେ ଋଣ ଭୋଗିସାରି ଫେରି ଆସିବାର ଅଛି, ଡେବିଟ୍ ଭୋଗିସାରି । ଏଠି ଭଲ କର୍ମ ଯଦି ହୋଇଥିବ, ତେବେ ବଡ଼, ଉଚ୍ଚ ଜାତିର ମନୁଷ୍ୟ ହୁଅନ୍ତି । ସେଠି ସାରା ଜୀବନ ସୁଖ ମିଳେ । ତାହା ଭୋଗିସାରିବା ପରେ ପୁଣି ଯେମିତି ଥିଲା ସେମିତିକୁ ସେମିତି, ନହେଲେ ପୁଣି ଦେବଗତିରେ ଯାଏ । କ୍ରେଡ଼ିଟ୍ର ସୁଖ ଭୋଗିବା ପାଇଁ । କିନ୍ତୁ କ୍ରେଡ଼ିଟ୍ ପୂରା ହୋଇଗଲା, ଲକ୍ଷେ ଟଙ୍କା ସରିଗଲା, ଖର୍ଚ୍ଚ ହୋଇଗଲା ତେବେ ପୁଣି ଏଇଠିକୁ ଏଇଠି !

**ପ୍ରଶ୍ନକର୍ତ୍ତା :** ଅନ୍ୟ ସବୁ ଜନ୍ମରୁ ଏହି ମନୁଷ୍ୟ ଜନ୍ମର ଆୟୁଷ ଅଧିକ ଅଟେ ନା ?

**ଦାଦାଶ୍ରୀ :** ନା, ଏପରି କିଛି ନାହିଁ । ଏହି ଦେବୀ-ଦେବତାମାନଙ୍କର ଆୟୁଷ ଲକ୍ଷ-ଲକ୍ଷ ବର୍ଷର ହୋଇଥାଏ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଦେବୀ-ଦେବତା ହେବା ପାଇଁ ତ ଏସବୁ କର୍ମ ପୂରା ହେବାପରେ ନମ୍ବର ଲାଗିବ ନା ?

**ଦାଦାଶ୍ରୀ :** ନା, ଏପରି କିଛି ନାହିଁ । ଯଦି କେହି ସୁପରହ୍ୟୁମାନ୍ ଥିବ ତେବେ ସେ ଦେବତା ହିଁ ହୁଏ । ନିଜ ସୁଖ ନିଜେ ଭୋଗେ ନାହିଁ ଏବଂ ଅନ୍ୟଙ୍କୁ ଦେଇଦିଏ, ସେ ସୁପରହ୍ୟୁମାନ୍ କୁହାଯାଏ । ସେ ଦେବଗତିରେ ଯାଏ !

**ପ୍ରଶ୍ନକର୍ତ୍ତା :** ନିଜକୁ ସୁଖ ନଥିବ, ତେବେ ପୁଣି ସେ ଅନ୍ୟଙ୍କୁ କିପରି ସୁଖ ଦେଇ ପାରିବ ?

**ଦାଦାଶ୍ରୀ :** ସେଥିପାଇଁ ତ ଦେଇ ପାରିବ ନାହିଁ ନା ! କିନ୍ତୁ ଯଦି କେହି ଏପରି ବ୍ୟକ୍ତି ଥିବ, କୋଟିଏରେ ଜଣେଅଧେ ବ୍ୟକ୍ତି, ଯିଏ ନିଜ ସୁଖ ଅନ୍ୟମାନଙ୍କୁ ଦେଇ ଦେଉଥିବ, ସେ ଦେବଗତିରେ ଯାଏ । ପୂର୍ବେ ତ ଏପରି ବହୁତ ଲୋକ ଥିଲେ । ଶହେରୁ ଦୁଇ-ଦୁଇ, ତିନି-ତିନି ପ୍ରତିଶତ, ପାଞ୍ଚ-ପାଞ୍ଚ ପ୍ରତିଶତ ଥିଲେ । ଏବେ ତ ବହୁତ ହେଲେ

କୋଟିଏରୁ ଦୁଇ-ଚାରି ବାହାରୁଛନ୍ତି । ଏବେ ତ ଯଦି ଦୁଃଖ ନ ଦିଏ ତେବେ ମଧ୍ୟ ହୋସିଆର କୁହାଯିବ । ଅନ୍ୟଙ୍କୁ ଯଦି କୌଣସି ବି ଦୁଃଖ ନ ଦିଏ ତେବେ ପୁଣି ମନୁଷ୍ୟରେ ଆସେ, ମନୁଷ୍ୟରେ ଭଲ ଜାଗାରେ କି ଯେଉଁଠି ବଙ୍ଗଳା ପ୍ରସ୍ତୁତ ଥିବ, ଗାଡ଼ି ପ୍ରସ୍ତୁତ ଥିବ, ସେଠାରେ ଜନ୍ମ ହୁଏ ଆଉ ଯଦି ପାଶବତାର କର୍ମ କରେ, ଅପମିଶ୍ରଣ କରେ, ବେଇମାନୀ କରେ, ଚୋରି କରେ, ତେବେ ପଶୁଗତିରେ ଯିବାକୁ ପଡ଼େ ।

**ପ୍ରଶ୍ନକର୍ତ୍ତା :** ତେବେ ନିୟମ କ'ଣ ?

**ଦାଦାଶ୍ରୀ :** ଅଧୋଗତିରେ ଯିବାବାଲା ଧରା ପଡ଼େ ନାହିଁ ଆଉ ଯାହାକୁ ଉର୍ଦ୍ଧ୍ୱଗତିରେ ଯିବାର ଅଛି, ଏପରି ମନୁଷ୍ୟଙ୍କର ହାଲୁକା କର୍ମ ହୋଇଥାଏ, ତେଣୁ ତା'କୁ ପୋଲିସବାଲା ଦ୍ୱାରା ଧରା ପକାଇ ଦିଏ ତୁରନ୍ତ । ସେ ଆଗକୁ ଓଲଟା ଯିବାରୁ ଅଟକି ଯାଏ ଏବଂ ତା'ର ଭାବ ବଦଳିଯାଏ । ପ୍ରକୃତି କାହାକୁ ହେଲ୍ପ କରେ ? ଯିଏ ଭାରୀ ଅଟେ, ତା'କୁ ଭାରୀ ହେବାକୁ ଦିଏ । ହାଲୁକା ଅଟେ, ତା'କୁ ହାଲୁକା ହେବାକୁ ଦିଏ । ହାଲୁକାବାଲା ଉର୍ଦ୍ଧ୍ୱଗତିରେ ଯାଏ । ଭାରୀବାଲା ଅଧୋଗତିରେ ଯାଏ । ଅର୍ଥାତ ଏପରି ଅଟେ ଏହି ପ୍ରକୃତିର ନିୟମ । ଯେପରି କେହି କେବେ ଚୋରି କରି ନଥିବ ଆଉ ଏବେ ଥରେ ଯଦି ଚୋରି କରେ, ତେବେ ତୁରନ୍ତ ଧରା ପଡ଼ିଯାଏ ଆଉ ଧୂର୍ତ୍ତ ଚୋର ଧରା ପଡ଼େ ନାହିଁ । କାରଣ ତା'ର କର୍ମ ଭାରୀ ଅଟେ, ସେଥିରେ ବି ପୁରା ମାର୍କ୍ସ ଦରକାର ନା ! ମାଇନସ୍ ମାର୍କ୍ସ ବି ପୁରା ଦରକାର ନା ! ତେବେଯାଇ ଦୁନିଆ ଚାଲିବ ନା ?

## ମନୁଷ୍ୟଜାତିରେ ହିଁ କର୍ମବନ୍ଧନ ହୁଏ

**ପ୍ରଶ୍ନକର୍ତ୍ତା :** ଏଥିପାଇଁ ମୁଁ ପଚାରୁଛି ଯେ ମନୁଷ୍ୟ ଜନ୍ମକୁ ଛାଡ଼ି ଅନ୍ୟ କୌଣସି ଏପରି ଜନ୍ମ ଅଛି କି ନାହିଁ ଯେ ଯେଉଁଥିରେ କମ କର୍ମବନ୍ଧନ ହେଉଥିବ ?

**ଦାଦାଶ୍ରୀ :** ଅନ୍ୟ କେଉଁଠି କର୍ମବନ୍ଧନ ହୁଏ ହିଁ ନାହିଁ । ଅନ୍ୟ କୌଣସି ଯୋନିରେ କର୍ମବନ୍ଧନ ହୁଏ ହିଁ ନାହିଁ, କେବଳ ଏହିଠାରେ ବନ୍ଧନ ହୁଏ ଆଉ ଯେଉଁଠି ବନ୍ଧନ ହୁଏ ନାହିଁ, ସେମାନେ କ'ଣ କୁହନ୍ତି ? ଯେ ଏଠି କେଉଁଠିକି ଆସିଲୁ ଏହି ଜେଲ୍‌କୁ ? ଯେଉଁଠି କର୍ମବନ୍ଧନ ହୋଇପାରେ ସେପରି ଜାଗା ତ ମୁକ୍ତତା କୁହାଯାଏ, ଆଉ ଏହା ତ ଜେଲ୍ କୁହାଯାଏ ।

**ପ୍ରଶ୍ନକର୍ତ୍ତା :** ମନୁଷ୍ୟ ଜନ୍ମରେ ହିଁ କର୍ମବନ୍ଧନ ହୁଏ । ଭଲ କର୍ମ ମଧ୍ୟ ଏହିଠାରେ ହିଁ ବାନ୍ଧି ହୁଏ ନା ?

**ଦାଦାଶ୍ରୀ :** ଭଲ କର୍ମର ବନ୍ଧନ ମଧ୍ୟ ଏହିଠାରେ ହୁଏ ଏବଂ ଖରାପ କର୍ମର ବନ୍ଧନ ମଧ୍ୟ ଏହିଠାରେ ହୁଏ ।

ଏହି ମନୁଷ୍ୟ କର୍ମ ବାନ୍ଧନ୍ତି । ସେଥିରେ ଯଦି ଲୋକଙ୍କୁ କ୍ଷତି ପହଞ୍ଚାଇବା ଭଳି, ଲୋକଙ୍କୁ ଦୁଃଖ ଦେବାଭଳି କର୍ମ ଥାଏ, ତେବେ ସେ ପଶୁଗତିରେ ଯାଏ ଏବଂ ନର୍କଗତିରେ ଯାଏ । ଲୋକଙ୍କୁ ସୁଖ ଦେବାର କର୍ମ ଥାଏ ତେବେ ମନୁଷ୍ୟରେ ଆସେ ଏବଂ ଦେବଗତିରେ ଯାଏ । ଅର୍ଥାତ ଯେପରି କର୍ମ ସେ କରେ, ସେହି ଅନୁସାରେ ତା'ର ଗତି ହୁଏ । ଏବେ ଗତି ହେଲା ଅର୍ଥାତ ଭୋଗିସାରିବା ପରେ ପୁଣି ଏଠାକୁ ଆସିବାକୁ ପଡ଼େ ।

କର୍ମ ବାନ୍ଧିବାର ଅଧିକାର ମନୁଷ୍ୟକୁ ହିଁ ଅଛି, ଅନ୍ୟ କାହାକୁ ନାହିଁ, ଏବଂ ଯାହାକୁ ବାନ୍ଧିବାର ଅଧିକାର ଅଛି, ତା'କୁ ଚାରି ଗତିରେ ଭଟକିବାକୁ ପଡ଼େ । ଆଉ ଯଦି କର୍ମ ନ କରେ, ଆଦୌ କର୍ମ ହିଁ ନ କରେ ତେବେ ମୋକ୍ଷରେ ଯାଏ । ମନୁଷ୍ୟରୁ ମୋକ୍ଷରେ ଯାଇ ହୋଇ ପାରିବ । ଅନ୍ୟ କୌଣସି ଜାଗାରୁ ମୋକ୍ଷରେ ଯାଇ ପାରିବ ନାହିଁ । କର୍ମ ନ କରେ ସେପରି ତୁମେ ଦେଖିଛ ?

**ପ୍ରଶ୍ନକର୍ତ୍ତା :** ନା, ସେପରି ଦେଖି ନାହିଁ ।

**ଦାଦାଶ୍ରୀ :** ତୁମେ ଏପରି ଦେଖିଛ ଯିଏ କର୍ମ ନ କରେ ? ଇଏ ଦେଖିଛନ୍ତି ଆଉ ତୁମେ ଦେଖିନାହଁ ? !

ଏ ପଶୁପକ୍ଷୀ ଇତ୍ୟାଦି ସବୁ ଅଛନ୍ତି, ସେମାନେ ଖାଆନ୍ତି, ପିଅନ୍ତି, ମାରପିଟ ଲାଗନ୍ତି, ଲଢ଼େଇ-ଝଗଡ଼ା କରନ୍ତି, ତଥାପି ସେମାନଙ୍କୁ କର୍ମବନ୍ଧନ ହୁଏ ନାହିଁ । ସେହିପରି ମନୁଷ୍ୟଙ୍କ ପାଇଁ ମଧ୍ୟ କର୍ମବନ୍ଧନ ହେବ ନାହିଁ ଏପରି ସ୍ଥିତି ଅଛି । କିନ୍ତୁ ଯଦି 'ନିଜେ' କର୍ମର କର୍ତ୍ତା ନ ହୁଏ ତେବେ ଏବଂ କେବଳ କର୍ମ ଭୋଗିନିଏ ! ସେଥିପାଇଁ ଏଠାକୁ ମୋ ପାଖକୁ (ଯଦି) ଆସେ ଏବଂ 'ସେଲ୍ଫ ରିୟଲାଇଜ୍(ଆତ୍ମ ସାକ୍ଷାତ୍କାର)'ର ଜ୍ଞାନ ପ୍ରାପ୍ତ କରେ, ତେବେ କର୍ମର କର୍ତ୍ତାଭାବ ଚାଲିଯାଏ, କରିବା ଭାବ ହିଁ ଚାଲିଯାଏ, ପରେ କେବଳ ଭୋଗିବା ହିଁ ରହେ । ଯେପର୍ଯ୍ୟନ୍ତ ଅହଙ୍କାର ଅଛି ସେପର୍ଯ୍ୟନ୍ତ କର୍ମର କର୍ତ୍ତା ।

## ଆଠ ଜନ୍ମ ପର୍ଯ୍ୟନ୍ତ ର ପୁଞ୍ଜି ସାଥିରେ

**ପ୍ରଶ୍ନକର୍ତ୍ତା :** ଯେଉଁ-ଯେଉଁ ଯୋନିରେ କର୍ମବନ୍ଧନ ହୁଏ ନାହିଁ, କେବଳ କର୍ମ ଭୋଗିବାକୁ ହିଁ ପଡ଼େ, ତେବେ ସେହି ଜୀବର ଆସନ୍ତା ଜନ୍ମ କିପରି ହୁଏ ?

**ଦାଦାଶ୍ରୀ :** ଏହା ଏତେ ଅଧିକ ଅଟେ ଯେ ମନୁଷ୍ୟ ଏଠାରୁ ଗଲା, ତେବେ ଗାଈର ଜନ୍ମ ମିଳିଲା । ସେ ଗାଈର ଜନ୍ମ ଭୋଗେ । ତାହା ପୂରା ହୋଇଯାଏ, ତା'ପରେ ଛେଳିର ଜନ୍ମ ମିଳେ । ସେ ଛେଳିର ହିଁ ମିଳେ ଏପରି ନୁହେଁ । ଯେ କେଉଁ ଯୋନିରେ ତା'ର ହିସାବ ଥାଏ ସେହି ଅନୁସାରେ ମିଳେ । ଡିଜାଇନ୍(ଯୋଜନା) ଅନୁସାରେ ମିଳେ । ପୁଣି ଗଧର ଜନ୍ମ ମିଳେ । ଶହେ-ଦୁଇଶହ ବର୍ଷ ଏହିପରି ଭଟକିସାରି ଆସେ । ଯେବେ ସବୁ ଡେବିଟ୍(ଋଣ) ଭୋଗି ନିଆଯାଏ ତେବେ ପୁଣି ଏଠାରେ ମନୁଷ୍ୟ ଜନ୍ମରେ ଆସେ । ଅନ୍ୟସବୁ ଯୋନିରେ ଯେବେ ଏକ ଜନ୍ମ ପରେ ଆଉ ଏକ ଜନ୍ମ ହୁଏ, ତେବେ ତାହା କର୍ମ କରିବାଦ୍ୱାରା ହୁଏ ନାହିଁ । ତାହା ଏଥିପାଇଁ ହୁଏ ଯେ ସେହି କର୍ମ ଭୋଗି ନିଆଗଲା । ଏହା ଏକ ପରସ୍ତ ଗଲା ଏବଂ ଦ୍ୱିତୀୟ ପରସ୍ତ ଆସିଲା, ଦ୍ୱିତୀୟ ପରସ୍ତ ଗଲା ଏବଂ ତୃତୀୟ ପରସ୍ତ ଆସିଲା, ଏହିପରି ଯେବେ ସବୁ ପରସ୍ତ ଭୋଗି ନିଆଯାଏ, ସେତେବେଳେ ସମସ୍ତ ଆଠଜନ୍ମ ପୂରା ହୋଇଯାଏ ଏବଂ ପୁଣି ଏଠାକୁ ମନୁଷ୍ୟରେ ଆସିଯାଏ । ଅତି ବେଶୀରେ ଆଠ ଜନ୍ମ ଅନ୍ୟ ଗତିରେ ଭଟକିସାରି ପୁଣି ମନୁଷ୍ୟରେ ଆସି ହିଁ ଯାଏ । ଏପରି ଅଟେ କର୍ମର ନିୟମ ।

ମନୁଷ୍ୟ ହେବା ଯୋଗ୍ୟ କର୍ମ ତ ତା'ପାଖରେ ପୁଞ୍ଜି ରୂପରେ ରହି ହିଁ ଥାଏ । ଯେଉଁଠିକୁ ଯାଉ, ଦେବଗତିରେ ଗଲେ ମଧ୍ୟ । ଅର୍ଥାତ ପୁଞ୍ଜି ଆଧାରରେ ପୁଣି ଫେରିକି ଆସେ । ଅର୍ଥାତ ଏହି ପୁଞ୍ଜିକୁ ରଖି, ବାକି ଅନ୍ୟ ସବୁ କର୍ମ ଭୋଗି ନିଆଯାଏ ।

**ପ୍ରଶ୍ନକର୍ତ୍ତା :** ମନୁଷ୍ୟରେ ଆସେ, ପୁଣି ତା'ର ଜୀବନ କିପରି ଚାଲେ ? ତାହା ତା'ର ଭାବ ଅନୁସାରେ ହିଁ ଚାଲେ ନା ? ତା'ର କେଉଁ କର୍ମର ଆଧାରରେ ତା'ର ଜୀବନ ଚାଲେ ?

**ଦାଦାଶ୍ରୀ :** ତା' ପାଖରେ ମନୁଷ୍ୟର କର୍ମ ତ ପୁଞ୍ଜିରେ ରହିଥାଏ । ଏହି ପୁଞ୍ଜି ତ ଆମ ପାଖରେ ଅଛି, କିନ୍ତୁ ଯଦି ଋଣ ହୋଇ ଯାଇଥିବ ତେବେ ଋଣ ଭୋଗିନିଅ ଏବଂ ପୁଣି ଫେରି ଆସ, କୁହନ୍ତି । କ୍ରେଡ଼ିଟ୍ ହୋଇଯାଇଥିବ, ତେବେ କ୍ରେଡ଼ିଟ୍ ଭୋଗିସାରି ପୁଣି ଏଠାକୁ ଆସ । ଏହା ତ ପୁଞ୍ଜି ଅଛି ଆମ ପାଖରେ । ଏହି ପୁଞ୍ଜି ତ କମ ପଡ଼େ, ଏପରି ନୁହେଁ । ଏହି ପୁଞ୍ଜି କେବେ କମ ପଡ଼େ ? କି ଯେବେ କର୍ତ୍ତାପଦ ଯାଏ ତେବେ ଯାଏ । ସେତେବେଳେ ମୋକ୍ଷରେ ଚାଲିଯାଏ । ନହେଲେ କର୍ତ୍ତାପଦ ଯାଏ ହିଁ ନାହିଁ ନା ! ଅହଙ୍କାର ବିଲୟ ହୋଇଯାଏ, ତେବେ (କର୍ତ୍ତାପଦ) ଯାଏ । ଯଦି ଅହଙ୍କାର ଥିବ, ତେବେ ସେହି କର୍ମ ଭୋଗିସାରି ପୁଣି ଏଠାକୁ ହିଁ ଆସିଯାଏ ସେ ।

**ପ୍ରଶ୍ନକର୍ତ୍ତା :** ଅନ୍ୟସବୁ ଯୋନିରୁ ଯେବେ ପୁଣି ମନୁଷ୍ୟରେ ଆସେ, ତେବେ ଆସିବା ପରେ କେଉଁଠି ଜନ୍ମ ନିଏ ? କେଉଟ ଘରେ ନା ରାଜା ଘରେ ?

**ଦାଦାଶ୍ରୀ :** ଏଠି ମନୁଷ୍ୟ ଯୋନିରେ ନିଜର ଯେଉଁ ପ୍ରସ୍ତୁତ ସାମଗ୍ରୀ ରଖି ଯାଇଥିଲା, ଆଉ ଏହି ଯେଉଁ ଋଣ ହୋଇଛି, ସେହି ଋଣ ସୁଝିସାରି ଆସେ ଏବଂ ପୁଣି ଯେଉଁଠି ଥିଲା ସେଠାକୁ ହିଁ ଆସେ ଏବଂ ସେହି ସାମଗ୍ରୀରୁ ପୁଣି ଆରମ୍ଭ କରେ । ଅର୍ଥାତ ଆମେ ଯେଉଁ ବଜାରକୁ ଯାଉ, ସେ ସବୁ କାମ ସାରି ପୁଣି ଘରକୁ ହିଁ ଫେରି ଆସୁ । ସେହିପରି ଏହା ଘର ଅଟେ । ଏଠାକୁ ହିଁ ଫେରିକି ଆସିବାର ଅଛି । ଏଠାରେ ଏହା ଘର ଅଟେ । ଏଠାରେ ଯେବେ ଅହଙ୍କାର ବିଲୟ ହୋଇଯିବ, ସେତେବେଳେ ଏଠାରେ ବି ରହିବା ନାହିଁ । ମୋକ୍ଷରେ ଚାଲିଯିବା, ବାସ୍ ! ଏବେ ଅନ୍ୟ ଜନ୍ମରେ ଅହଙ୍କାରର ଉପଯୋଗ ହୁଏ ନାହିଁ । ଯେଉଁଠି ଭୋଗିବାର ଅଛି, ସେଠି ଅହଙ୍କାରର ଉପଯୋଗ ହୁଏ ନାହିଁ । ସେଥିପାଇଁ କର୍ମବନ୍ଧନ ହିଁ ହୁଏ ନାହିଁ । ଏହି ମଇଁଷୀମାନଙ୍କୁ, ଏହି ଗାଇମାନଙ୍କୁ, କାହାରିକୁ ଅହଙ୍କାର ନଥାଏ । ଦେଖାଯାଏ ନିଶ୍ଚିତ ଯେ ଏହି ଘୋଡ଼ା ଅହଙ୍କାରୀ ଅଟେ, କିନ୍ତୁ ତାହା ଡିସ୍‌ଚାର୍ଜ ଅହଙ୍କାର ଅଟେ । ପ୍ରକୃତ ଅହଙ୍କାର ନୁହେଁ । ପ୍ରକୃତ ଅହଙ୍କାର ଯଦି ଥିବ ତେବେ କର୍ମବନ୍ଧନ ହୁଏ । ଅର୍ଥାତ ଅହଙ୍କାର କାରଣରୁ ପୁଣି ଏଠାକୁ(ମନୁଷ୍ୟ ଯୋନିରେ) ଆସେ । ଅହଙ୍କାର ଯଦି ଖଲାସ ହୋଇଯିବ ତେବେ ମୋକ୍ଷରେ ଚାଲିଯିବ ।

## ରିଟର୍ଣ୍ଣ ଟିକଟ ଆଣିଛି ପଶୁଗତିରୁ !

**ପ୍ରଶ୍ନକର୍ତ୍ତା :** ଆପଣ କହିଲେ ଯେ କର୍ମର ଫଳ ମିଳେ, ତେବେ ଏ ଯେଉଁ ପଶୁ-ପକ୍ଷୀ ଅଛନ୍ତି, ସେମାନେ ପୁଣି ମନୁଷ୍ୟରେ ଆସି ପାରିବେ କି ?

**ଦାଦାଶ୍ରୀ :** ସେହିମାନେ ହିଁ ଆସନ୍ତି । ସେହିମାନେ ହିଁ ଏବେ ଆସିଛନ୍ତି । ସେମାନଙ୍କ ସଂଖ୍ୟା ବଢ଼ି ଯାଇଛି ଏବଂ ସେହିମାନେ ହିଁ ଏସବୁ ଅପମିଶ୍ରଣ କରୁଛନ୍ତି ।

**ପ୍ରଶ୍ନକର୍ତ୍ତା :** ସେହି ପଶୁମାନେ କେଉଁ ସତ୍‌କର୍ମ କରିଥିବେ ଯେ ମାନବ ହେଲେ ?

**ଦାଦାଶ୍ରୀ :** ସେମାନଙ୍କୁ ସତ୍‌କର୍ମ କରିବାକୁ ପଡ଼େ ନାହିଁ । ମୁଁ ତୁମକୁ ବୁଝାଉଛି । ଜଣେ ବ୍ୟକ୍ତି ଋଣୀ ହୋଇଗଲା । ଋଣୀ ହେଲା ସେଥିପାଇଁ ସେ ଦେବାଳିଆ କୁହାଯାଏ । ଲୋକେ ଦେବାଳିଆ କୁହନ୍ତି ତା'କୁ । ତେବେ ପରେ ସେ ଋଣ ସୁଝିଦେଲା, ସେତେବେଳେ ପୁଣି ତା'କୁ ଦେବାଳିଆ କହିବେ କି ?

**ପ୍ରଶ୍ନକର୍ତ୍ତା :** ନା, ପରେ କହିବେ ନାହିଁ ।

**ଦାଦାଶ୍ରୀ :** ସେହିପରି ଏଠାରୁ ପଶୁଗତିକୁ ଯାଆନ୍ତି ନା, କେବଳ ଋଣ ସୁଝିବା ପାଇଁ ହିଁ, ଋଣ ସୁଝିସାରି ପୁଣି ଏଠାକୁ ଆସିଯାଏ ଆଉ ଯଦି ଦେବଗତିରେ ଯାଏ ତେବେ କ୍ରେଡ଼ିଟ୍ (ଜମାରାଶି) ଭୋଗିସାରି ପୁଣି ଏଠାକୁ ଆସେ ।

## ଏହିପରି ନିମନ୍ତ୍ରିତ କରନ୍ତି ଅଧୋଗତି

**ପ୍ରଶ୍ନକର୍ତ୍ତା :** ମନୁଷ୍ୟକୁ ପଶୁ ଜନ୍ମ ହିଁ ମିଳିବ, ତାହା କିପରି ଜଣାପଡ଼େ ?

**ଦାଦାଶ୍ରୀ :** ତା'ର ସବୁ ଲକ୍ଷଣ ହିଁ କହି ଦିଏ । ଏବେ ତା'ର ଯେଉଁ ବିଚାର, ସେହି ବିଚାର ହିଁ ପାଶବତାର ଆସେ । କିଭଳି (ବିଚାର) ଆସେ ? କାହାର ଭୋଗିନେବି, କାହାର ଖାଇଯିବି, କାହାର ଏପରି କରିବି ? ମୃତ୍ୟୁ ସମୟରେ ମଧ୍ୟ ପଶୁର ଫଟୋ ଉଠେ ।

**ପ୍ରଶ୍ନକର୍ତ୍ତା :** ଆମ୍ବ ଟାକୁଆ ପୋତିଲେ ଆମ୍ବ ହିଁ ହୁଏ, କ'ଣ ସେହିପରି ଯେବେ ମନୁଷ୍ୟ ମରେ ତେବେ ମନୁଷ୍ୟରୁ ପୁଣି ମନୁଷ୍ୟ ହିଁ ହୁଏ ?

**ଦାଦାଶ୍ରୀ :** ହଁ, ମନୁଷ୍ୟରୁ ପୁଣି ଅର୍ଥାତ ଏହି ମ୍ୟାଟର୍ନିଟୀ ଓ୍ୱାର୍ଡ଼(ପ୍ରସୂତି ବିଭାଗ)ରେ ମନୁଷ୍ୟର ସ୍ତ୍ରୀ ପେଟରୁ କୁକୁର ଜନ୍ମ ହୁଏ ନାହିଁ । ବୁଝି ହେଉଛି ନା ! କିନ୍ତୁ ମନୁଷ୍ୟରେ ଯାହାକୁ ସଜ୍ଜନତାର ବିଚାର ଥିବ ଅର୍ଥାତ ମାନବତାର ଗୁଣ ଥିବ ତେବେ ପରେ ପୁଣି ମନୁଷ୍ୟରେ ଆସେ । ଯିଏ ନିଜ ହକ୍କର ଭୋଗିବାର ଜିନିଷ ମଧ୍ୟ ଲୋକଙ୍କୁ ଦେଇଦିଏ ତେବେ ଦେବଗତିରେ ଯାଏ, ସୁପରହ୍ୟୁମାନ୍ କୁହାଯାଏ । ଆଉ ନିଜ ସ୍ତ୍ରୀ ଭୋଗିବାରେ ଅସୁବିଧା ନାହିଁ, ତାହା ହକ୍କର କୁହାଯାଏ, କିନ୍ତୁ *ଅଣହକ୍କ* (ଅବୈଧ) ର ଭୋଗି ପାରିବା ନାହିଁ । ତାହା ଭୋଗିନେବାର ଯେଉଁ ବିଚାର, ତାହା ହିଁ ତା'ର ମନୁଷ୍ୟରୁ ପରଜନ୍ମରେ ପଶୁରେ ଯିବାର ସଙ୍କେତ ଅଟେ । ତାହା ଭିସା ଅଟେ, ଆମେ ତା'ର ଭିସା ଦେଖିନେବା ନା, ତେବେ ଜଣା ପଡ଼ିଯାଏ ।

**ପ୍ରଶ୍ନକର୍ତ୍ତା :** କର୍ମର ସିଦ୍ଧାନ୍ତ ଏପରି ଅଟେ ଯେ ମନୁଷ୍ୟକୁ ତା'ର କର୍ମ ମନୁଷ୍ୟ ଯୋନିରେ ହିଁ ଭୋଗିବାକୁ ପଡ଼େ ।

**ଦାଦାଶ୍ରୀ :** ନା । କର୍ମ ତ ଏଇଠି ହିଁ ଭୋଗିବାର ଅଛି । କିନ୍ତୁ ଯେଉଁ ବିଚାର କରିଥିବ ଯେ କାହାର ଭୋଗିନେବି, କାହାର ନେଇଯିବି, ଏବଂ କାହାର ଏପରି କରିଦେବି,

ଏପରି ସଙ୍କଳ୍ପ-ବିକଳ୍ପ କରିଥିବ, ତାହା ତା'କୁ ନେଇଯାଏ ସେଠାକୁ । ଏଠାରେ କରିଥିବା କର୍ମ ତ ଏଇଠି ହିଁ ଭୋଗିନିଏ । ପାଶବତାର କର୍ମ ଯଦି କରିଥିବ, ତେବେ ଏଇଠି ହିଁ ଭୋଗିନିଏ । ସେଥିରେ ଅସୁବିଧା ନାହିଁ । ଆଖିରେ ଦେଖାଯାଏ ଏପରି ପାଶବତାର କର୍ମ ଯଦି କରିଥିବ, ତାହା ଏହିଠାରେ ଭୋଗିବାକୁ ପଡ଼େ । ତାହା କିପରି ଭୋଗେ ? ଲୋକଙ୍କ ମଧ୍ୟରେ ନିନ୍ଦା ହୁଏ, ଲୋକେ ତିରସ୍କାର କରନ୍ତି । କିନ୍ତୁ ଯଦି ପାଶବତାର ବିଚାର କଲା, ସଙ୍କଳ୍ପ-ବିକଳ୍ପ ଖରାପ କଲା ଯେ ଏପରି କରିବା ଉଚିତ, ଏପରି କରିବା ଉଚିତ, ଏପରି ଭୋଗିବା ଉଚିତ, ଯୋଜନା କଲା । ସେହି ଯୋଜନା ତା'କୁ ପଶୁଗତିରେ ନେଇଯାଏ । ଯୋଜନା ଗଢ଼େ ନା ଭିତରେ ? ଗଢ଼େ ନାହିଁ ? ତାହା ପଶୁଗତିରେ ନେଇଯାଏ ।

## ଏଥିରେ ଭୋଗିବାବାଲା କିଏ ?

**ପ୍ରଶ୍ନକର୍ତ୍ତା :** ଭଲ କର୍ମ କରେ ତେବେ ପୁଣ୍ୟବନ୍ଧନ ହୁଏ ଏବଂ ଖରାପ କର୍ମ କରେ ତେବେ ପାପ । ଏହି ପାପ-ପୁଣ୍ୟ କିଏ ଭୋଗେ, ଶରୀର ନା ଆତ୍ମା ?

**ଦାଦାଶ୍ରୀ :** ଏହି ପାପ-ପୁଣ୍ୟ ଯିଏ କରେ, ସେ ଭୋଗେ । କିଏ ଭୋଗେ ? ଅହଙ୍କାର କରେ ଏବଂ ଅହଙ୍କାର ଭୋଗେ । ଶରୀର ଭୋଗେ ନାହିଁ ଏବଂ ଆତ୍ମା ବି ଭୋଗେ ନାହିଁ । ଏହା ଅହଙ୍କାର ଭୋଗେ । ଯଦି ଅହଙ୍କାର ଶରୀର ସହିତ ଥାଏ, ତେବେ ଶରୀର ସହିତ ଭୋଗେ । ଶରୀର ବିନା କରାଯାଇଥିବା ଅହଙ୍କାର ଶରୀର ବିନା ଭୋଗେ । କେବଳ ମାନସିକ ରୂପେ ଭୋଗେ ।

**ପ୍ରଶ୍ନକର୍ତ୍ତା :** ମୃତ୍ୟୁ ପରେ ସ୍ୱର୍ଗ ଅଥବା ନର୍କ ପରି କିଛି ଅଛି କି ?

**ଦାଦାଶ୍ରୀ :** ମୃତ୍ୟୁ ପରେ ସ୍ୱର୍ଗ ଏବଂ ନର୍କ ଉଭୟ ଅଛି ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ ଯଦି ଖରାପ କର୍ମ କରିଥିବ ତେବେ ନର୍କରେ କିଏ ଯାଏ ? ଆତ୍ମା ଯାଏ ?

**ଦାଦାଶ୍ରୀ :** ଆରେ ଆତ୍ମା ଏବଂ ଶରୀର ଉଭୟ ସାଥିରେ ରହିବେ ନା !

**ପ୍ରଶ୍ନକର୍ତ୍ତା :** ମରିଯିବା ପରେ ଶରୀର ତ ଏହିଠାରେ ରହିଯାଏ ନା ?

**ଦାଦାଶ୍ରୀ :** ସେଠାରେ ପୁଣି ନୂଆ ଶରୀର ହୁଏ । ନର୍କରେ ଅଲଗା ପ୍ରକାରର ଶରୀର ହୁଏ, ସେଠାରେ ପାରଦ ପରି ଶରୀର ହୋଇଥାଏ ।

**ପ୍ରଶ୍ନକର୍ତ୍ତା :** ସେଠାରେ ଶରୀର ଭୋଗେ ନା ଆତ୍ମା ଭୋଗେ ?

**ଦାଦାଶ୍ରୀ :** ଅହଙ୍କାର ଭୋଗେ । ଯିଏ କରିଥାଏ ନା, ନର୍କର କାମ କରିଥାଏ, ସେ ଭୋଗେ ।

## ହିଟଲର କିଭଳି କର୍ମ ବାନ୍ଧିଲା ?

ହିଟଲର ଏହି ଲୋକମାନଙ୍କୁ ମାରିଲା, ତା'କୁ ତାହାର ଫଳ କାହିଁକି ମିଳିଲା ନାହିଁ ? ସେ ଯେଉଁମାନଙ୍କୁ ମାରିଲା, ସେମାନେ ସବୁ ତା'କୁ କେଉଁଠୁ ମିଳିଲେ ? ତା'କୁ ଏହି ପ୍ଲେନ୍ କେଉଁଠୁ ମିଳିଗଲା ? ଏସବୁ କେଉଁଠୁ ମିଳିଲା ? ମିଳିଗଲା ତେଣୁ ମାରିଲା, ଅର୍ଥାତ୍ ଏହା ସେ ବିଚରାର କର୍ମଫଳ ଥିଲା । ତାହାର ବି ଫଳ ପୁଣି ନର୍କଗତି ଆସିବ । ଶାସ୍ତ୍ରକାର ଆଗକୁ କହିଛନ୍ତି, ଏଠାରୁ ଯିଏ ମରିଗଲା ଏବଂ ଜଗତରେ ନିନ୍ଦନୀୟ ହୋଇଗଲା ତେବେ ନର୍କଗତି ଅଥବା ପଶୁଗତିରେ ଯିବ । ଜଗତରେ ଯଦି କେବେ ପ୍ରଶଂସାର ଯୋଗ୍ୟ ହେଲା ଏବଂ ତା'ର ଖ୍ୟାତି ବିସ୍ତାର ହୁଏ ତେବେ ଦେବଗତି ଅଥବା ବହୁତ ହେଲା ତେବେ ମନୁଷ୍ୟରେ ଯାଏ ! ଅର୍ଥାତ ତାହାର ପୁଣି ଫଳ ତ ଆସିବ । ଅତଃ ଏହା ଲୋକଙ୍କ ତରାଜୁରେ ଦେଖିନେବ ।

## ଶାସକର ହିସାବ ପ୍ରଜାଙ୍କ ସହ

**ପ୍ରଶ୍ନକର୍ତ୍ତା :** କୌଣସି ଦେଶର ଶାସନକର୍ତ୍ତା ଥାଆନ୍ତି ନା, ଅଥବା ପୁଣି ସେଠାକାର ଧର୍ମଗୁରୁ କୁହନ୍ତୁ, ଏବେ ସମସ୍ତ କ୍ଷମତା ତାଙ୍କ ହାତରେ ଅଛି । ସେ ଦେଶର ମେନ୍(ପ୍ରମୁଖ) କୁହାଯାନ୍ତି ଏବେ । ଏବେ ଲକ୍ଷ-ଲକ୍ଷ ଲୋକ ମରୁଛନ୍ତି । ଦୁନିଆର ସମସ୍ତ ଦେଶ ତାଙ୍କୁ ଅନୁରୋଧ କଲେ ଯେ ତୁମେ ସମାଧାନ କର । ମାତ୍ର ସେ ସମାଧାନ କରିବାକୁ ପ୍ରସ୍ତୁତ ନାହାନ୍ତି ଏବଂ ଲକ୍ଷଲକ୍ଷ ଲୋକଙ୍କର ନରସଂହାର ହେବାରେ ଲାଗିଛି । ତାହା କିଭଳି କର୍ମ ? ତାଙ୍କ ସହିତ ଲକ୍ଷଲକ୍ଷ ଲୋକଙ୍କ ସହିତ ଏହା କି ଋଣାନୁବନ୍ଧ ?

**ଦାଦାଶ୍ରୀ :** ସେମାନେ ତ ନିଜ କର୍ମ ଭୋଗୁଛନ୍ତି । ସେମାନେ ବାନ୍ଧୁ ନାହାନ୍ତି, ସେମାନେ ଭୋଗୁଛନ୍ତି ।

**ପ୍ରଶ୍ନକର୍ତ୍ତା :** ଆଉ ସେ ଯିଏ ମାରୁଛି, ତା'ର ?

**ଦାଦାଶ୍ରୀ :** ସେ ତ କର୍ମ ବାନ୍ଧୁଅଛି । ସେ ନର୍କଗତିରେ ଯିବ ।

**ପ୍ରଶ୍ନକର୍ତ୍ତା :** ଏମାନେ ସମସ୍ତେ ମରୁଛନ୍ତି । ତାହାର *ନିମିତ୍ତ* ତ ଏହି ମାରିବାବାଲା ହେଉଛି ନା ? ତାହା କେଉଁ କାରଣରୁ ?

**ଦାଦାଶ୍ରୀ :** *ନିମିତ୍ତ* ହୁଏ ଏବଂ ସେଥିପାଇଁ ସେ ନର୍କରେ ଯିବ ।

**ପ୍ରଶ୍ନକର୍ତ୍ତା :** ନର୍କରେ ଯିବ ତାହା ଠିକ ଅଛି । କିନ୍ତୁ ଏହା ହେଲା କିପରି ? କେଉଁ ହିସାବରୁ ହୋଇଥିବ ?

**ଦାଦାଶ୍ରୀ :** ଲୋକଙ୍କ ହିସାବ । ମାରିବାବାଲା ସହିତ ହିସାବ ନୁହେଁ, ଲୋକମାନେ ଦୋଷ କରିଥିଲେ ସେଥିପାଇଁ ସେପରି *ନିମିତ୍ତ* ମିଳିଗଲା ।

ଲୋକମାନେ ଦୋଷ କରିଥିଲେ, ସେଥିପାଇଁ କେହି ବି *ନିମିତ୍ତ* ମିଳିଗଲା ଏବଂ ସେମାନଙ୍କୁ ଖତମ୍ କରିଦେଲା । ସେମାନଙ୍କର କର୍ମ ବ୍ୟକ୍ତିଗତ ନୁହେଁ । ବ୍ୟକ୍ତିଗତ ତ କେବେ କୁହାଯିବ ? ତୁମେ କିଛି ବି କୁହ ନାହିଁ ତଥାପି ତୁମକୁ ଦେଖିବାମାତ୍ରେ ମୋର ଭିତରେ (ମୁଣ୍ଡ) ଗରମ ହୋଇଯାଏ, ତାହା ବ୍ୟକ୍ତିଗତ । ଦୂରରେ ରହି କାମ ହୁଏ, ତାହା ବ୍ୟକ୍ତିଗତ କୁହାଯାଏ ନାହିଁ ।

## ଏହାକୁ କୁହାଯାଏ ସାମୂହିକ କର୍ମୋଦୟ

**ପ୍ରଶ୍ନକର୍ତ୍ତା :** ଏବେ ଏହି ଜଗତରେ ଯେଉଁ ଭୂକମ୍ପ ଆସେ ଏବଂ ଜ୍ୱାଳାମୁଖୀ ବିସ୍ଫୋରଣ ହୁଏ, ସେସବୁ କେଉଁ ଶକ୍ତି କରେ ?

**ଦାଦାଶ୍ରୀ :** ସବୁ ବ୍ୟବସ୍ଥିତ ଶକ୍ତି । ବ୍ୟବସ୍ଥିତ ଶକ୍ତି ସବୁ କିଛି କରେ । ଏଭିଡେନ୍ସ(ପ୍ରମାଣ) ଏକାଠି ହେବା ଦରକାର । ସବୁ ଏଭିଡେନ୍ସ ଏକାଠି ହେଲା ଅଥବା ଯଦି ଅଳ୍ପ କିଛି ରହିଯାଇଥିବ, ତାହା ମିଳିବା ମାତ୍ରେ ବିସ୍ଫୋରଣ ହୁଏ ଜୋରରେ ।

**ପ୍ରଶ୍ନକର୍ତ୍ତା :** କ'ଣ ଏହି ଝଡ଼ ତୋଫାନ ସବୁ ବ୍ୟବସ୍ଥିତ ପଠାଏ ?

**ଦାଦାଶ୍ରୀ :** ତେବେ ଆଉ କିଏ ପଠାଇବ ? ଏହି ତୋଫାନ ତ ପୁରା ମୁମ୍ବାଇରେ ହୁଏ, କିନ୍ତୁ କିଛି ଲୋକ ଏପରି ପଚାରନ୍ତି, 'ତୋଫାନ ଆସିଲାଣି କି ନାହିଁ ?' ଏପରି ପଚାରନ୍ତି । 'ଆରେ ଭାଇ, ପଚାରୁଛ ?' ତେବେ କୁହନ୍ତି, 'ଆମେ ତ ଦେଖି ନାହୁଁ ଏପର୍ଯ୍ୟନ୍ତ, ଆମ ଆଡ଼େ ତ ଆସି ନାହିଁ ।' ଏପରି ଅଟେ ଏ ସବୁ । ତୋଫାନ ମୁମ୍ବାଇରେ ସମସ୍ତଙ୍କୁ ସ୍ପର୍ଶ କରେ ନାହିଁ । କାହାକୁ ସାମାନ୍ୟ ସ୍ପର୍ଶ ହୁଏ, କାହାର ପୁରା ଘର ଉଡ଼ାଇଦିଏ ଏକାଥରକେ, ଆଉ କାହାର ପାଲ ପଡ଼ିଥିବ, ତାଙ୍କର କିଛି ହୁଏ ନାହିଁ । ସବୁକିଛି

ପଦ୍ଧତିପୂର୍ବକ କାମ କରୁଅଛି । ତୋଫାନ ଆସିଲେ ତାହାର ଡର ରଖିବ ନାହିଁ । ସବୁ ବ୍ୟବସ୍ଥିତ ପଠାଏ ।

**ପ୍ରଶ୍ନକର୍ତ୍ତା :** ଏସବୁ ଯେଉଁ ଭୂକମ୍ପ ଆସୁଛି, ସାଇକ୍ଲୋନ୍ ଆସୁଛି, ଯୁଦ୍ଧ ହେଉଛି, ସେ ସବୁକିଛି ହାନି-ବୃଦ୍ଧିର ଆଧାରରେ ନୁହେଁ ?

**ଦାଦାଶ୍ରୀ :** ନା, କର୍ମର ଉଦୟ ଆଧାରରେ ଅଟେ ସେ ସବୁ । ସମସ୍ତେ ନିଜର ଉଦୟ ଭୋଗୁଛନ୍ତି । ମନୁଷ୍ୟଙ୍କ ବୃଦ୍ଧି ହେଉଥିବ ସେତେବେଳେ ମଧ୍ୟ ଭୂକମ୍ପ ହେଉଥାଏ । ଯଦି ହାନି-ବୃଦ୍ଧିର ଅଧୀନ ଅଟେ ତେବେ ହେବ ନାହିଁ ନା ?

**ପ୍ରଶ୍ନକର୍ତ୍ତା :** ଯାହାକୁ ଭୋଗିବାର ଅଛି ତା'ର ଉଦୟ ?

**ଦାଦାଶ୍ରୀ :** ମନୁଷ୍ୟଙ୍କର ଉଦୟ, ପଶୁପକ୍ଷୀଙ୍କର ଉଦୟ, ସମସ୍ତଙ୍କର । ହଁ, ସାମୂହିକ ଉଦୟ ଆସେ । ଦେଖ, ହିରୋସିମା ଏବଂ ନାଗାଶାକୀରେ ଉଦୟ ଆସିଥିଲା ନା !

**ପ୍ରଶ୍ନକର୍ତ୍ତା :** ଯେପରି କୌଣସି ଏକ ବ୍ୟକ୍ତି ପାପ କରେ, ସେହିପରି ଲୋକେ ଯଦି ସାମୂହିକ ପାପ କରନ୍ତି ତେବେ ତାହାର ଫଳ ସାମୂହିକ ରୂପରେ ମିଳେ ? ଜଣେ ବ୍ୟକ୍ତି ନିଜେ ଚୋରି କରିବା ପାଇଁ ଗଲା ଆଉ ଦଶଜଣ ସାଥିରେ ଡକାୟତି କରିବା ପାଇଁ ଗଲେ, ତେବେ ତାହାର ଦଣ୍ଡ ସାମୂହିକ ମିଳୁଥିବ ?

**ଦାଦାଶ୍ରୀ :** ହଁ, ଫଳ ସମ୍ପୂର୍ଣ୍ଣ ମିଳିବ, କିନ୍ତୁ ଦଶଜଣ ସାରାଙ୍କୁ କମ-ବେଶୀ । ତାଙ୍କର ଭାବ କିପରି ଅଛି, ସେହି ଆଧାରରେ । କେହି ବ୍ୟକ୍ତି ତ ଏପରି କୁହେ ଯେ 'ଏହା ମୋ ଦାଦାଙ୍କ ଜାଗାକୁ ମୋତେ ଜବରଦସ୍ତି ଯିବାକୁ ପଡ଼ିଲା', ଏପରି ଭାବ ଥାଏ । ଅର୍ଥାତ ଭାବ ଯେତିକି ଷ୍ଟ୍ରଙ୍ଗ୍, ସେହି ଅନୁସାରେ ସବୁ ହିସାବ ସୁଝିବାର ଅଛି । ସମ୍ପୂର୍ଣ୍ଣ କରେକ୍ଟ । ଧର୍ମ ନିକିତି ପରି ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏ ଯେଉଁ ପ୍ରକୃତିର କୋପ ହେଉଛି, ଯେପରି କୌଣସି ଜାଗାରେ ପ୍ଲେନ୍ ଖସିଲା ଏବଂ ଏତେ ଲୋକ ମରିଗଲେ ଅଥବା କୌଣସି ଜାଗାରେ ଜ୍ୱାଳାମୁଖୀ ବିସ୍ଫୋରଣ ହେଲା ଏବଂ ଦୁଇହଜାର ଲୋକ ମରିଗଲେ, ତେବେ କ'ଣ ତାହା ସେମାନଙ୍କର ଏକା ସାଥିରେ ମିଶି କରିଥିବା କର୍ମର ସାମୂହିକ ଦଣ୍ଡର ପରିଣାମ ହୋଇଥିବ ?

**ଦାଦାଶ୍ରୀ :** ସେସବୁ ସେମାନଙ୍କର ହିସାବ ଅଟେ । କେବଳ ସେତିକି ହିସାବବାଲା ଧରା ପଡ଼ନ୍ତି ସେଥିରେ, ଅନ୍ୟ କେହି ଧରା ପଡ଼ନ୍ତି ନାହିଁ । ଆଜି ମୁମ୍ବାଇ ଯାଇଥିବ ଏବଂ ତା'ପରେ କାଲି ଏଠାରେ ଭୂକମ୍ପ ହୋଇଯାଏ ଆଉ କେହି ମୁମ୍ବାଇବାଲା ଏଠାକୁ ଆସିଥିବେ, ଏବଂ ସେ ମୁମ୍ବାଇବାଲା ଏଠାରେ ମରିଯାନ୍ତି, ଅର୍ଥାତ ଏ ସବୁ ହିସାବ ଅଟେ ।

**ପ୍ରଶ୍ନକର୍ତ୍ତା :** ତାହେଲେ ଏବେ ଯେଉଁ ଏତେ ସାରା ଲୋକ ଏଠି-ସେଠି ସବୁ ମରି ଯାଉଛନ୍ତି, ପାଞ୍ଚଶହ-ଦୁଇଶହ, ଏପରି ସଂଖ୍ୟାରେ । ଯାହା ପୂର୍ବେ କେବେ ବି ଏତେ ସାରା, ସାମୂହିକ ମୃତ୍ୟୁ ଦେଖିବାକୁ ମିଳୁ ନଥିଲା, ତେବେ ଏତେ ସାରା ସାମୂହିକ ପାପ ହେଉଥିବ ?

**ଦାଦାଶ୍ରୀ :** ପୂର୍ବେ ତ ସମୂହ ବି ନଥିଲା ନା ! ଏବେ ତ ଯଦି ଲାଲ ପତାକାବାଲା ବାହାରି ଥିବେ ତେବେ କେତେ ହେଉଥିବେ ? ଏ ଧଳା ପତାକାବାଲା କେତେ ହେଉଥିବେ ? ଏବେ ସମୂହ ଅଛି, ଅର୍ଥାତ ସମୂହର କାମ । ପୂର୍ବେ ସମୂହ ହିଁ ନଥିଲା ନା !

**ପ୍ରଶ୍ନକର୍ତ୍ତା :** ହଁ... ଅର୍ଥାତ ପ୍ରକୃତିର କୋପ, ତାହା ସମୂହର ହିଁ ପରିଣାମ ଅଟେ ନା! ଏହି ମରୁଡ଼ି ପଡ଼ିବା, ଏ କୌଣସି ଜାଗାରେ ଭୀଷଣ ବନ୍ୟା ଆସିଯିବା, କୌଣସି ଜାଗାରେ ଭୂକମ୍ପରେ ଲକ୍ଷଲକ୍ଷ ଲୋକଙ୍କର ମରିଯିବା ।

**ଦାଦାଶ୍ରୀ :** ସବୁ ଏହି ଲୋକମାନଙ୍କର ହିଁ ପରିଣାମ ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ ଯେଉଁ ସମୟରେ ଦଣ୍ଡ ମିଳିବାର ଥିବ, ସେତେବେଳେ ସେ କେଉଁଠୁ ବି ଟାଣି ହୋଇ ଏଠାକୁ ଆସିଯାଇଥାଏ ?

**ଦାଦାଶ୍ରୀ :** ପ୍ରକୃତି ହିଁ ତା'କୁ (ଟାଣି) ଆଣେ ସେଠାକୁ ଏବଂ ସିଝେଇ ଦିଏ, ସେକି ଦିଏ । ତା'କୁ ପ୍ଲେନ୍‌ରେ ନେଇ ପ୍ଲେନ୍‌କୁ ଖସାଇ ଦିଏ ।

**ପ୍ରଶ୍ନକର୍ତ୍ତା :** ହଁ, ଦାଦା । ଏପରି ଉଦାହରଣ ଦେଖିବାକୁ ମିଳେ ଯେ ଯିଏ ଯିବାର ଥିବ, ସେ କୌଣସି କାରଣବଶତ ରହିଯାଏ ଆଉ ଯିଏ କେବେ ବି ଯାଏ ନାହିଁ, ସେ ତା'ର ଟିକଟ୍ ନେଇ ଭିତରେ ବସିଯାଇଥାଏ । ପୁଣି ପ୍ଲେନ୍ ଖସି ଖଣ୍ଡ ଖଣ୍ଡ ହୋଇଯାଏ ।

**ଦାଦାଶ୍ରୀ :** ହିସାବ ଅଟେ ସବୁ । ପଦ୍ଧତିବଦ୍ଧ ନ୍ୟାୟ । ବିଲକୁଲ ଧର୍ମ ନିକିତି ପରି । କାହିଁକିନା ତାହାର ମାଲିକ କେହି ନାହିଁ । ଯଦି ମାଲିକ ଥାଆନ୍ତା ତେବେ ତ ଅନ୍ୟାୟ ହୋଇପାରନ୍ତା ।

**ପ୍ରଶ୍ନକର୍ତ୍ତା :** ଏୟାର୍-ଇଣ୍ଡିଆର ପ୍ଲେନ୍ ଭାଙ୍ଗିଗଲା । ତାହା ସମସ୍ତଙ୍କର *ନିମିତ୍ତ* ଥିଲା ? ଏହା ବ୍ୟବସ୍ଥିତ ଥିଲା ?

**ଦାଦାଶ୍ରୀ :** କେବଳ ହିସାବ । ହିସାବ ବିନା ତ କିଛି ବି ହୁଏ ନାହିଁ ।

## ପାପ-ପୁଣ୍ୟର ହୁଏ ନାହିଁ ପ୍ଲସ୍-ମାଇନସ୍

**ପ୍ରଶ୍ନକର୍ତ୍ତା :** କ'ଣ ପାପକର୍ମ ଏବଂ ପୁଣ୍ୟକର୍ମର ପ୍ଲସ୍-ମାଇନସ୍ ହୋଇ ନେଟ୍ ରେଜଲ୍ଟ ଆସେ, *ଭୋଗବଟା* (ସୁଖ ଅଥବା ଦୁଃଖର ପ୍ରଭାବ, ଭୋଗିବା) ରୂପରେ ?

**ଦାଦାଶ୍ରୀ :** ନା, ପ୍ଲସ୍-ମାଇନସ୍ ହୁଏ ନାହିଁ । କିନ୍ତୁ ତାହାର *ଭୋଗବଟା* କମ କରାଯାଇ ପାରିବ । ପ୍ଲସ୍-ମାଇନସ୍ ତ, ଯେବେଠୁ ଏହି ଦୁନିଆ ଅଛି ସେବେଠୁ ସେ ନିୟମ ହିଁ ନାହିଁ । ନହେଲେ, ଅକଲବାଲା ଲୋକେ ହିଁ ଲାଭ ଉଠାଇ ନିଅନ୍ତେ, ଏପରି କରି । କାହିଁକିନା ଶହେ ପୁଣ୍ୟ କରେ ଏବଂ ଦଶ ପାପ କରେ, ସେହି ଦଶକୁ ବାଦ୍ କରି ମୋର ନବେ ବଞ୍ଚିଛି, ଜମା କରିଦେବ, କହିବେ । ତେବେ ଅକଲବାଲାଙ୍କୁ ତ ମଜା ଆସିଯିବ ସମସ୍ତଙ୍କୁ । ଏ ତ କୁହନ୍ତି, ଏହି ପୁଣ୍ୟ ଭୋଗ ଆଉ ପୁଣି ପରେ ଦଶ ପାପ ଭୋଗ ।

**ପ୍ରଶ୍ନକର୍ତ୍ତା :** ଦାଦା, ମୋ ଦ୍ୱାରା ଯଦି ବିନା ଅହଙ୍କାରେ କୌଣସି ସତ୍‌କାର୍ଯ୍ୟ ହୁଏ ଅଥବା କୌଣସି ସଂସ୍ଥା କିମ୍ବା ହସ୍ପିଟାଲ୍ ଆଦିକୁ ପଇସା ଦିଏ ତେବେ ନିଜ କର୍ମ ଅନୁସାରେ ଯାହା ଭୋଗିବାର ଥାଏ, ତାହା କମ୍ ହୋଇଯାଏ, ଏହା ଠିକ କଥା ?

**ଦାଦାଶ୍ରୀ :** ନା, କମ ହୁଏ ନାହିଁ । କମ-ବେଶୀ ହୁଏ ନାହିଁ । ତାହାଦ୍ୱାରା ଅଲଗା କର୍ମବନ୍ଧନ ହୁଏ । ଅଲଗା ପୁଣ୍ୟକର୍ମ ବନ୍ଧନ ହୁଏ । କିନ୍ତୁ ଯଦି ଆମେ କାହାକୁ ମୁଥ ମାରି ଆସିଲେ, ତାହାର ଫଳ ତ ଭୋଗିବାକୁ ପଡ଼ିବ । ନହେଲେ, ଏସବୁ ବ୍ୟାପାରୀ ଲୋକ ତାହା ମାଇନସ୍ କରି କେବଳ ଫାଇଦା ହିଁ ରଖନ୍ତେ । ଏହା ଏପରି ନୁହେଁ । ନିୟମ ବହୁତ ସୁନ୍ଦର ଅଟେ । ଗୋଟିଏ ମୁଥ ଯଦି ମାରିଥିବ, ତାହାର ଫଳ ଆସିବ । ଶହେ ପୁଣ୍ୟରୁ ଦୁଇ ମାଇନସ୍ ହେବ ନାହିଁ । ଦୁଇ ପାପ ବି ରହିବ ଏବଂ ଶହେ ପୁଣ୍ୟ ବି ରହିବ । ଉଭୟ ଅଲଗା-ଅଲଗା ଭୋଗିବାର ଅଛି ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ ଏହି ଶୁଭ କର୍ମ କରନ୍ତି ଏବଂ ଅଶୁଭ କର୍ମ କରନ୍ତି, ଉଭୟର ଫଳ ଅଲଗା-ଅଲଗା ମିଳେ ?

**ଦାଦାଶ୍ରୀ :** ଅଶୁଭର ଅଶୁଭ ଫଳ ହିଁ ଆସେ । ଶୁଭର ଶୁଭ ଆସିବ । କିଛି ବି କମ-ବେଶୀ ହୁଏ ନାହିଁ । ଭଗବାନଙ୍କଠାରେ ନିୟମ କିପରି ? ଯେ ତୁମେ ଆଜି ଶୁଭ କର୍ମ କଲ ଅର୍ଥାତ ଶହେ ଟଙ୍କା ଦାନରେ ଦେଲ, ତେବେ ଶହେ ଟଙ୍କା ଜମା କରନ୍ତି ଆଉ କାହାକୁ ଗାଳି ଦେଇ ପାଞ୍ଚଟଙ୍କା ଉଧାର ଚଢ଼େଇଲ, ତେବେ ତୁମ ଖାତାରେ ଉଧାର ଲେଖି ଦିଅନ୍ତି । ସେ ପଞ୍ଚାନବେ ଜମା କରନ୍ତି ନାହିଁ । ସେ ପାଞ୍ଚଟଙ୍କା ଉଧାର ବି ଲେଖନ୍ତି ଏବଂ ଶହେ ଟଙ୍କା ଜମା ବି ଲେଖନ୍ତି । ବହୁତ ହିସାବବାଲା ଅଟନ୍ତି । ନହେଲେ ଏହି ବ୍ୟାପାରୀ ଲୋକଙ୍କୁ ପୁଣି ଦୁଃଖ ହିଁ ପଡ଼ନ୍ତା ନାହିଁ । ଏପରି ଯଦି ହୋଇଥାନ୍ତା ତେବେ ଜମା-ଉଧାର କରି ତାଙ୍କର ଜମା ହିଁ ରୁହନ୍ତା, ଆଉ ତେବେ ପୁଣି କେହି ମୋକ୍ଷରେ ଯାଆନ୍ତା ହିଁ ନାହିଁ । ଏଠାରେ ସାରାଦିନ କେବଳ ପୁଣ୍ୟ ହିଁ ଥାଆନ୍ତା । ପୁଣି କିଏ ଯାଇଥାନ୍ତା ମୋକ୍ଷରେ ? ନିୟମ ଏପରି ହିଁ ଅଟେ ଯେ ଶହେ ଜମା କରନ୍ତି ଏବଂ ପାଞ୍ଚଟଙ୍କା ଉଧାର ବି ଲେଖନ୍ତି । ବିୟୋଗ (ମାଇନସ୍) କରନ୍ତି ନାହିଁ । ସେଥିପାଇଁ ଯାହା ଜମା କରିଥିବ, ମନୁଷ୍ୟକୁ ପୁଣି ତାହା ଭୋଗିବାକୁ ପଡ଼େ, ସେହି ପୁଣ୍ୟ ପୁଣି ଭଲ ଲାଗେ ନାହିଁ, ବହୁତ ପୁଣ୍ୟ ଯଦି ଏକାଠି ହୋଇଥାଏ, ଦଶ ଦିନ, ପନ୍ଦର ଦିନ ଖାଏ ପିଏ, ସବୁ ବିବାହ ସମାରୋହ ଇତ୍ୟାଦି ଚାଲିଥିବ ତେବେ ଭଲ ଲାଗେ ନାହିଁ, ବିରକ୍ତ ଲାଗେ । ବହୁତ ପୁଣ୍ୟରେ ବି ବିରକ୍ତ ଲାଗେ, ବହୁତ ପାପରେ ବି ବିରକ୍ତ ଲାଗେ । ପନ୍ଦର ଦିନ ପର୍ଯ୍ୟନ୍ତ ସେଣ୍ଟ୍ ଏବଂ ଅତର ଏମିତି ଘସୁଥିବ, ବହୁତ ଖାଇବାକୁ ଦେଇଥିବ, ତଥାପି ଖେଚୁଡ଼ି ଖାଇବା ପାଇଁ ଘରକୁ ଦୌଡ଼ି ପଳାଏ । କାରଣ ଏହା ପ୍ରକୃତ(ଶାଶ୍ୱତ) ସୁଖ ନୁହେଁ । ଏହା କଳ୍ପିତ ସୁଖ ଅଟେ । ପ୍ରକୃତ ସୁଖ ପ୍ରତି କେବେ ବି ଅଭାବ ହୁଏ ନାହିଁ । ସେ ଆତ୍ମାର ଯେଉଁ ଶାଶ୍ୱତ ସୁଖ ଅଛି, ତାହା ପ୍ରତି କେବେ ଅଭାବ ହୁଏ ହିଁ ନାହିଁ । ଏହା ତ କଳ୍ପିତ ସୁଖ ଅଟେ ।

## କର୍ମବନ୍ଧନରୁ ମୁକ୍ତିର ମାର୍ଗ...

**ପ୍ରଶ୍ନକର୍ତ୍ତା :** ପୁନର୍ଜନ୍ମରେ କର୍ମବନ୍ଧନର ସମାଧାନ ଆଣିବାର ରାସ୍ତା କ'ଣ ? ମୋତେ ଏପରି ସାଧାରଣ ଜଣା ଅଛି ଯେ ପୂର୍ବ ଜନ୍ମରେ ଆମେ ଭଲ ଅଥବା ଖରାପ କର୍ମ ସବୁ କରିଛୁ ନିଶ୍ଚିତ, ତେବେ ସେଥିରୁ ମୁକୁଳିବାର ରାସ୍ତା କ'ଣ ?

**ଦାଦାଶ୍ରୀ :** ଯଦି କେହି ତୋତେ ହଇରାଣ କରୁଥିବ, ତେବେ ତୁ ଏବେ ବୁଝି ଯାଉଛୁ ଯେ ମୁଁ ଏହି ବ୍ୟକ୍ତି ସହ ପୂର୍ବଜନ୍ମରେ ଖରାପ କର୍ମ କରିଛି, ତାହାର ଏହା ସେ

ଫଳ ଦେଉଛି, ତେବେ ତୋତେ ଶାନ୍ତି ଏବଂ ସମତାର ସହ ତାହାର ନିବେଡ଼ା (ସମାଧାନ ପୂର୍ବକ ଅନ୍ତ) ଆଣିବାର ଅଛି । ନିଜଦ୍ୱାରା ଶାନ୍ତି ରହୁ ନାହିଁ ଆଉ ପୁଣି (ଅଲଗା) ବୀଜ ପକାଉଛୁ ତୁ । ଅତଃ ପୂର୍ବଜନ୍ମର ବନ୍ଧନ ଖୋଲିବାର ଗୋଟିଏ ହିଁ ରାସ୍ତା ଅଛି, ଶାନ୍ତି ଏବଂ ସମତା । ତା'ପାଇଁ ଖରାପ ବିଚାର ମଧ୍ୟ ନ ଆସିବା ଉଚିତ ଏବଂ ଏପରି ରହିବା ଉଚିତ ଯେ 'ମୋ ହିସାବ ହିଁ ଭୋଗୁଛି । ଏହା ସେ ଯାହା କିଛି ବି କରୁଛି, ତାହା ମୋ ପାପର ଆଧାରରେ ହିଁ ଅଟେ, ମୁଁ ମୋ ପାପ ହିଁ ଭୋଗୁଛି', ଏପରି ଲାଗିବା ଉଚିତ, ତେବେ ଛୁଟକାରା(ମୁକ୍ତି) ହେବ । ଆଉ ବାସ୍ତବରେ ତୁମର ହିଁ କର୍ମର ଉଦୟ କାରଣରୁ ସେ ଦୁଃଖ ଦିଏ । ସେ ତ *ନିମିତ୍ତ* ଅଟେ । ପୁରା ଜଗତ *ନିମିତ୍ତ* ଅଟେ, ଦୁଃଖ ଦେବାବାଲା, ରାସ୍ତାରେ ଶହେ ଡଲାର ନେଇ ଯିବାବାଲା, ସମସ୍ତେ *ନିମିତ୍ତ* ଅଟନ୍ତି । ହିସାବ ତୁମର ହିଁ ଅଟେ । ତୁମକୁ ଏହି ପ୍ରଥମ ନମ୍ବରର ପୁରସ୍କାର କେଉଁଠୁ ମିଳିଲା ? ଏ ଭାଇଙ୍କୁ କାହିଁକି ମିଳୁନାହିଁ ? ଶହେ ଡଲାର ନେଇଗଲେ, କ'ଣ ତାହା ପୁରସ୍କାର କୁହାଯିବ ନାହିଁ ?

## ପ୍ରାର୍ଥନାର ମହତ୍ୱ, କର୍ମ ଭୋଗିବା ସମୟରେ

**ପ୍ରଶ୍ନକର୍ତ୍ତା :** ଦାଦା, ମୁଁ ଏହି ପ୍ରଶ୍ନ ପଚାରିବାକୁ ଚାହୁଁଥିଲି ଯେ ପ୍ରାରବ୍ଧ ତ (ସ୍ଥିର) ହୋଇ ସାରିଛି, କାହାର ଦେହ ଖରାପ ହେବାର ଅଛି ଅଥବା କାହାର କିଛି କ୍ଷତି ହେବାର ଅଛି, ତେବେ ପ୍ରାର୍ଥନା ଦ୍ୱାରା ତାହାକୁ ବଦଳା ଯାଇ ପାରିବ ?

**ଦାଦାଶ୍ରୀ :** ଏପରି ଅଟେ, ପ୍ରାରବ୍ଧର ଭାଗ ଥାଏ । ପ୍ରାରବ୍ଧର ପ୍ରକାର ଥାଏ । ଏକ ପ୍ରକାର ଏପରି ଥାଏ ଯେ ତାହା ପ୍ରାର୍ଥନା କରିବା ଦ୍ୱାରା ଉଡ଼ିଯାଏ । ଦ୍ୱିତୀୟ ପ୍ରକାର ଏପରି ଅଟେ ଯେ ତୁମେ ସାଧାରଣ ପୁରୁଷାର୍ଥ କଲେ ଉଡ଼ିଯାଏ । ଆଉ ତୃତୀୟ ପ୍ରକାର ଏପରି ଅଟେ ଯେ ତୁମେ ପଛେ ଯେତେ ପୁରୁଷାର୍ଥ କର କିନ୍ତୁ ଭୋଗିବା ବିନା ଚାରା ହିଁ ରହେ ନାହିଁ । ବହୁତ ଗାଢ଼ ହୋଇଥାଏ । କେହି ବ୍ୟକ୍ତି ଆମ କପଡ଼ା ଉପରେ ଛେପ ପକାଇଲା, ତାହାକୁ ଏମିତି ଧୋଇବାକୁ ଯିବା ତେବେ ଯଦି ତାହା ହାଲୁକା(ଦାଗ) ହୋଇଥିବ ତେବେ ପାଣି ପକାଇଲେ ଧୋଇ ହୋଇଯିବ । ବହୁତ ଗାଢ଼ ଯଦି ହୋଇଥିବ ତେବେ ?

**ପ୍ରଶ୍ନକର୍ତ୍ତା :** ଯିବ ନାହିଁ ।

**ଦାଦାଶ୍ରୀ :** ସେହିପରି ଯେଉଁ କର୍ମ ଗାଢ଼ ହୋଇଥାଏ, ତାହାକୁ *ନିକାଚିତ୍*(ଯେଉଁ କର୍ମ ଭୋଗିବାକୁ ହିଁ ପଡ଼େ) କର୍ମ କହିଛନ୍ତି ।

**ପ୍ରଶ୍ନକର୍ତ୍ତା :** କିନ୍ତୁ କର୍ମ ଯଦି ବହୁତ ଗାଢ଼ ହୋଇଥିବ ତେବେ ପ୍ରାର୍ଥନା ଦ୍ୱାରା ମଧ୍ୟ କିଛି ଫରକ ପଡ଼େ ନାହିଁ ?

**ଦାଦାଶ୍ରୀ :** କିଛି ଫରକ ପଡ଼େ ନାହିଁ । କିନ୍ତୁ ପ୍ରାର୍ଥନା ଦ୍ୱାରା ସେହି ସମୟରେ ସୁଖ ଲାଗେ ।

**ପ୍ରଶ୍ନକର୍ତ୍ତା :** ଭୋଗିବାର ଶକ୍ତି ମିଳେ ?

**ଦାଦାଶ୍ରୀ :** ନା, ଏହା ତୁମକୁ ଯେଉଁ ଦୁଃଖ ଆସିଛି ନା, ଦୁଃଖରେ ସୁଖର ଭାଗ(ବିଭାଜନ) ହୁଏ, ପ୍ରାର୍ଥନା କାରଣରୁ । କିନ୍ତୁ ପ୍ରାର୍ଥନା ରହି ପାରିବା, ତାହା କଷ୍ଟକର ଅଟେ । ଯେବେ ସଂଯୋଗ ଖରାପ ଥିବ ଏବଂ ମନ ବିଗିଡ଼ି ଯାଇଥିବ, ସେହି ସମୟରେ ପ୍ରାର୍ଥନା ରହି ପାରିବା କଷ୍ଟକର ଅଟେ । ସେହି ସମୟରେ ଯଦି ରହେ ତେବେ ବହୁତ ଉତ୍ତମ କୁହାଯିବ । ସେତେବେଳେ ଦାଦା ଭଗବାନଙ୍କ ପରି କାହାକୁ ସ୍ମରଣ କରି ଡାକିବ ଯେ ଯିଏ ନିଜେ ଶରୀରରେ ରହୁ ନାହାନ୍ତି, ଶରୀରର ମାଲିକ ନୁହଁନ୍ତି, ତାଙ୍କୁ ଯଦି ସ୍ମରଣ କରି ଡାକିବ ତେବେ ତାହା ରହିବ, ନହେଲେ ରହିବ ନାହିଁ ।

**ପ୍ରଶ୍ନକର୍ତ୍ତା :** ନହେଲେ ସେହି ସଂଯୋଗରେ ପ୍ରାର୍ଥନା ମନେ ପଡ଼ିବ ନାହିଁ ?

**ଦାଦାଶ୍ରୀ :** ମନେ ହିଁ ପଡ଼ିବ ନାହିଁ । ସ୍ମରଣ ହିଁ ଉଡ଼ାଇ ଦିଏ, *ଭାନ୍* (ଜାଗୃତି) ପୁରା ଉଡ଼ିଯାଏ ।

## ଦେବୀ-ଦେବତାଙ୍କ ମାନସିକର ବନ୍ଧନ ?

**ପ୍ରଶ୍ନକର୍ତ୍ତା :** କୌଣସି ବି ଦେବୀ-ଦେବତାଙ୍କ ମାନସିକ ରଖିଲେ କର୍ମବନ୍ଧନ ହୁଏ କି ?

**ଦାଦାଶ୍ରୀ :** ମାନସିକ ରଖିଲେ କର୍ମବନ୍ଧନ ଅବଶ୍ୟ ହୁଏ । ମାନସିକ ଅର୍ଥାତ୍ କ'ଣ ଯେ ତାଙ୍କ ପାଖରୁ ଆମେ କୃପା ମାଗିଲେ । ଏଣୁ ସେ କୃପା କରନ୍ତି ମଧ୍ୟ ଏବଂ ତୁମେ ତାହାର ବଦଳମୂଲ୍ୟ ଦିଅ ଏବଂ ତାହାଦ୍ୱାରା ହିଁ କର୍ମବନ୍ଧନ ହୁଏ ।

**ପ୍ରଶ୍ନକର୍ତ୍ତା :** ସନ୍ଥପୁରୁଷଙ୍କ ସାନିଧ୍ୟରେ ରହିଲେ କର୍ମରୁ ମୁକୁଳି ହୁଏ କି ?

**ଦାଦାଶ୍ରୀ :** କର୍ମବନ୍ଧନ କମ ହୋଇଯାଏ ଏବଂ ପୁଣ୍ୟକର୍ମର ବନ୍ଧନ ହୁଏ, କିନ୍ତୁ ତାହା ତା'କୁ କ୍ଷତି ପହଞ୍ଚାଏ ନାହିଁ । ପାପର ବନ୍ଧନ ହୁଏ ନାହିଁ ।

## ଜାଗୃତି, କର୍ମବନ୍ଧନ ସାମନାରେ

**ପ୍ରଶ୍ନକର୍ତ୍ତା :** କର୍ମବନ୍ଧନ ନ ହେଉ, ତାହାର ଉପାୟ କ'ଣ ?

**ଦାଦାଶ୍ରୀ :** ଏହା କହିଲି ନା, ତୁରନ୍ତ ହିଁ ଭଗବାନଙ୍କୁ କହିଦେବ ଏହା, 'ଆରେରେ ! ମୁଁ ଏଭଳି ସବୁ ଖରାପ ବିଚାର କଲି । ଏବେ ଏମାନେ ଯେଉଁ ଆସିଛନ୍ତି ସେମାନେ ତ, ଯେପର୍ଯ୍ୟନ୍ତ ତାଙ୍କ ହିସାବ ଅଛି ସେପର୍ଯ୍ୟନ୍ତ ରହିବେ, କିନ୍ତୁ ମୋତେ ତ ଏପରି ହେଲା ଯେ 'ଏମାନେ ଏହି ଅବେଳରେ କେଉଁଠୁ ଆସିଗଲେ !' ଏହା ମୁଁ ହିସାବ ବାନ୍ଧିଲି । ସେଥିପାଇଁ କ୍ଷମା ମାଗୁଛି, ଆଉ ଏପରି କରିବି ନାହିଁ ।'

**ପ୍ରଶ୍ନକର୍ତ୍ତା :** କେହି ହତ୍ୟା କରେ ଏବଂ ପୁଣି ପଶ୍ଚାତାପ କରି ଭଗବାନଙ୍କୁ ଏପରି କୁହେ, ତେବେ କର୍ମରୁ କିପରି ମୁକୁଳି ଯାଏ ?

**ଦାଦାଶ୍ରୀ :** ହଁ, ମୁକୁଳିଯାଏ । ହତ୍ୟା କରି ଖୁସି ହୁଏ ତେବେ ଖରାପ କର୍ମର ବନ୍ଧନ ହୁଏ, ଆଉ ହତ୍ୟା କରି ଏପରି ପଶ୍ଚାତାପ କରିବା ଦ୍ୱାରା କର୍ମ ହାଲୁକା ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** କିଛି ବି କରୁ, ତଥାପି କର୍ମବନ୍ଧନ ତ ହେଲା ନା ?

**ଦାଦାଶ୍ରୀ :** ବନ୍ଧନରେ ଆସେ ଏବଂ ମୁକୁଳେ ମଧ୍ୟ । ହତ୍ୟା ହେଲା, ଅର୍ଥାତ ସେହି କର୍ମ ଗଲା । ସେହି ସମୟରେ ବନ୍ଧନ କେତେବେଳେ ହୁଏ ? ଯଦି ମନରେ ଏପରି ହୁଏ ଯେ ଏହି ହତ୍ୟା କରିବା ହିଁ ଦରକାର । ତେବେ ପୁଣି ନୂଆ ବନ୍ଧନ ହେଲା । ଏହି କର୍ମ(କର୍ମଫଳ) ଭୋଗିବା ସମୟରେ ଯଦି ପଶ୍ଚାତାପ କରେ, ତେବେ ମୁକ୍ତ ହୋଇଯିବ । ମାରିଲା, ତାହା ବହୁତ ବଡ଼ କ୍ଷତି କରେ । ଏହି ମାରିଲା, ତାହାଦ୍ୱାରା ଅପକୀର୍ତ୍ତି ହେବ, ଶରୀରରେ ନାନା ପ୍ରକାର ରୋଗ ଉତ୍ପନ୍ନ ହୋଇଯିବ । ଭୋଗିବାକୁ ପଡ଼ିବ । ଏଇଠି ହିଁ ଭୋଗିବାର ଅଛି । ନୂଆ ଗାଢ଼ କର୍ମବନ୍ଧନ ହେବ ନାହିଁ(ପଶ୍ଚାତାପ କରିବା ଦ୍ୱାରା) । ତାହା କର୍ମଫଳ ଅଟେ, ତାହା ଭୋଗିବାର ଅଛି । ମାରିଲା, ତାହା କର୍ମର ଉଦୟରୁ ହିଁ ମାରିଲା, ଆଉ ମାରିଲା ଅର୍ଥାତ୍ କର୍ମଫଳ ଭୋଗିବାକୁ ପଡ଼ିବ, କିନ୍ତୁ ହୃଦୟର ସହ ଯଦି ପଶ୍ଚାତାପ କରେ ତେବେ ନୂଆ କର୍ମ ଢିଲା ପଡ଼ିଯାଏ । ମାରିବାଦ୍ୱାରା ନୂଆ କର୍ମବନ୍ଧନ କେତେବେଳେ ହୁଏ ? ଯେ 'ମାରିବା ହିଁ ଉଚିତ'(ଏପରି ଭାବ କଲା), ତାହା ନୂଆ କର୍ମ । ରାଜି-ଖୁସିରେ ମାରେ ତେବେ ଗାଢ଼ କର୍ମବନ୍ଧନ ହୁଏ, ଆଉ ପଶ୍ଚାତାପ ସହିତ କରେ ତେବେ କର୍ମ ଢିଲା ପଡ଼ିଯାଏ । ଉଲ୍ଲାସରେ ବାନ୍ଧିଥିବା କର୍ମ ପଶ୍ଚାତାପ ଦ୍ୱାରା ନାଶ ହୁଏ ।

ଜଣେ ଗରିବ ବ୍ୟକ୍ତିକୁ ତା' ସ୍ତ୍ରୀ-ପିଲାମାନେ ହଇରାଣ କରୁଥିବେ ଯେ ତୁମେ ମାଂସ ଖୁଆଉ ନାହଁ । ତେବେ ସେ କୁହେ, 'ପଇସା ନାହିଁ, କ'ଣ ଖୁଆଇବି ?' ତେବେ (ସ୍ତ୍ରୀ) କୁହେ, 'ହରିଣ ମାରି ଆଣ ।' ତେବେ ଚୁପଚାପ ଯାଇ ହରିଣ ମାରି ନେଇ ଆସିଲା ଏବଂ ଖୁଆଇଲା । ଏବେ ଏହାଦ୍ୱାରା ତା'କୁ ଦୋଷ ଲାଗିଲା । ଆଉ ଜଣେ ରାଜାଙ୍କ ପୁତ୍ର ଥିଲା, ସେ ମଧ୍ୟ ସେହିପରି ଏକ ହରିଣ ଶିକାର କରିବାକୁ ଗଲା । ସେ ଶିକାର କରି ଖୁସି ହୋଇଗଲା । ଏବେ ହରିଣ ତ ଉଭୟ ମାରିଲେ । ରାଜାଙ୍କ ପୁତ୍ର ନିଜ ସଉକ ପାଇଁ ମାରିଲା, ଯେବେକି ସେ ଗରିବ ବ୍ୟକ୍ତି ଖାଇବା ପାଇଁ ମାରେ । ଏବେ ଯିଏ ଖାଏ, ତା'କୁ ତାହାର ଫଳ, ସେ ମନୁଷ୍ୟରୁ ପଶୁ ହୁଏ, ସେ ଗରିବ ବ୍ୟକ୍ତି ! ଆଉ ରାଜାଙ୍କ ପୁଅ ସଉକ ପାଇଁ କରେ, ଖାଏ ନାହିଁ । ସାମନାବାଲାକୁ ମାରିଦିଏ । ନିଜର କୌଣସି ବି ଲାଭ ବିନା, ନିଜକୁ ଅନ୍ୟ କୌଣସି ଲାଭ ହୁଏ ନାହିଁ ଆଉ ଅଯଥାରେ ଶୀକାର କରି ମାରିଦିଏ । ଏଣୁ ତାହାର ଫଳ ନର୍କଗତି ଆସେ । କର୍ମ ଏକ ପ୍ରକାରର ହିଁ ଅଟେ କିନ୍ତୁ ଭାବ ଅଲଗା-ଅଲଗା । ଗରିବ ବ୍ୟକ୍ତିକୁ ତ ତା' ପିଲାମାନେ ହଇରାଣ କରନ୍ତି, ସେଥିପାଇଁ ବିଚରା, ଆଉ ଇଏ ତ ସଉକ ପାଇଁ ଜୀବଙ୍କୁ ମାରେ । ଶୀକାରର ସଉକ ଥାଏ ନା ! ପୁଣି ହରିଣ ସେଇଠି ହିଁ ପଡ଼ି ରହିଥାଏ, ତା'କୁ କିଛି ନେବା-ଦେବା ନଥାଏ । କିନ୍ତୁ କ'ଣ କହେ ପୁଣି ? ଦେଖ, ଏକଜାକ୍ଟ ଲକ୍ଷ ସାଧିଲି ଏବଂ ଏହିପରି ଗଡ଼େଇ ଦେଲି ତା'କୁ । ଯଦି ଆମେ ଏହି ଟ୍ରାଫିକ୍‌ର ନିୟମ ସବୁ ବୁଝିବା ନାହିଁ, ତେବେ ପୁଣି ଟ୍ରାଫିକ୍‌ରେ ସାମ୍ନାସାମ୍ନି ମାରି ପକାଇବେ ନା ! କିନ୍ତୁ ତାହା ତ ଆସେ ସମସ୍ତଙ୍କୁ ! 'ଏହା' ଆସେ ଏପରି ନୁହେଁ, ସେଥିପାଇଁ ମୋ ପରି ଶିଖାଇବାବାଲା ଦରକାର ।

## ଫାଶୀଦଣ୍ଡର ଆଦେଶରେ ଜଜ୍‌କୁ କି ବନ୍ଧନ ?

ଜଣେ ଜଜ୍ ମୋତେ କହିଲେ ଯେ, 'ସାହେବ ଆପଣ ମୋତେ ଜ୍ଞାନ ତ ଦେଇଦେଲେ ଆଉ ଏବେ ମୋତେ ସେଠି କୋର୍ଟରେ ଫାଶୀ ଦଣ୍ଡ ଦେବା ଉଚିତ୍ ନା ନୁହେଁ ?' ତେବେ ମୁଁ ତାଙ୍କୁ କହିଲି, 'ଫାଶୀ ଦଣ୍ଡ ନଦେଲେ କ'ଣ କରିବ ତା'କୁ ?' ସେ କହିଲା, 'କିନ୍ତୁ ଯଦି ଦେବି ତେବେ ମୋତେ ଦୋଷ ଲାଗିବ ।'

ପୁଣି ମୁଁ ତା'କୁ ଉପାୟ ବତାଇଲି ଯେ ତୁମକୁ ଏହା କହିବାର ଅଛି ଯେ, 'ହେ ଭଗବାନ, ମୋ ଭାଗରେ ଏହି କାମ କେଉଁଠୁ ଆସିଲା ?' ଆଉ ହୃଦୟର ସହ ତାହାର ପ୍ରତିକ୍ରମଣ କରିବ । ଆଉ ପୁଣି, ଗଭର୍ନମେଣ୍ଟ(ସରକାର)ର ନିୟମ ଅନୁଯାୟୀ କାମ କରିଚାଲିବ ।

**ପ୍ରଶ୍ନକର୍ତ୍ତା :** କାହାକୁ ଆମେ ଦୁଃଖ ପହଞ୍ଚାଇବୁ ଏବଂ ପୁଣି ଆମେ ପ୍ରତିକ୍ରମଣ କରିନେବୁ, କିନ୍ତୁ ତା'କୁ ଭାରୀ ଆଘାତ-ଦୁଃଖ ହୋଇଥିବ ତେବେ ତାହାଦ୍ୱାରା ଆମକୁ କର୍ମବନ୍ଧନ ହେବ ନାହିଁ ?

**ଦାଦାଶ୍ରୀ :** ଆମେ ତା' ନାମରେ ପ୍ରତିକ୍ରମଣ କରିଚାଲିବା, ଏବଂ ତା'କୁ ଯେତେ ମାତ୍ରାରେ ଦୁଃଖ ହୋଇଥିବ, ସେତେ ମାତ୍ରାରେ ପ୍ରତିକ୍ରମଣ କରିବାକୁ ପଡ଼ିବ । ଆମକୁ ତ ପ୍ରତିକ୍ରମଣ କରିଚାଲିବାର ଅଛି, ଅନ୍ୟ ଉତ୍ତରଦାୟିତ୍ୱ ଆମର ନୁହେଁ ।

କୌଣସି ବି କାର୍ଯ୍ୟର ଯଦି ପଶ୍ଚାତାପ କର, ତେବେ ସେହି କାର୍ଯ୍ୟର ଫଳ ବାର ଅଣା ନାଶ ହୋଇ ହିଁ ଯାଏ । ପୁଣି ଜଳି ଯାଇଥିବା ଦଉଡ଼ି ଥାଏ ନା, ତାହା ପରି ଫଳ ଆସେ । ଆସନ୍ତା ଜନ୍ମରେ ସେହି ଜଳିଯାଇଥିବା ଦଉଡ଼ିକୁ ଖାଲି ଏମିତି କରିବା ମାତ୍ରେ ଉଡ଼ିଯିବ । କୌଣସି କ୍ରିୟା ଏମିତି ବେକାର ତ ଯାଏ ହିଁ ନାହିଁ । ପ୍ରତିକ୍ରମଣ କରିବାଦ୍ୱାରା ସେହି ଦଉଡ଼ି ଜଳିଯାଏ, କିନ୍ତୁ ଡିଜାଇନ୍ ସେମିତିକୁ ସେମିତି ରୁହେ । ଏବେ ଆସନ୍ତା ଜନ୍ମରେ କ'ଣ କରିବାକୁ ପଡ଼ିବ ? ଖାଲି ଏମିତି କଲ, ଝାଡ଼ି ଦେଲ ଅର୍ଥାତ ଉଡ଼ିଗଲା ।

## ଜପ-ତପ ଦ୍ୱାରା କର୍ମବନ୍ଧନ ହୁଏ ନା ନାଶ ହୁଏ ?

**ପ୍ରଶ୍ନକର୍ତ୍ତା :** ଜପ-ତପ ଦ୍ୱାରା କର୍ମବନ୍ଧନ ହୁଏ ନା କର୍ମ ନାଶ ହୁଏ ?

**ଦାଦାଶ୍ରୀ :** ସେଥିରେ କର୍ମବନ୍ଧନ ହିଁ ହୁଏ ନା ! ପ୍ରତ୍ୟେକ ବାବଦରେ କର୍ମବନ୍ଧନ ହିଁ ହୁଏ । ରାତିରେ ଶୋଇଯିବା ତେବେ ମଧ୍ୟ କର୍ମବନ୍ଧନ ହୁଏ, ଆଉ ଏ ଜପ-ତପ କରନ୍ତି ତାହାଦ୍ୱାରା ତ ବଡ଼ କର୍ମବନ୍ଧନ ହୁଏ । କିନ୍ତୁ ତାହା ପୁଣ୍ୟକର୍ମର ବନ୍ଧନ ହୁଏ । ତାହାଦ୍ୱାରା ଆସନ୍ତା ଜନ୍ମରେ ଭୌତିକ ସୁଖ ମିଳେ ।

**ପ୍ରଶ୍ନକର୍ତ୍ତା :** ତେବେ କର୍ମ ନାଶ କରିବା ପାଇଁ ଧର୍ମର ଶକ୍ତି କେତେ ?

**ଦାଦାଶ୍ରୀ :** ଧର୍ମ-ଅଧର୍ମ ଉଭୟ କର୍ମ ନାଶ କରିଦିଏ । ସାଂସାରିକ ବନ୍ଧନ ହୋଇଥିବା କର୍ମକୁ, ଯଦି ବିଜ୍ଞାନ ଥିବ ତେବେ ତୁରନ୍ତ କର୍ମର ନାଶ କରିଦିଏ । ଯଦି ବିଜ୍ଞାନ ଥିବ ତେବେ କର୍ମର ନାଶ ହୋଇଯାଏ । ଧର୍ମଦ୍ୱାରା ପୁଣ୍ୟ କର୍ମର ବନ୍ଧନ ହୁଏ, ଆଉ ଅଧର୍ମଦ୍ୱାରା ପାପକର୍ମର ବନ୍ଧନ ହୁଏ, ଆଉ ଆତ୍ମଜ୍ଞାନ ଦ୍ୱାରା କର୍ମର ନାଶ ହୋଇଯାଏ, ଭସ୍ମୀଭୂତ ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** ଯଦି ଧର୍ମ ଏବଂ ଅଧର୍ମ, ଉଭୟକୁ ନାଶ କରିଦିଏ ତେବେ ତାହାକୁ

ଧର୍ମ କିପରି କହି ପାରିବା ?

**ଦାଦାଶ୍ରୀ :** ଧର୍ମଦ୍ୱାରା ପୁଣ୍ୟ କର୍ମର ବନ୍ଧନ ହୁଏ ଏବଂ ଅଧର୍ମଦ୍ୱାରା ପାପ କର୍ମର ବନ୍ଧନ ହୁଏ । ଏବେ ଯଦି କେହି ଚଟକଣା ମାରିଦିଏ ତେବେ କ'ଣ ହେବ ? କେହି ଯଦି ଚଟକଣା ମାରେ ତେବେ କ'ଣ କରିବ ତୁମେ ? ତା'କୁ ଦି'ଟା ଲଗେଇ ଦେବ ନା ! ଡବଲ କରିକି ଦେବ । କ୍ଷତି ନକରାଇ ଡବଲ କରିକି ଦିଅନ୍ତି । ତାହା ତୁମର ପାପର ଉଦୟ ଆସିଲା, ସେଥିପାଇଁ ତା'ର ଚଟକଣା ମାରିବାକୁ ମନ ହେଲା । ତୁମ କର୍ମର ଉଦୟ ତୁମକୁ ଅନ୍ୟ ପାଖରୁ ଚଟକଣା ଖୁଆଏ, ମାରିବାବାଲା ତ *ନିମିତ୍ତ* ହେଲା । ଏବେ ଯଦି କେହି ଗୋଟିଏ ଚଟକଣା ଦିଏ, ତେବେ ଆମକୁ କହିଦେବାର ଅଛି ଯେ 'ସରିଗଲା ହିସାବ ଆମର, ମୁଁ ଜମା କରିନେଉଛି', ଏବଂ ଜମା କରିନିଅ । ପୂର୍ବେ ଦେଇଥିଲ, ତାହା ଫେରାଇ ଦେଇ ଗଲା । ଜମା କରି ଦେବାର ଅଛି, ନୂଆ ଉଧାର ଦେବାର ନାହିଁ । ଭଲ ଲାଗୁଥିବ ତେବେ ଉଧାର ଦିଅ । ଭଲ ଲାଗେ କି ? ନା ? ତେବେ ତା'କୁ ନୂଆ ଉଧାର ଦିଅ ନାହିଁ ।

ନିଜର ପୁଣ୍ୟର ଉଦୟକର୍ମ ହୋଇଥିବ ତେବେ ସାମ୍ନାବ୍ୟକ୍ତି ଭଲ କୁହେ ଏବଂ ପାପର ଉଦୟକର୍ମ ହୋଇଥିବ ତେବେ ସାମ୍ନାବ୍ୟକ୍ତି ଗାଳି ଦିଏ । ସେଥିରେ ଦୋଷ କାହାର ? ସେଥିପାଇଁ ଆମକୁ କହିବାର ଅଛି ଯେ 'ଉଦୟକର୍ମ ମୋର ହିଁ ଅଟେ ଏବଂ ସାମ୍ନାବାଲା ତ *ନିମିତ୍ତ* ଅଟେ ।' ଏପରି କରିବାଦ୍ୱାରା ଆମ ଦୋଷର *ନିର୍ଜରା* (ଆତ୍ମପ୍ରଦେଶରୁ କର୍ମ ଅଲଗା ହେବା) ହୋଇଯିବ ଏବଂ ନୂଆ ବନ୍ଧନ ହେବ ନାହିଁ ।

## କର୍ମ-ଅକର୍ମ ଦଶାର ସ୍ଥିତି

**ପ୍ରଶ୍ନକର୍ତ୍ତା :** ମୁଁ ଏପରି ମାନୁଛି ଯେ କୌଣସି ବି ଖରାପ କାମ କଲେ କର୍ମବନ୍ଧନ ତ ହେବ ନିଶ୍ଚିତ ।

**ଦାଦାଶ୍ରୀ :** ତେବେ କ'ଣ ଭଲ କର୍ମର ବନ୍ଧନ ନାହିଁ ?

**ପ୍ରଶ୍ନକର୍ତ୍ତା :** ଭଲ ଏବଂ ଖରାପ, ଉଭୟରୁ କର୍ମବନ୍ଧନ ହୁଏ ନା !

**ଦାଦାଶ୍ରୀ :** ଆରେ ! ଏବେ ବି ତୁମେ କର୍ମ ବାନ୍ଧୁଛ । ଏବେ ତୁମେ ବଡ଼ ପୁଣ୍ୟର କର୍ମ ବାନ୍ଧୁଛ ! କିନ୍ତୁ କର୍ମବନ୍ଧନ ହୁଏ ନାହିଁ, ସେପରି ଦିନ କେବେ ଆସେ ନାହିଁ ନା ? ତାହାର କ'ଣ କାରଣ ହୋଇଥିବ ?

**ପ୍ରଶ୍ନକର୍ତ୍ତା :** କୌଣସି ନା କୌଣସି ପ୍ରବୃତ୍ତି ତ କରୁଥିବୁ ନା, ଭଲ ଅଥବା ଖରାପ ?

**ଦାଦାଶ୍ରୀ :** ହଁ, କିନ୍ତୁ କ'ଣ ଏପରି ରାସ୍ତା ନଥିବ ଯେ କର୍ମବନ୍ଧନ ନ ହେବ ? ଭଗବାନ ମହାବୀର କିପରି କର୍ମ ନବାନ୍ଧି ମୁକ୍ତ ହୋଇଥିବେ ? ଏହି ଦେହ ଅଛି ଅର୍ଥାତ କର୍ମ ତ ହୋଇ ଚାଲିବ ! ପାଇଖାନା ଯିବାକୁ ପଡ଼େ, ସବୁକିଛି କରିବାକୁ ପଡ଼େ ନାହିଁ ?

**ପ୍ରଶ୍ନକର୍ତ୍ତା :** ହଁ, କିନ୍ତୁ ଯେଉଁ କର୍ମ ବାନ୍ଧିଥିବୁ ତାହାର ଫଳ ପୁଣି ଭୋଗିବାକୁ ପଡ଼େ ନା !

**ଦାଦାଶ୍ରୀ :** ଯଦି କର୍ମ ବାନ୍ଧିବା ତେବେ ତ ପୁଣି ପରଜନ୍ମ ହେବା ବିନା ରହିବ ନାହିଁ । ଅର୍ଥାତ୍ କର୍ମ ବାନ୍ଧିଲେ ପରଜନ୍ମରେ ଯିବାକୁ ପଡ଼ିବ ! କିନ୍ତୁ ଏହି ଜନ୍ମରେ ମହାବୀରଙ୍କୁ ପରଜନ୍ମରେ ଯିବାକୁ ପଡ଼ି ନଥିଲା, ତେବେ କିଛି ରାସ୍ତା ତ ଥିବ ନା ? କର୍ମ କରିବା ସତ୍ତ୍ୱେ ମଧ୍ୟ କର୍ମବନ୍ଧନ ହେବ ନାହିଁ, ଏପରି ?

**ପ୍ରଶ୍ନକର୍ତ୍ତା :** ଥିବ ।

**ଦାଦାଶ୍ରୀ :** କ'ଣ ତୁମକୁ ଏପରି ଇଚ୍ଛା ହେଉଛି ଯେ କର୍ମବନ୍ଧନ ନ ହେଉ ? କର୍ମ କରିବା ସତ୍ତ୍ୱେ ମଧ୍ୟ କର୍ମବନ୍ଧନ ହୁଏ ନାହିଁ ଏପରି ବିଜ୍ଞାନ ଥାଏ । ସେହି ବିଜ୍ଞାନକୁ ଯଦି ଜାଣିବ ତେବେ ମୁକ୍ତ ହୋଇଯିବ ।

## ବାଧକ ଅଟେ ଅଜ୍ଞାନତା, କର୍ମ ନୁହେଁ ରେ...

**ପ୍ରଶ୍ନକର୍ତ୍ତା :** ଆମ କର୍ମର ଫଳସ୍ୱରୂପ ହିଁ ଏହି ଜନ୍ମ ମିଳେ ନା ?

**ଦାଦାଶ୍ରୀ :** ହଁ, ପୁରା ଜୀବନ କର୍ମର ଫଳ ଭୋଗିବାର ଅଛି ! ଆଉ ଯଦି ରାଗ୍-ଦ୍ୱେଷ(ପସନ୍ଦ-ନାପସନ୍ଦ) କରିବା ତେବେ ସେଥିରୁ ନୂଆ କର୍ମ ଉତ୍ପନ୍ନ ହୁଏ । ଯଦି ରାଗ୍-ଦ୍ୱେଷ ନକରିବା ତେବେ କିଛି ବି ନାହିଁ ।

କର୍ମରେ ଅସୁବିଧା ନାହିଁ, କର୍ମ ତ, ଏହି ଶରୀର ଅଛି ଏଣୁ କର୍ମ ହେବ ନିଶ୍ଚିତ, କିନ୍ତୁ ରାଗ୍-ଦ୍ୱେଷ କରିବାରେ ଅସୁବିଧା ଅଛି । ବୀତରାଗ କ'ଣ କୁହନ୍ତି ଯେ ବୀତରାଗ ହୁଅ ।

ଏହି ଦୁନିଆରେ ଭଲା କୌଣସି ବି କାମ କର କିନ୍ତୁ ସେଥିରେ କାମର ମୂଲ୍ୟ

ନାହିଁ । ଯଦି ତାହା ପଛରେ ରାଗ୍-ଦ୍ୱେଷ ହୁଏ, ତେବେଯାଇ ପରଜନ୍ମର ହିସାବ ବାନ୍ଧି ହୁଏ । ରାଗ୍-ଦ୍ୱେଷ ଯଦି ହେଉ ନଥିବ, ତେବେ ଉତ୍ତରଦାୟିତ୍ୱ ନାହିଁ ।

ପୁରା ଦେହ, ଜନ୍ମରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ଅନିବାର୍ଯ୍ୟ ଅଟେ । ସେଥିରେ ଯେଉଁ ରାଗ୍-ଦ୍ୱେଷ ହୁଏ, କେବଳ ସେତିକି ହିସାବର ବନ୍ଧନ ହୁଏ ।

ସେଥିପାଇଁ ବୀତରାଗ କ'ଣ କୁହନ୍ତି ଯେ ବୀତରାଗ ହୋଇ ମୋକ୍ଷରେ ଚାଲିଯାଅ ।

ମୋତେ ତ ଯଦି କେହି ଗାଳି ଦିଏ ତେବେ ମୁଁ ଜାଣେ ଯେ ଏହା ଅମ୍ବାଲାଲ ପଟେଲକୁ ଗାଳି ଦେଉଛି, *ପୁଦଗଲ୍* (ଯାହା ପୂରଣ ଏବଂ ଗଳନ ହୁଏ) କୁ ଗାଳି ଦେଉଛି । ଆତ୍ମାକୁ ତ ସେ ଜାଣି ପାରେ ନାହିଁ, ଚିହ୍ନି ପାରେ ନାହିଁ ନା, ସେଥିପାଇଁ 'ମୁଁ' ସ୍ୱୀକାର କରେ ନାହିଁ । 'ମୋତେ' ସ୍ପର୍ଶ ହିଁ କରେ ନାହିଁ, ମୁଁ ବୀତରାଗ ରହେ । ମୋତେ ତା'ଉପରେ ରାଗ୍-ଦ୍ୱେଷ ହୁଏ ନାହିଁ । ସେଥିପାଇଁ ପୁଣି ଏକ ଅବତାରୀ ଅଥବା ଦୁଇ ଅବତାରୀ ହୋଇ ସବୁ ସମାପ୍ତ ହୋଇଯିବ ।

ବୀତରାଗ ଏତିକି ହିଁ କହିବାକୁ ଚାହାଁନ୍ତି ଯେ 'କର୍ମ ବାଧକ ନୁହେଁ, ତୋ ଅଜ୍ଞାନତା ବାଧକ ଅଟେ !' ଅଜ୍ଞାନତା କାହାର ? 'ମୁଁ କିଏ' ତାହାର । ଦେହ ଅଛି ସେପର୍ଯ୍ୟନ୍ତ କର୍ମ ତ ହୋଇଚାଲିବ, କିନ୍ତୁ ଯଦି ଅଜ୍ଞାନ ଯିବ ତେବେ କର୍ମବନ୍ଧନ ବନ୍ଦ ହୋଇଯିବ !

## କର୍ମର ନିର୍ଜରା କେବେ ହୁଏ ?

**ପ୍ରଶ୍ନକର୍ତ୍ତା :** କର୍ମ ହେବା କେବେ ଅଟକେ ?

**ଦାଦାଶ୍ରୀ :** 'ମୁଁ ଶୁଦ୍ଧାତ୍ମା ଅଟେ' ତାହାର ଅନୁଭବ ହେବା ଦରକାର । ଅର୍ଥାତ୍ ତୁ ଯଦି ଶୁଦ୍ଧାତ୍ମା ହୋଇଯିବୁ, ତାହା ପରେ କର୍ମବନ୍ଧନ ଅଟକିବ । କର୍ମର *ନିର୍ଜରା* ହୋଇ ଚାଲିବ ଏବଂ କର୍ମ ହେବା ଅଟକି ଯିବ !

ଅର୍ଥାତ କର୍ମବନ୍ଧନ ନ ହେଉ, ତାହାର ରାସ୍ତା କ'ଣ ? ଯେ ସ୍ୱଭାବ-ଭାବରେ ଆସିଯିବା । ଯେବେ 'ଜ୍ଞାନୀପୁରୁଷ' ନିଜ ସ୍ୱରୂପର *ଭାନ୍* (ସାକ୍ଷାତ୍କାର) କରାଇ ଦିଅନ୍ତି, ତାହାପରେ କର୍ମବନ୍ଧନ ହୁଏ ନାହିଁ । ପରେ ନୂଆ କର୍ମ ଚାର୍ଜ ହୁଏ ନାହିଁ । ପୁରୁଣା କର୍ମ ଡିସ୍‌ଚାର୍ଜ ହୋଇଚାଲେ ଏବଂ ଯେବେ ସବୁ କର୍ମ ପୂରା ହୋଇଯାଏ, ତେବେ ଶେଷରେ ମୋକ୍ଷ ହୁଏ !

ଏହି କର୍ମର କଥା ତୁମକୁ ବୁଝା ପଡ଼ିଲା ? ଯଦି କର୍ତ୍ତା ହେବ ତେବେ କର୍ମବନ୍ଧନ ହେବ । ଏବେ ଯଦି କର୍ତ୍ତାପଣ ଚାଲିଯାଏ, ତେବେ ପୁଣି କର୍ମବନ୍ଧନ ହେବ ନାହିଁ । ଅର୍ଥାତ୍ ତୁମେ ଆଜି କର୍ମ ବାନ୍ଧୁଅଛ, କିନ୍ତୁ ଯେବେ ମୁଁ ତୁମର କର୍ତ୍ତାପଣ ଛଡ଼ାଇ ଦେବି, ତା'ପରେ ତୁମକୁ କର୍ମବନ୍ଧନ ହେବ ନାହିଁ ଏବଂ ଯାହା ପୁରୁଣା ଅଛି ତାହା ଭୋଗି ନେବାର ଅଛି । ଅର୍ଥାତ୍ ପୁରୁଣା ହିସାବ ସୁଝିଯିବ ଏବଂ 'କଜ୍' ଉତ୍ପନ୍ନ ହେବ ନାହିଁ । କେବଳ 'ଇଫେକ୍ଟ' ହିଁ ରହିବ ଆଉ ପୁଣି ଇଫେକ୍ଟ ବି ପୁରାପୁରି ଭୋଗିନିଆ ଗଲା ଅର୍ଥାତ ସମ୍ପୂର୍ଣ୍ଣ ମୋକ୍ଷ ହୋଇଗଲା !

**- ଜୟ ସଚ୍ଚିଦାନନ୍ଦ**

## ପ୍ରତିକ୍ରମଣ ବିଧି

ପ୍ରତ୍ୟକ୍ଷ ଦାଦା ଭଗବାନଙ୍କ ସାକ୍ଷୀରେ, ଦେହଧାରୀ ......... (ଯାହା ପ୍ରତି ଦୋଷ ହୋଇଥିବ, ସେ ବ୍ୟକ୍ତିର ନାମ)ର ମନ-ବଚନ-କାୟାର ଯୋଗ, ଭାବକର୍ମ-ଦ୍ରବ୍ୟକର୍ମ-ନୋକର୍ମରୁ ଭିନ୍ନ, ଏପରି ହେ ଶୁଦ୍ଧାତ୍ମା ଭଗବାନ ! ଆପଣଙ୍କ ସାକ୍ଷୀରେ, ଆଜି ଦିନ ପର୍ଯ୍ୟନ୍ତ ମୋ ଦ୍ୱାରା ଯେଉଁ ଯେଉଁ ★★ ଦୋଷ ହୋଇଛି, ସେ ସବୁ ପାଇଁ ମୁଁ କ୍ଷମା ମାଗୁଛି, ହୃଦୟପୂର୍ବକ ବହୁତ ପଶ୍ଚାତାପ କରୁଛି । ମୋତେ କ୍ଷମା କରନ୍ତୁ ଏବଂ ପୁଣି ଏପରି ଦୋଷ କେବେ ମଧ୍ୟ କରିବି ନାହିଁ, ଏପରି ଦୃଢ଼ 'ନିଶ୍ଚୟ' କରୁଛି । ସେଥିପାଇଁ ମୋତେ ପରମ ଶକ୍ତି ଦିଅନ୍ତୁ ।

★★ କ୍ରୋଧ-ମାନ-ମାୟା-ଲୋଭ, ବିଷୟ-ବିକାର, କଷାୟ ଆଦି ଦ୍ୱାରା ସେହି ବ୍ୟକ୍ତିକୁ ଯାହା ବି ଦୁଃଖ ପହଞ୍ଚାଇ ଥିବ, ସେ ଦୋଷଗୁଡ଼ିକୁ ମନରେ ସ୍ମରଣ କରନ୍ତୁ ।

❖ ❖ ❖

## ମୂଳ ଗୁଜରାଟୀ ଶବ୍ଦର ସମାର୍ଥକ ଶବ୍ଦ

ଭୋଗବଟା : ସୁଖ-ଦୁଃଖର ପ୍ରଭାବ

*ପୋଲ୍* : ଘୋଟାଲା,ଗଡ଼ବଡ଼

*ଭାନ୍* : ଜାଗୃତି, ହୋସ୍

*ଅଣହକ୍କ* : ଅବୈଧ,ଯାହା ନିଜ ହକ୍ ର ନୁହେଁ

*ନିମିତ୍ତ* : ମାଧ୍ୟମ

*ନିର୍ଜରା* : ଆତ୍ମ ପ୍ରଦେଶରୁ କର୍ମ ଅଲଗା ହେବା

*ଉପାଧି* : ବାହାରୁ ଆସୁଥିବା ଦୁଃଖ

*ଉପରୀ* : ବରିଷ୍ଠ ମାଲିକ, ବୋସ୍

ନିଶ୍ଚୟ : ସଂକଳ୍ପ

*ପୁଦଗଲ୍* : ଯାହା ପୂରଣ ଏବଂ ଗଳନ ହୁଏ

*ବଳଗଣା* : ଫାଶ, ବନ୍ଧନ

ରାଗ୍-ଦ୍ୱେଷ : ଖୁସି ହେବା-ଚିଡ଼ିବା, ପସନ୍ଦ-ନାପସନ୍ଦ

ନିକାଚିତ୍ : ଯେଉଁ କର୍ମ ଭୋଗିବାକୁ ହିଁ ପଡ଼େ

ବୀତରାଗ : ରାଗ୍ ଦ୍ୱେଷ ରହିତ

*ଉଟକଣ* : ଉଟକିବା

## ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ପ୍ରକାଶିତ ପୁସ୍ତକ

### ହିନ୍ଦୀ


୧. ଜ୍ଞାନୀପୁରୁଷ କୀ ପେହଚାନ୍
୨. ସର୍ବ ଦୁଃଖୋଁ ସେ ମୁକ୍ତି
୩. ଆତ୍ମବୋଧ
୪. ବର୍ତ୍ତମାନ ତୀର୍ଥଙ୍କର ଶ୍ରୀ ସୀମନ୍ଧର ସ୍ୱାମୀ
୫. ଦାଦା ଭଗବାନ କୌନ୍ ?
୬. ପୈସୋଁ କା ବ୍ୟବହାର
୭. ପ୍ରେମ
୮. ସମଝ୍ ସେ ପ୍ରାପ୍ତ ବ୍ରହ୍ମଚର୍ଯ୍ୟ (ସଂ.)
୯. ଦାନ
୧୦. ନିଜଦୋଷ ଦର୍ଶନ ସେ... ନିର୍ଦ୍ଦୋଷ
୧୧. ପତି-ପତ୍ନୀ କା ଦିବ୍ୟ ବ୍ୟବହାର
୧୨. କ୍ଲେଶ ରହିତ ଜୀବନ
୧୩. ଗୁରୁ-ଶିଷ୍ୟ
୧୪. ଅହିଂସା
୧୫. ସତ୍ୟ-ଅସତ୍ୟ କେ ରହସ୍ୟ
୧୬. ଚମତ୍କାର
୧୭. ବାଣୀ, ବ୍ୟବହାର ମେ...
୧୮. ସହଜତା
୧୯. ଆପ୍ତବାଣୀ - ୧
୨୦. ଆପ୍ତବାଣୀ - ୨
୨୧. ଆପ୍ତବାଣୀ - ୩
୨୨. ଆପ୍ତବାଣୀ - ୪
୨୩. ଆପ୍ତବାଣୀ - ୫
୨୪. ଆପ୍ତବାଣୀ - ୬
୨୫. ଆପ୍ତବାଣୀ - ୭
୨୬. ଆପ୍ତବାଣୀ - ୮
୨୭. ଆପ୍ତବାଣୀ - ୯
୨୮. ଆପ୍ତବାଣୀ - ୧୩ (ପୂର୍ବାର୍ଦ୍ଧ - ଉତ୍ତରାର୍ଦ୍ଧ)
୨୯. ଆପ୍ତବାଣୀ - ୧୪ (ଭାଗ-୧)
୩୦. ସମଝ୍ ସେ ପ୍ରାପ୍ତ ବ୍ରହ୍ମଚର୍ଯ୍ୟ (ପୂର୍ବାର୍ଦ୍ଧ - ଉତ୍ତରାର୍ଦ୍ଧ)
୩୧. ଜ୍ଞାନୀ ପୁରୁଷ (ଭାଗ-୧)
୩୨. ପ୍ରତିକ୍ରମଣ (ଗ୍ରନ୍ଥ)


### ଓଡ଼ିଆ ପୁସ୍ତକ :


୧. ଆତ୍ମସାକ୍ଷାତ୍କାର
୨. ଚିନ୍ତା
୩. କ୍ରୋଧ
୪. ମାନବ ଧର୍ମ
୫. ମୁଁ କିଏ ?
୬. ତ୍ରିମନ୍ତ୍ର
୭. ପାପ-ପୁଣ୍ୟ
୮. ସେବା ପରୋପକାର
୯. ପ୍ରତିକ୍ରମଣ
୧୦. କର୍ମର ବିଜ୍ଞାନ
୧୧. ଜଗତ କର୍ତ୍ତା କିଏ ?
୧୨. କର୍ମର ସିଦ୍ଧାନ୍ତ
୧୩. ଘର୍ଷଣ ଟାଳନ୍ତୁ
୧୪.ଏଡ଼ଜଷ୍ଟ ଏଭ୍ରିହ୍ୱେୟାର
୧୫. ଯିଏ ଭୋଗେ ତା'ର ଭୁଲ
୧୬. ଯାହା ହେଲା ତାହା ନ୍ୟାୟ
୧୭. ଭାବନା ସୁଧାରେ ଜନ୍ମୋଜନ୍ମ
୧୮. ମାତା-ପିତା ଏବଂ ପିଲାଙ୍କ ବ୍ୟବହାର
୧୯. ମୃତ୍ୟୁ ସମୟରେ, ପୂର୍ବରୁ ଏବଂ ପରେ
୨୦. ଅନ୍ତଃକରଣର ସ୍ୱରୂପ


★ ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ଗୁଜରାଟୀ ଭାଷାରେ ମଧ୍ୟ ଅନେକ ପୁସ୍ତକ ପ୍ରକାଶିତ ହୋଇଛି । ୱେବସାଇଟ୍ **www.dadabhagwan.org** ଏବଂ **Dadabhagwan App** ରେ ମଧ୍ୟ ଆପଣ ଏ ସମସ୍ତ ପୁସ୍ତକ ପ୍ରାପ୍ତ କରିପାରିବେ ।

★ ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ପ୍ରତ୍ୟେକ ମାସ ହିନ୍ଦୀ, ଗୁଜରାଟୀ ତଥା ଇଂରାଜୀ ଭାଷାରେ "ଦାଦାବାଣୀ" ମାଗାଜିନ୍ ପ୍ରକାଶିତ ହେଉଛି ।

★ ଉପରୋକ୍ତ ଓଡ଼ିଆ ପୁସ୍ତକ ହିନ୍ଦୀ ଭାଷାରେ ମଧ୍ୟ ଉପଲବ୍ଧ ।

# ସମ୍ପର୍କ ସୂତ୍ର

## ଦାଦା ଭଗବାନ ପରିବାର


ଅଡ଼ାଲଜ : ତ୍ରିମନ୍ଦିର, ସୀମନ୍ଧର ସିଟୀ, ଅହମଦାବାଦ-କଲୋଲ ହାଇୱେ,
ପୋଷ୍ଟ-ଅଡ଼ାଲଜ,ଜିଲ୍ଲା-ଗାନ୍ଧୀନଗର, ଗୁଜରାଟ-382421
ଫୋନ-9328661166, 9328661177
**E-mail :** info@dadabhagwan.org

ମୁମ୍ବାଇ : ତ୍ରିମନ୍ଦିର, ଋଷିବନ, କାଜୁପାଡା, ବୋରିବଲି (E)
ଫୋନ-9323528901

| | | | |
|---|---|---|---|
| ଦିଲ୍ଲୀ | 9810098564 | ବେଙ୍ଗାଲୁରୁ | 9590979099 |
| କୋଲକତା | 9830080820 | ହାଇଦ୍ରାବାଦ | 9885058771 |
| ଚେନ୍ନାଇ | 7200740000 | ପୁନେ | 7218473468 |
| ଜୟପୁର | 8890357990 | ଜଲନ୍ଧର | 9814063043 |
| ଭୋପାଳ | 6354602399 | ଚଣ୍ଡିଗଡ | 9780732237 |
| ଇନ୍ଦୋର | 6354602400 | କାନପୁର | 9452525981 |
| ରାୟପୁର | 9329644433 | ସାଙ୍ଗଲୀ | 9423870798 |
| ପାଟନା | 7352723132 | ଭୁବନେଶ୍ୱର | 8763073111 |
| ଅମରାବତୀ | 9422915064 | ବାରାଣସୀ | 9795228541 |

**U.S.A** : **DBVI, Tel . :**+1 877-505-DADA (3232),
**Email :** info@us.dadabhagwan.org

**U.K.** : +44 330-111-DADA (3232)

**Kenya** : +254 722 722 063

**UAE** : +971 557316937

**Dubai** : +971 501364530

**Australia** : +61 421127947

**New Zealand** : +64 21 0376434

**Singapore** : +65 81129229

**www.dadabhagwan.org**



## କର୍ତ୍ତାଭାବରୁ କର୍ମବନ୍ଧନ !

କର୍ମବନ୍ଧନ କିପରି ହୁଏ ? 'ମୁଁ କରୁଛି' ଏହା କର୍ତ୍ତାଭାବଅଟେ । କରୁଛି ଅନ୍ୟ କେହି, ଆଉ ଆରୋପଣ କରୁଛି ଯେ ମୁଁ କଲି । ଏହି କର୍ତ୍ତାଭାବରୁ କର୍ମବନ୍ଧନ ହୁଏ । ଏବେ 'କର୍ତ୍ତା କିଏ' ଏହା ଜାଣିବାକୁ ପଡ଼ିବ, ଫଳରେ ଆଉ କର୍ମବନ୍ଧନ ହେବ ନାହିଁ ଏବଂ ମୁକ୍ତି ହୋଇଯିବ !

-ଦାଦାଶ୍ରୀ

dadabhagwan.org

9 789390 664825

Printed in India

Price ₹40